

ମୁହଁ ଖୋଲିଲେ ଜାହ୍ନବୀ

▶ଭିତର ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-314 ♦BHUBANESWAR ♦SATURDAY ♦11 MAY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୪ ♦ଭୁବନେଶ୍ୱର ♦ଶନିବାର ♦୧୧ ମେ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦



## ଆମ ଲକ୍ଷ୍ୟ ଓଡ଼ିଶା ନଂ 1

ବିଜୁ ଜନତା ଦଳ



## ଲୋକଙ୍କ ଘୋଷଣାପତ୍ର - ୨୦୨୪



### ଯୁବବର୍ଗ

- ସ୍ୱତନ୍ତ୍ର ଯୁବ ବଜେଟ୍ ଆଣିବାରେ ଓଡ଼ିଶା ହେବ ପ୍ରଥମ ରାଜ୍ୟ।
- ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ୍।
- ୧ ହଜାର କୋଟି ବଜେଟ୍ ଉପରେ ନିଜ ନିଷ୍ପତ୍ତି ନେବେ ଯୁବବର୍ଗ।
- ନୂଆ-ଓ ଛାତ୍ରବୃତ୍ତିରେ ଛାତ୍ରୀଙ୍କୁ ୧୪,୦୦୦ ଟଙ୍କା ଓ ଛାତ୍ରଙ୍କୁ ୧୨,୦୦୦ ଟଙ୍କାର ବର୍ଦ୍ଧିତ ବୃତ୍ତି ପ୍ରଦାନ କରାଯିବ।
- ନୂଆ-ଓ ଛାତ୍ରବୃତ୍ତି ଓ ମ୍ୟାଜିକ୍ କାର୍ଡ଼ର ପରିସର ବୃଦ୍ଧି କରାଯାଇ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବ।
- ଯୁବବର୍ଗଙ୍କୁ ମିଳିବ ୨ ଲକ୍ଷ ସରକାରୀ ନିଯୁକ୍ତି।



### ମଧ୍ୟବିତ୍ତ

- ସରକାରୀ କର୍ମଚାରୀଙ୍କ ସମେତ ଚୁକ୍ତିଭିତ୍ତିକ କର୍ମଚାରୀ, ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ଏବଂ ଯୋଗ୍ୟ ସହରାଞ୍ଚଳ ପରିବାରକୁ BSKYରେ ଅନ୍ତର୍ଭୁକ୍ତ କରାଯିବ।
- ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ସୁଧ ଉପରେ ରିହାତି ମିଳିବ।
- ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷା ଋଣ ସୁଧ ଉପରେ ରିହାତି ମିଳିବ।
- ସହରାଞ୍ଚଳକୁ ମାଗଣା ବିଜୁଳି ସେବାରେ ଅନ୍ତର୍ଭୁକ୍ତ କରାଯିବ।
- ସମସ୍ତଙ୍କ ପାଇଁ ସୁଲଭ ପରିବହନ ବ୍ୟବସ୍ଥା କରାଯିବ।



### ସହରୀକରଣ

- ଚାରୋଟି ମେଗା ଅର୍ବାନ କ୍ଲଷ୍ଟର ଏବଂ ୨୦ଟି ଅତିରିକ୍ତ ସହରର ବିକାଶ କରାଯିବ।
- ପୁରୀକୁ ଏକ ଅନ୍ତର୍ଜାତୀୟ ସହର ରୂପେ ବିକଶିତ କରାଯିବ।
- ଭୁବନେଶ୍ୱର-କଟକ ମେଟ୍ରୋ ପ୍ରୋଜେକ୍ଟରେ ପୁରୀ ଏବଂ ଖୋର୍ଦ୍ଧାକୁ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ସମସ୍ତ ପ୍ରମୁଖ ସହରମାନଙ୍କୁ ଯୋଡ଼ିବ ଲକ୍ଷ୍ମୀ ବସ୍।
- ୨୦ଟି ସହରକୁ ବିମାନ ସେବା ଦ୍ୱାରା ସଂଯୋଗ କରାଯିବ।



### ମହିଳା ସଶକ୍ତିକରଣ

- ମିଶନ ଶକ୍ତି ମହିଳାଙ୍କୁ ମିଳିବ ସାମାଜିକ ସୁରକ୍ଷା ପେନସନ।
- ମିଶନ ଶକ୍ତି ମହିଳାଙ୍କୁ ମିଳିବ ବିନା ସୁଧରେ ୧୫ ଲକ୍ଷ ଟଙ୍କାର ଋଣ।
- ମିଶନ ଶକ୍ତିକୁ ୨୦ ହଜାର କୋଟି ଟଙ୍କାର ସରକାରୀ ବ୍ୟବସାୟ ଯୋଗାଇ ଦିଆଯିବ।
- ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି କରାଯିବ।
- BSKYର ପରିସରକୁ ବୃଦ୍ଧି କରାଯାଇ ତୃଣମୂଳସ୍ତରର ମହିଳା କର୍ମଚାରୀଙ୍କୁ ସାମିଲ୍ କରାଯିବ।



### ସାମାଜିକ ନିରାପତ୍ତା

- ୧ ଲକ୍ଷ ଯୋଗ୍ୟ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ବ୍ୟକ୍ତିବିଶେଷଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧,୦୦,୦୦୦ ଟଙ୍କା ଲେଖାଏଁ ଅନୁଦାନ ଦିଆଯିବ।
- ସମସ୍ତ ଯୋଗ୍ୟ ପରିବାରକୁ ରାସନ କାର୍ଡ଼ ଯୋଗାଇ ଦିଆଯିବ।
- ଗ୍ରାମୀଣ ଆବାସ ଅଧୀନରେ ଯୋଗ୍ୟ ପରିବାରଙ୍କ ପାଇଁ ୧୦ ଲକ୍ଷ ଗୃହ ନିର୍ମାଣ କରାଯିବ।



### ନିବେଶ ଏବଂ ଅର୍ଥନୈତିକ ବିକାଶ

- ନୂତନ ଟେକ୍ନୋଲୋଜି ଏବଂ ଅର୍ଥନୀତି ସହ ସେମିକଣ୍ଡକ୍ଟର ହବ୍, ଆଇଟି ଇଣ୍ଡଷ୍ଟ୍ରି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (AI) ଉପରେ ବିଶେଷ ଧ୍ୟାନ ଦିଆଯିବ।
- ରାଜ୍ୟରେ ନିବେଶର ସର୍ବାଧିକ ସୁଯୋଗ ସୃଷ୍ଟି କରିବାର ପ୍ରକ୍ରିୟା ଆହୁରି ସୁଦୃଢ଼ କରାଯିବ।
- ନୂତନ ଟେକ୍ନିକାଲ ଏବଂ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ହେବ।
- ୧୦୦ଟି ପରିବେଶ ଅନୁକୂଳ(eco-friendly) ପର୍ଯ୍ୟଟନ ସ୍ଥଳର ବିକାଶ କରାଯିବ।



### ଚାଷୀ

- ବିନା ସୁଧରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ବିରତି ସମୟରେ ମତ୍ସ୍ୟଜୀବୀମାନଙ୍କୁ ୧୫,୦୦୦ ଟଙ୍କାର ସହାୟତା ମିଳିବ।
- ଝିଅ ବିବାହ ପାଇଁ ଚାଷୀ ପରିବାରକୁ ୨୫,୦୦୦ ଟଙ୍କାର ସହାୟତା ମିଳିବ।



### ଶକ୍ତି ନିରାପତ୍ତା

- ପ୍ରତି ପରିବାରକୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିନା ମୂଲ୍ୟରେ।
- ସମସ୍ତ ଚାଷୀଙ୍କୁ ବିଜୁଳି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ।
- ରାଜ୍ୟର ପ୍ରାୟ ୯୦% ପରିବାର ହେବେ ଉପକୃତ।



### ଭାଷା, ଐତିହ୍ୟ ଓ ସଂସ୍କୃତି

- ଐତିହ୍ୟ ବିକାଶ ପାଇଁ ୧,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି।
- ଶାସ୍ତ୍ରୀୟ ଭାଷା ଓଡ଼ିଆର ବିକାଶ ପାଇଁ ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବ।
- ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ଭାଷାଗୁଡ଼ିକର ଗବେଷଣା ଓ ବିକାଶ ପାଇଁ ୨୫ ଲକ୍ଷ ଟଙ୍କାର କର୍ପସ ପାଣ୍ଠି କରାଯିବ।

5T ନବୀନ ଗ୍ୟାରେଣ୍ଟି

**ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ** ଲୋକସଭା ବିଧାନସଭା

PUBLISHED BY DR SASMIT PATRA, GENERAL SECRETARY, BIJU JANATA DAL

# ୧୨ ମାଓବାଦୀ ନିପାତ; ୨ ଯବାନ ଆହତ

## ସୁରକ୍ଷାବାହିନୀକୁ ସଫଳତା

## ୧୩୧ ଦିନରେ ୧୦୩ ମାଓବାଦୀ ସଫା

ମାଲକାନଗିରି,୧୦।୫(ସମିସ)

ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀ ଓ ପୁଲିସ ମଧ୍ୟରେ ଶୁକ୍ରବାର ବଡ଼ଧରଣର ଗୁଳିବିନିମୟ ହୋଇଛି। ଏଥିରେ ୧୨ ଜଣ ମାଓବାଦୀ ନିହତ ହୋଇଛନ୍ତି। ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ସଂଘର୍ଷରେ ଏସ୍‌ଟିଏଫ୍ ଏବଂ ଡିଆରଜିର ୨ ଜଣ ଯବାନ ମଧ୍ୟ ଆହତ ହୋଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି। ସୂଚନାଯୋଗ୍ୟ ଯେ ଏହାକୁ ମିଶାଇ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୩୧ ଦିନ ମଧ୍ୟରେ ୧୦୩ ମାଓବାଦୀ ନିପାତ ହେଲେଣି।

ସୂଚନା ଅନୁଯାୟୀ, ଛତିଶଗଡ଼ ବିଜାପୁର ଜିଲ୍ଲାର ଗାଙ୍ଗାଲୁର ଥାନା ଅନ୍ତର୍ଗତ ପିଡ଼ିଆ ଅଞ୍ଚଳର ଏକ ଜଙ୍ଗଲରେ ଦୁର୍ଦ୍ଧାନ୍ତ ମାଓବାଦୀ ଲିଙ୍ଗା, ପାପାରାଓ ବଡ଼ ନେତା ତାଙ୍କ ୧୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଏକ ବୈଠକ କରୁଥିବା ନେଇ ଗୁଇନ୍ଦା ବିଭାଗକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ମାଓବାଦୀମାନେ ବଡ଼ଧରଣର ହିଂସାକାଣ୍ଡ ଭିଆଇବା ସହ ଆଗାମୀ ୧୩ ତାରିଖ ଦିନ ଓଡ଼ିଶା ସୀମାନ୍ତରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ମଧ୍ୟ ଟାର୍ଗେଟ କରି ବାଧା ସୃଷ୍ଟି ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ନେଇ ଠୋସ୍ ସୂଚନା ପାଇବା ପରେ ତିନି ଜିଲ୍ଲା ବିଜାପୁର, ଦାନ୍ତେୱାଡ଼ା, ସୁକମାର ଫୋର୍ସ ମିଳିତ ଅଭିଯାନ ଆରମ୍ଭ କରିଥିଲେ। ଡିଆରଜି, ଏସ୍‌ଟିଏଫ ଏବଂ ସିଆରପିଏଫ୍‌ର କୋବ୍ରା ବାଟାଲିୟନ ସମେତ ୧୨୦୦ରୁ ଊର୍ଦ୍ଧ୍ୱ ଯବାନ ସକାଳୁ ଅଞ୍ଚଳକୁ ଘେରି ରଖିଥିଲେ। ଦୀର୍ଘ ସମୟର ତଲାସୀ ଅଭିଯାନ ପରେ ଯବାନମାନେ ମାଓକ୍ୟାମ୍ପ ନିକଟତର ହେଉଥିବାବେଳେ ମାଓବାଦୀମାନେ ଯବାନଙ୍କୁ ଦେଖି ଗୁଳିମାଡ଼ କରିଥିଲେ। ପରେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳିବିନିମୟ ଜାରି ରହିଥିଲା। ମାଓବାଦୀମାନେ ଲୁଚି ପଳାଇବାକୁ ପ୍ରୟାସ କରୁଥିବା ସତ୍ତ୍ୱେ ସୁରକ୍ଷାକର୍ମୀ ମାଓକ୍ୟାମ୍ପକୁ ଘେରାବନ୍ଦୀ କରି ତଲାସୀ ଅଭିଯାନକୁ ଜୋରଦାର କରିଥିଲେ।

ଅଧିକାରୀଙ୍କ ସୂଚନା ଅନୁଯାୟୀ ମାଓବାଦୀଙ୍କ ପଶ୍ଚିମ ଡିଭିଜନ କମିଟି ସହ ଯବାନଙ୍କ ସଂଘର୍ଷ ହୋଇଥିଲା। ଡିଆଇଜି କମଲଲୋଚନ କଶ୍ୟପ କହିଛନ୍ତି ଯେ ମାଓବାଦୀମାନେ ବିଜିଏଲ୍ ମାଡ଼ କରିଥିଲେ। ଜଣେ ଯବାନ ଏହା ସଂସ୍ପର୍ଶରେ ଆସି ଯାଇଥିଲେ। ସେହିପରି ଅନ୍ୟ ଜଣେ ଯବାନ ଆଇଇଡି ବିସ୍ଫୋରଣରେ ଆହତ ହୋଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ତଲାସୀ ଅଭିଯାନ ଜାରି ରହିଥିବାରୁ କେତେ ମାଓବାଦୀ ନିପାତ ହୋଇଛନ୍ତି ତାହାର ପ୍ରକୃତ ତଥ୍ୟ ଆସିନାହିଁ। ଟିମ୍ ଫେରିବା ପରେ ସଠିକ୍ ସୂଚନା ଦିଆଯିବ ବୋଲି ସେ କହିଛନ୍ତି।



### ପାପାରାଓ ଉପରେ ୪୦ ଲକ୍ଷ ପୁରସ୍କାର

ପିଡ଼ିଆ ଏନକାଉଣ୍ଟରରେ ସାମିଲ ପଶ୍ଚିମ ବସ୍ତର ଡିଭିଜନର କମାଣ୍ଡର ମାଓବାଦୀ ପାପାରାଓ ଦଣ୍ଡକାରଣ୍ୟ ସ୍ପେସିଆଲ ଜୋନାଲ କମିଟି (ଡିକେଏସ୍‌ଜେଡ୍‌ସି) ସଦସ୍ୟ। ତା ଉପରେ ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। ସେ ପ୍ରାୟ ୨ ପର୍ଯ୍ୟାୟ ସୁରକ୍ଷା ଘେର ଭିତରେ ରହିଥାଏ। ସେ ବସ୍ତରରେ ହୋଇଥିବା ଏନ୍‌କାଉଣ୍ଟରର ମାଷ୍ଟରମାଇଣ୍ଡ ଥିଲା। ସେ ସମୟ ସମୟରେ ଠିକଣା ବଦଳାଉଥିଲା।





ଖୋଲିଲା ବାବା କେଦାରନାଥଙ୍କ ପହଡ଼। ଦିନକରେ ଦର୍ଶନ କଲେ ୨୯ ହଜାର ୩୦ ଭକ୍ତ

## କୃଷ୍ଣକାୟଙ୍କୁ ହତ୍ୟାକଲା ଆମେରିକା ପୁଲିସ

ଫ୍ଲୋରିଡ଼ା, ୧୦।୫ (ଏଜେନ୍ସି)



ଆମେରିକା ପୁଲିସ ଜଘନ୍ୟ କାଣ୍ଡ ଘଟାଇଛି। ଫ୍ଲୋରିଡ଼ାରେ ବାୟୁସେନାର ଜଣେ କୃଷ୍ଣକାୟ ସୈନିକ ରୋଜର ଫୋର୍ଟସନକୁ ଗୁଳି କରି ହତ୍ୟା କରିଛି। ପୁଲିସ କର୍ମଚାରୀଙ୍କ ଶରୀରରେ ଲାଗିଥିବା କ୍ୟାମେରାରେ ସମ୍ପୂର୍ଣ୍ଣ ଘଟଣା କଏଦ ହୋଇଯାଇଛି। ଏହାକୁ ଗୁରୁବାର ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ ଏକ ଅଭିଯୋଗର ଯାଞ୍ଚ ପାଇଁ ପୁଲିସ କର୍ମଚାରୀ ଭୁଲ୍ ଘରେ ପହଞ୍ଚି ଯାଇଥିଲେ। ସେ କିଛି ପଚରାଉଚୁରା ନ କରି ସିଧା ଦୁଆର ମୁହଁରେ ୨୩ ବର୍ଷୀୟ ରୋଜରଙ୍କୁ ଗୁଳି ମାରି ଦେଇଥିଲେ। ଏହି ଘଟଣା ପରେ ଅଭିଯୁକ୍ତ ପୁଲିସ କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଗତ କିଛି ବର୍ଷ ହେଲା ଆମେରିକାରେ କୃଷ୍ଣକାୟଙ୍କ ବିରୋଧରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି।

● ଅଭିନେତ୍ରୀ ଲୈଲା ଖାନ୍ ହତ୍ୟା ମାମଲା

## ସାବତ ବାପା ଦୋଷୀ



ମୁମ୍ବାଇ, ୧୦।୫ (ଏଜେନ୍ସି): ତେର ବର୍ଷ ପରେ ଅଭିନେତ୍ରୀ ଲୈଲା ଖାନ୍‌ଙ୍କୁ ନ୍ୟାୟ ମିଳିଛି। ଅଭିନେତ୍ରୀଙ୍କ ହତ୍ୟା ମାମଲାରେ ତାଙ୍କ ସାବତ ବାପା ପରଭେଜ ତକକୁ ମୁମ୍ବାଇର ଏକ ସେସନ କୋର୍ଟ ଗୁରୁବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ଜମ୍ମୁ-କାଶ୍ମୀର ବାସିନ୍ଦା ତକ୍ ସମ୍ପତ୍ତି ପାଇଁ ୧୩ ବର୍ଷ ତଳେ (୨୦୧୧ ଫେବୃଆରୀ) ସାବତ ଝିଅ, ପତ୍ନୀ, ୩ ଭାଇଭଉଣୀଙ୍କ ସମେତ ମୋଟ ୬ ଜଣଙ୍କୁ ହତ୍ୟା କରିଥିଲା।

## 'ଲୁଟ୍ ଧନ ଲୋକଙ୍କୁ ଫେରାଯାଇପାରେ'

ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି): ଦୁର୍ନୀତିରେ ଲୁଟ୍ କରାଯାଇଥିବା ୧୭ ହଜାର କୋଟି ଟଙ୍କା ପୀଡ଼ିତଙ୍କୁ ଫେରାଇ ଦିଆଯାଇଛି। ଲୋକଙ୍କଠାରୁ ଲୁଟ୍ କରାଯାଇଥିବା ଧନକୁ ସେମାନଙ୍କୁ କେମିତି ଫେରାଇ ଦିଆଯିବ ସେ ନେଇ ପରାମର୍ଶ ନେଉଛି। ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଏଜେନ୍ସିଗୁଡ଼ିକ ୧.୨୫ ଲକ୍ଷ କୋଟି ଟଙ୍କା ଜବତ କଲେଣି। ଅନେକ ସମୟରେ ଟିଭିରେ ଟଙ୍କା ଗଦା ଦେଖିବାକୁ ମିଳୁଛି। ଏ ସବୁକୁ ମଧ୍ୟବିତ୍ତଙ୍କଠାରୁ ଲୁଟା ଯାଇଛି।

## ପ୍ରଜ୍ୱଳଙ୍କ ବିରୋଧରେ ତୃତୀୟ ଏତଲା

ବେଙ୍ଗାଲୁରୁ, ୧୦।୫ (ଏଜେନ୍ସି): କର୍ଣ୍ଣାଟକ ଯୌନ କେଳେଙ୍କାରୀ ଅଭିଯୁକ୍ତ ସାଂସଦ ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ତୃତୀୟ ଏତଲା ରୁଜୁ କରାଯାଇଛି। ସ୍ୱତନ୍ତ୍ର ତଦନ୍ତକାରୀ ଟିମ (ଏସଆଇଟି) ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୮ ତାରିଖରେ ବେଙ୍ଗାଲୁରୁରେ ଏହି ମାମଲା ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ ଏହି କେଳେଙ୍କାରୀର ହ୍ୱିସଲବ୍ଲୋୟର ତଥା ମାମଲାର ସୂଚନା ବିଜେପି ନେତୃତ୍ୱଙ୍କୁ ଦେଇଥିବା ଦଳୀୟ ନେତା ଜି.ଦେବରାଜ ଗୌଡ଼ାଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ମାମଲା ରୁଜୁ କରାଯାଇଛି।

## ଜାତିସଂଘ ସଦସ୍ୟ ହେଲା ପାଲେଷ୍ଟାଇନ

ନ୍ୟୁୟର୍କ, ୧୦।୫ (ଏଜେନ୍ସି): ମିଳିତ ଜାତିସଂଘ (ୟୁଏନ) ସଦସ୍ୟ ହେବା ପାଇଁ ପାଲେଷ୍ଟାଇନ ଯୋଗ୍ୟ ବିବେଚିତ ହୋଇଛି। ଶୁକ୍ରବାର ହୋଇଥିବା ମତଦାନରେ ଭାରତ ସମେତ ୧୪୩ ରାଷ୍ଟ୍ର ପାଲେଷ୍ଟାଇନ ସପକ୍ଷରେ ମତ ଦେଇଥିଲା। ଆମେରିକା, ଇସ୍ରାଏଲ ସମେତ ୯ ଦେଶ ବିରୋଧ ଏବଂ ୨୫ ଦେଶ ଭୋଟିଂରୁ ଦୂରେଇ ରହିଥିଲେ।

## କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେଲେ ସୁପ୍ରିମକୋର୍ଟ

# ଇଡିକୁ ପ୍ରଶ୍ନ; ଦେଢ଼ ବର୍ଷ ହେଲା କରୁଥିଲ କ'ଣ

ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି)

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ନିର୍ବାଚନ ପ୍ରଚାରରେ

- ଜୁନ୍ ୨ରେ କେଜ୍ରିୱାଲଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ
- ନିର୍ବାଚନ ପ୍ରଚାର କରିପାରିବେ; ଅଫିସକୁ ଯାଇପାରିବେନି
- ୩୯ ଦିନ ପରେ ଜେଲ୍‌ରୁ ବାହାରିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ



ଅଂଶଗ୍ରହଣ କରିବାକୁ ଅନୁମତି ଦେଇଛନ୍ତି। ମାତ୍ର ଜୁନ୍ ୧ ପର୍ଯ୍ୟନ୍ତ ତାଙ୍କୁ ଜେଲ୍ ବାହାରେ ରହିବାକୁ ଅନୁମତି ଦିଆଯାଇଛି। ଯେ କୌଣସି ସ୍ଥିତିରେ ଜୁନ୍ ୨ରେ ଆତ୍ମସମର୍ପଣ କରିବାକୁ ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ଇଡି ବିରୋଧକୁ ନେଇ ଖଣ୍ଡପୀଠ କହିଛନ୍ତି ଯେ ୨୦୨୨ ଅଗଷ୍ଟରେ ଏହି ମାମଲା ରୁଜୁ କରାଯାଇଥିଲା। ମାତ୍ର ଚଳିତ ବର୍ଷ ମାର୍ଚ୍ଚରେ କେଜ୍ରିୱାଲଙ୍କୁ ଗିରଫ କରାଯାଇଥିଲା। ଦେଢ଼ ବର୍ଷ ହେଲା କେଜ୍ରିୱାଲ ବାହାରେ ଥିଲେ। ମାତ୍ର ଏଜେନ୍ସି ଏହି ସମୟରେ କ'ଣ କରୁଥିଲା? ପୂର୍ବରୁ କିମ୍ବା ପରେ ମଧ୍ୟ ଗିରଫ କରାଯାଇ ପାରିଥାନ୍ତା। କିନ୍ତୁ ଏପରି କରାଯାଇ ନ ଥିଲା। ତେଣୁ ୨୨ ଦିନ ଏପାଖସେପାଖ ହୋଇଗଲେ କୌଣସି ଫରକ ପଡ଼ିବ ନାହିଁ। ଅନ୍ତରୀଣ ଜାମିନକୁ ତାଙ୍କ ମାମଲା ସମ୍ବନ୍ଧିତ ଗୁଣ, ଦୋଷ ଉପରେ ଦିଆଯାଉଥିବା ରାୟ ଧରା ନ ଯାଉ। କେଜ୍ରିୱାଲଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି, ମାତ୍ର ଏ ପର୍ଯ୍ୟନ୍ତ ସେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ତାଙ୍କର କୌଣସି ଆପରାଧିକ ଇତିହାସ ନାହିଁ, କି ସେ ସମାଜ ପାଇଁ ବିପଦ ନୁହଁନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କେଜ୍ରିୱାଲଙ୍କ ପାଇଁ ବିଭିନ୍ନ ସର୍ତ୍ତ ଧାର୍ଯ୍ୟ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇପାରିବେ ନାହିଁ, କି କୌଣସି ଫାଇଲରେ ଦସ୍ତଖତ କରିପାରିବେ ନାହିଁ। ସେତେ ଜରୁରୀ ହୋଇ ନ ଥିଲେ କିମ୍ବା ଉପ-ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ କରିବା ଭଳି ଜରୁରୀ ହୋଇ ନ ଥିଲେ ଏଭଳି କାର୍ଯ୍ୟରୁ ବିରତ ରହିବେ। କେଜ୍ରିୱାଲ ଦିଲ୍ଲୀ ସଚିବାଳୟକୁ ମଧ୍ୟ ଯିବେ ନାହିଁ। ସେ କୌଣସି ସାକ୍ଷୀଙ୍କ ସହ ଆଲୋଚନା କରିପାରିବେ ନାହିଁ। ଏହି ମାମଲା ସମ୍ବନ୍ଧିତ ସରକାରୀ କାଗଜପତ୍ର ମଧ୍ୟ ଦେଖିପାରିବେ ନାହିଁ। ପାସପୋର୍ଟ ସମର୍ପଣ କରିବେ। ଅନ୍ତରୀଣ ଜାମିନ ପାଇଁ କେଜ୍ରିୱାଲ ଶୁକ୍ରବାର ସନ୍ଧ୍ୟା ୬ଟା ୫୫ରେ ୩୯ ଦିନ ପରେ ତିହାର ଜେଲ୍‌ରୁ ବାହାରି ଥିଲେ।

## କଂଗ୍ରେସ ଅଧ୍ୟକ୍ଷଙ୍କୁ ଇସିଙ୍କ ଚେତାବନୀ

ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି): କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ନିର୍ବାଚନ କମିଶନ (ଇସି) ଚେତାବନୀ ଦେଇଛନ୍ତି। ଭାବିଚିନ୍ତି ମନ୍ତବ୍ୟ ଦେବାକୁ କହିଛନ୍ତି। ସୂଚନା ଅନୁଯାୟୀ ଗତ ୩୦ ତାରିଖରେ ଲୋକସଭା ନିର୍ବାଚନର ୨ ପର୍ଯ୍ୟାୟ ମତଦାନ ପରେ ଇସି ଚୂଡ଼ାନ୍ତ ତଥ୍ୟ ଜାରି କରିଥିଲେ। ଏହା ପରେ ଖଡଗେ ପ୍ରଶ୍ନ ଉଠାଇ ଥିଲେ। ଚଳିତ ଥର ମତଦାନ ତଥ୍ୟ ଦେବାରେ ଇସି ବିଳମ୍ବ କରୁଛନ୍ତି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହୁନାହିଁ ବୋଲି କହିଥିଲେ। ଏହାକୁ ନେଇ ଇସିଙ୍କ ପକ୍ଷରୁ କୁହାଯାଇଛି ଯେ ମତଦାନ ତଥ୍ୟ ଜାରି କରିବାରେ କୌଣସି ବିଳମ୍ବ ହୋଇନାହିଁ। ଚୂଡ଼ାନ୍ତ ମତଦାନର ତଥ୍ୟ ଭୋଟିଂ ଦିନଠାରୁ ଅଧିକ ରହିଥାଏ। ଡାଟା ସଂଗ୍ରହ ପ୍ରଣାଳୀରେ କୌଣସି ତ୍ରୁଟି ନାହିଁ। ଖଡଗେ ଏପରି ଅଭିଯୋଗ ଲଗାଇ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଉଛନ୍ତି। ଏହା ଦ୍ୱାରା ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଥାଏ। ନିରପେକ୍ଷ ନିର୍ବାଚନରେ ସମସ୍ୟା ସୃଷ୍ଟି ହୋଇଥାଏ। ଭୋଟରଙ୍କ ଯୋଗଦାନରେ ନକରାତ୍ମକ ପ୍ରଭାବ ପକାଇ ଥାଏ। ନିର୍ବାଚନ କାର୍ଯ୍ୟରେ ମୁତୟନ ଦଳର ଉତ୍ସାହ ହ୍ରାସ୍ ପାଇଥାଏ। ଅନ୍ୟପକ୍ଷରେ ବିରୋଧୀ ମେଣ୍ଟ 'ଇଣ୍ଡି'ର ୭ ସଦସ୍ୟ ବିଶିଷ୍ଟ ପ୍ରତିନିଧିମଣ୍ଡଳ ଶୁକ୍ରବାର ଇସି ଅଧିକାରୀଙ୍କୁ ଭେଟିଛନ୍ତି।

## କାର୍ଯ୍ୟକାରୀ ହେଲା ଟ୍ରାଇ ସର୍ଭିସ ଆଇନ

ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି): ଦୀର୍ଘ ଦିନ ପରେ କେନ୍ଦ୍ର ସରକାର ଆନ୍ତଃସେବା ସଂଗଠନ (କମାଣ୍ଡ, କଣ୍ଟ୍ରୋଲ ଆଣ୍ଡ ଡିସିପ୍ଲିନ) ଆଇନ କାର୍ଯ୍ୟକାରୀ କରିଛନ୍ତି। ଏ ନେଇ ଶୁକ୍ରବାର ଗେଜେଟ ବିଜ୍ଞପ୍ତି ଜାରି କରାଯାଇଛି। ତତ୍କାଳ ପ୍ରଭାବରେ ଆଇଏସଓ ଆଇନକୁ ଲାଗୁ କରାଯାଇଛି। ଏହା ସହିତ ୟୁନିଫାଏଡ ଥିଏଟର କମାଣ୍ଡ ଗଠନର ମାର୍ଗ ପ୍ରଶସ୍ତ ହୋଇଛି। ସ୍ୱାଧୀନତା ପରଠାରୁ ଏହାର ଗଠନ ନେଇ ଦାବି ହୋଇ ଆସୁଥିଲା। ଆଉ ଏକ ପାଦ ଆଗକୁ ଉଗ୍ର ସାମରିକ ପୁନର୍ଗଠନରେ ଦୀର୍ଘ ଦିନ ଧରି ଅଟକି ରହିଥିବା ୟୁନିଫାଇଡ୍ ଥିଏଟର କମାଣ୍ଡ ସୃଷ୍ଟି ପାଇଁ ପଥ ପ୍ରଶସ୍ତ କରିବ। ଆଇଏସଓ ଆଇନକୁ ଗତ ବର୍ଷ ଅଗଷ୍ଟ ୧୫ରେ ରାଷ୍ଟ୍ରପତି ମଞ୍ଜୁରି ଦେଇଥିଲେ। ଥିଏଟର କମାଣ୍ଡ ପ୍ରତିଷ୍ଠା ଦ୍ୱାରା ସେନା ଅଧିକ ଦକ୍ଷ ହେବ, ବିଭିନ୍ନ ଅଙ୍ଗ ମଧ୍ୟରେ ଦୃଢ଼ ସମନ୍ୱୟ ରହିବ, ମାମଲାର ତ୍ୱରିତ ସମାଧାନ ହେବ।

## ନାବାଳିକାଙ୍କୁ ହତ୍ୟା କରି ମୁଣ୍ଡ ନେଇ ପଳାଇଲା ଯୁବକ

ବେଙ୍ଗାଲୁରୁ, ୧୦।୫ (ଏଜେନ୍ସି): କର୍ଣ୍ଣାଟକ କୋଡାଗୁର ସୁରଲବୀ ଗ୍ରାମରେ ବିବାହ ଭାଙ୍ଗିଯିବାରୁ କ୍ଷୁବ୍ଧ ହୋଇ ଯୁବକ ବାନ୍ଧବୀଙ୍କ ଗଳା କାଟି ହତ୍ୟା କରିଛି। ପରେ କଟା ମୁଣ୍ଡ ଧରି ଫେରାର ହୋଇଯାଇଛି। ସୂଚନା ଅନୁଯାୟୀ ଗୁରୁବାର ୩୨ ବର୍ଷୀୟ ପ୍ରକାଶର ବିବାହ ମୀନା (୧୬)ଙ୍କ ସହ ହେବାର ଥିଲା। କିନ୍ତୁ ଶିଶୁ କଲ୍ୟାଣ ଟିମ୍ ଏହା ବିବାହକୁ ଅଟକାଇ ଦେଇଥିଲା। ବିବାହ ଭାଙ୍ଗିବାରୁ ମୀନାଙ୍କ ଘରେ ପହଞ୍ଚି ସେ ମାରପିଟ କରିଥିଲା। ନାବାଳିକାଙ୍କ ମାଆଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ପରେ ମୀନାଙ୍କୁ ଘରୁ ଘୋଷାଡ଼ି ନେଇ ଶହେ ମିଟର ଦୂରରେ ହତ୍ୟା କରିଥିଲା।

## ପିଓକେରେ କର୍ଫ୍ୟୁ ଲଗାଇଲା ପାକିସ୍ତାନ

ନୂଆଦିଲ୍ଲୀ, ୧୦।୫ (ଏଜେନ୍ସି): ପିଓକେରେ ପାକିସ୍ତାନ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ଲୋକେ ଦରଦାମ ବୃଦ୍ଧି ଏବଂ ବିଦ୍ୟୁତ କାଟ୍ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଲୋକେ ଅତିଷ୍ଠ ହୋଇ ଆନ୍ଦୋଳନ କରୁଛନ୍ତି। ଶୁକ୍ରବାର ପୁଲିସ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏହାକୁ ରୋକିବା ପାଇଁ ମୀରପୁର ଜିଲ୍ଲାରେ କର୍ଫ୍ୟୁ ଲଗାଯାଇଛି। ଲୁହବୁହା ଗ୍ୟାସ୍ ମାଡ଼ କରାଯାଇଛି।

ଡାଭୋଲକର୍ ହତ୍ୟା ମାମଲା

## ୨ ଦୋଷୀ ସାବ୍ୟସ୍ତ, ୩ ଅଭିଯୁକ୍ତ ଖଲାସ

ପୁନେ,୧୦।୫(ଏଜେନ୍ସି)

ଅନ୍ଧବିଶ୍ୱାସ ଦୂରୀକରଣରେ ବ୍ରତୀ ହେତୁବାଦୀ ଡ. ନରେନ୍ଦ୍ର ଡାଭୋଲକର୍‌ଙ୍କ ହତ୍ୟା ମାମଲାରେ ଆଜି ସ୍ୱତନ୍ତ୍ର ୟୁଏପିଏ(ବେଆଇନ କାର୍ଯ୍ୟକଳାପ ନିରୋଧ ଆଇନ)କୋର୍ଟ ଦୁଇଜଣ ସୁଟର୍ ସାରଦ କାଲାସକର ଓ ସଚିନ ଆନ୍ଦୁରେଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଅନ୍ୟ ୩ଜଣ ଅଭିଯୁକ୍ତ ବିରେନ୍ଦ୍ର ସିଂହ ତାଉଡେ, ସଞ୍ଜୀବ ପୁନାଲେକର ଓ ବିକ୍ରମ ଭାଭେଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ୨୦୧୩ ଅଗଷ୍ଟ ୨୦ରେ ପୁନେର ଓଙ୍କାରେଶ୍ୱର ବ୍ରିଜ୍ ନିକଟରେ ୨ଜଣ ସୁଟର୍ ବାଇକ୍‌ରେ ଆସି ପ୍ରାତଃଭ୍ରମଣରେ ବାହାରିଥିବା ୬୭ବର୍ଷ ବୟସର ହେତୁବାଦୀ ଡାଭୋଲକର୍‌ଙ୍କୁ ଗୁଳିକରି ହତ୍ୟା କରିଥିଲେ। ଏହି ମାମଲାରେ ୫ ଜଣ ଅଭିଯୁକ୍ତ ଥିଲେ। ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ୨୦ଜଣ ସାକ୍ଷୀଙ୍କୁ ଓ ଅଭିଯୁକ୍ତମାନଙ୍କ ଓକିଲ ୨ଜଣ ସାକ୍ଷୀଙ୍କୁ ଜେରା କରିଥିଲେ। ୨୦୧୪ରେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ସିବିଆଇ ଏହି ମାମଲାର ତଦନ୍ତଭାର ଗ୍ରହଣ କରିଥିଲା। ପରେ ଏହି ମାମଲାରେ ଇଏନଟି ସର୍ଜନ ବିରେନ୍ଦ୍ର ସିଂହ ତାଉଡେଙ୍କୁ ଗିରଫ କରାଯାଇଥିଲା। ପରେ ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଆଇପିସିର ଧାରା ୩୦୨, ଆର୍ମସ ଆକ୍ଟ ଓ ୟୁଏପିଏ'ର ଅନୁଚ୍ଛେଦ ୧୬ ଅନୁଯାୟୀ ଚାର୍ଜ ଫ୍ରେମ୍ କରାଯାଇଥିଲା। ତାଉଡେ ଦକ୍ଷିଣପନ୍ଥୀ ହିନ୍ଦୁ ସଂଗଠନ 'ସନାତନ ସଂସ୍ଥା' ସହ ସମ୍ପର୍କରେ ଥିଲେ। ସେ ଡାଭୋଲକର୍ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ବୋଲି ପ୍ରସିକ୍ୟୁସନ୍ ଦର୍ଶାଇଥିଲା। ଡାଭୋଲକର୍ ମହାରାଷ୍ଟ୍ର ଅନ୍ଧଶ୍ରଦ୍ଧା ନିର୍ମୂଳନ ସମିତି ନାମକ ସଂସ୍ଥା ପରିଚାଳନା କରି ଅନ୍ଧବିଶ୍ୱାସ ଦୂରୀକରଣରେ ବ୍ରତୀ ଥିଲେ। ସନାତନ ସଂସ୍ଥା ତାଙ୍କ କାର୍ଯ୍ୟକଳାପକୁ ବିରୋଧ କରୁଥିଲା। ଡାଭୋଲକର୍ ହତ୍ୟାକାଣ୍ଡ ଘଟିବାର ୪ବର୍ଷ ଭିତରେ ମହାରାଷ୍ଟ୍ରର କୋହ୍ଲାପୁରର ଗୋବିନ୍ଦ ପାନେସର, କର୍ଣ୍ଣାଟକର ଧରୱାଡର କନ୍ନାଡା ଗବେଷକ ଓ ଲେଖକ ଏମଏମ କୁଲବର୍ଗୀ ଓ ସାମ୍ବାଦିକ ଗୌରୀ ଲଙ୍କେଶଙ୍କ ଭଳି ଖ୍ୟାତନାମା ହେତୁବାଦୀ ଓ ସାମାଜିକ କର୍ମୀଙ୍କୁ ହତ୍ୟା କରାଯାଇଥିଲା, ଯାହାକୁ ନେଇ ସମଗ୍ର ଦେଶରେ ତୁମୂଳ ଆଲୋଡ଼ନ ଦେଖାଦେଇଥିଲା।



ଦିଲ୍ଲୀ ରାଉଜ ଆଭିନ୍ୟୁ କୋର୍ଟଙ୍କ ଆଦେଶ

## ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଚାର୍ଜଫ୍ରେମ୍ କର

ନୂଆଦିଲ୍ଲୀ, ୧୦।୫(ଏଜେନ୍ସି)

ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ମୁଖ୍ୟ ବ୍ରିଜ୍‌ଭୂଷଣ ଶରଣ ସିଂହ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବାର ଯଥେଷ୍ଟ ପ୍ରମାଣ ତଦନ୍ତ ପରେ ପୁଲିସ୍ ଦାଖଲ କରିଥିବା ଚାର୍ଜସିଟ୍‌ରେ ଥିବାରୁ ତାଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବାକୁ ଦିଲ୍ଲୀର ରାଉଜ ଆଭିନ୍ୟୁ ସ୍ୱତନ୍ତ୍ର କୋର୍ଟ ଆଜି ଆଦେଶ ଦେଇଛନ୍ତି। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମହିଳାଙ୍କ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନର ଅଭିଯୋଗରେ ମଧ୍ୟ ଚାର୍ଜଫ୍ରେମ୍ ହେବ। ଦିଲ୍ଲୀ ପୁଲିସ୍ ଗତବର୍ଷ ଜୁନ୍ ୧୫ରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆଇପିସିର ଧାରା ୩୫୪, ୩୫୪(ଏ), ୩୫୪(ଡି) ଅନୁଯାୟୀ ଚାର୍ଜସିଟ୍ ଦେଇଥିଲା। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଦାଖଲ ଚାର୍ଜସିଟ୍‌ରେ ପୁଲିସ୍ ଲେଖିଛି ଯେ ୬ଜଣ ମହିଳା କୁସ୍ତିବିତ୍‌ଙ୍କ ଅଭିଯୋଗ ଆଧାରରେ ଏହି ଚାର୍ଜସିଟ୍ ପ୍ରସ୍ତୁତ କରାଯାଇଛି। ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଦେବା,ମହିଳାଙ୍କୁ ଅସଙ୍ଗତ, ଅଶାଳୀନ, ଅଭଦ୍ର ଭାବେ ଛୁଇଁବା, ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ଅନୁସରଣ କରିବା ଆଦି ଅପରାଧିକ କାର୍ଯ୍ୟକଳାପ ପାଇଁ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମାମଲା ଚାଲିବା ଓ ତାଙ୍କୁ ଦଣ୍ଡ ଦିଆଯିବା ନ୍ୟାୟୋଚିତ ହେବ ବୋଲି ଚାର୍ଜସିଟ୍‌ରେ ଉଲ୍ଲେଖ ଅଛି। ଏହା ମଧ୍ୟ ସେଥିରେ ଉଲ୍ଲେଖ ଅଛି ଯେ ସାକ୍ଷୀମାନେ କହିଛନ୍ତି, ବ୍ରିଜ୍‌ଭୂଷଣ ମହିଳା କୁସ୍ତିବିତ୍‌ମାନଙ୍କୁ ଅଭଦ୍ର ଢଙ୍ଗରେ ଛୁଆଁଛୁଇଁ କରୁଥିଲେ। ମହିଳା କୁସ୍ତିବିତ୍‌ମାନଙ୍କ ଅଭିଯୋଗ ଆଧାରରେ ୨ଟି ଏଫଆଇଆର୍ ପଞ୍ଜିକୃତ ହୋଇଥିଲା। ଗୋଟିଏ ଏଫଆଇଆର୍ ପ୍ରୋଟେକ୍ସନ୍ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନସେସ୍ ବା ପୋକ୍ସୋ ଆକ୍ଟ ଅନୁଯାୟୀ ପଞ୍ଜିକୃତ ହୋଇଥିଲା ଯାହାର କ୍ୟାନସିଲେସନ୍ ରିପୋର୍ଟ ଫାଇଲ ହୋଇଥିଲା କାରଣ ନାବାଳିକା କୁସ୍ତିବିତ୍ ଜଣଙ୍କର ଗାର୍ଡିଆନ୍ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିନେଇଥିଲେ। ବ୍ରିଜ୍‌ଭୂଷଣଙ୍କ ବ୍ୟତୀତ ଭାରତୀୟ କୁସ୍ତି ମହାସଂଘର ତତ୍କାଳୀନ ସହକାରୀ ସଚିବ ବା ଆସିଷ୍ଟାଣ୍ଟ ସେକ୍ରେଟାରୀ ଥିବା ବିନୋଦ ତୋମାରଙ୍କ ବିରୋଧରେ ମଧ୍ୟ ଆଇପିସିର ଧାରା ୧୦୯, ୩୫୪, ୩୫୪(ଏ) ଓ ୫୦୬ ଅନୁଯାୟୀ ମାମଲା ଚାଲିବ।



■ ଯୌନ ଉତ୍ପୀଡ଼ନର ଯଥେଷ୍ଟ ପ୍ରମାଣ ରହିଛି





RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-314 •BHUBANESWAR •SATURDAY •11 MAY 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୧୪ •ଭୁବନେଶ୍ୱର •ଶନିବାର •୧୧ ମେ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦


## ବରଗଡ଼ ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରରେ ମାରାଥନ୍ ପ୍ରଚାର

**ପାଣ୍ଡିଆନଙ୍କ ଖୋଲା ଚ୍ୟାଲେଞ୍ଜ**

# ସରକାର ଗଢ଼ି ନ ପାରିଲେ ସନ୍ନ୍ୟାସ ନେବେ କି ଧର୍ମେନ୍ଦ୍ର



- ନବୀନ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ନ ହେଲେ ମୁଁ ରାଜନୀତିରୁ ସନ୍ନ୍ୟାସ ନେବି
- ୧୦ ବର୍ଷରେ ସାମାନ୍ୟ ଏନ୍ଏଚ୍ ଠିକ୍ କରିପାରିଲେନି; ବଡ଼ ବଡ଼ କଥା କହୁଛନ୍ତି
- ମୋତେ ଗାଳି କରନ୍ତୁ; କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନରେ ଆଞ୍ଚ୍ ଆଣିଲେ ସହିବି ନାହିଁ
- ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନିତ କରିବାକୁ କେମିତି ସାହସ କରିପାରିଲେ କେନ୍ଦ୍ରମନ୍ତ୍ରୀ
- ପରାଜୟ ଭୟରେ ଢେଙ୍କାନାଳ ଛାଡ଼ି ସମ୍ବଲପୁର ପଳାଇ ଆସିଲେ କେନ୍ଦ୍ରମନ୍ତ୍ରୀ
- ମା’ମାନେ ପ୍ରଗତିର ସେନାପତି; ମହିଳାଙ୍କୁ ଏଠାରୁ ପ୍ରାର୍ଥୀ କରିଛନ୍ତି ନବୀନ
- ଗରିବଙ୍କୁ ୧୦୦ ୟୁନିଟ୍ ମାଗଣା ବିଜୁଳି; ମିଶନ ଶକ୍ତି ମହିଳାଙ୍କୁ ପେନସନ
- ମୁଖ୍ୟମନ୍ତ୍ରୀ ଦୂର କରିଛନ୍ତି ହୀରାକୁଦ ବିସ୍ଥାପିତଙ୍କ ୫୦ ବର୍ଷର ସମସ୍ୟା
- ଝାରସୁଗୁଡ଼ା ଅଞ୍ଚଳର ବିକାଶରେ ନବ ବାବୁଙ୍କ ଭୂମିକା ସର୍ବଦା ଅବିସ୍ମରଣୀୟ

■ **ବ୍ରଜରାଜନଗର/ଝାରସୁଗୁଡ଼ା, ୧୦।୫(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୋତେ ଗାଳି ଦେଉଛନ୍ତି, କୁତ୍ସା ରଟନା ଓ ବିଷୋଦଗାର କରୁଛନ୍ତି। ମୋ ପ୍ରତି ଚାମ୍ଚା, ଗୁମାସ୍ତା ଆଦି ଶବ୍ଦ ପ୍ରୟୋଗ କରୁଛନ୍ତି; ଏଥିରେ ମୋର କିଛି ସମସ୍ୟା ନାହିଁ । ମୋତେ ସେ ଏତେ ଗୁରୁତ୍ୱ ଦେଉଥିବାରୁ ମୁଁ ଖୁସି । ମାତ୍ର ମୁଖ୍ୟମନ୍ତ୍ରୀଙ୍କୁ ସାମାନ୍ୟ ଅସମ୍ମାନକୁ ମୁଁ ସହ୍ୟ କରିବି ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅସମ୍ମାନସୂଚକ ମନ୍ତବ୍ୟ ଦେବାର ତାଙ୍କର ସାହସ ହେଲା କେମିତି? ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନି ଚତୁର୍ଥାଂଶ ବହୁମତ ସହ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବେ। ଯଦି ପୂର୍ଣ୍ଣ ବହୁମତରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନ ହୁଅନ୍ତି, ତେବେ ମୁଁ ରାଜନୀତିରୁ ସନ୍ନ୍ୟାସ ନେବି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏପରି ଘୋଷଣା କରି ପାରିବେ କି ? ତାଙ୍କ ଦଳ ରାଜ୍ୟରେ ସରକାର ଗଢ଼ି ନ ପାରିଲେ କେନ୍ଦ୍ରମନ୍ତ୍ରୀ ରାଜନୀତିରୁ ସନ୍ନ୍ୟାସ ନେବାକୁ ଘୋଷଣା କରିବେ କି ବୋଲି ଆହ୍ୱାନ ଦେଇଛନ୍ତି ବିଜେଡିର ଅନ୍ୟତମ ଶୀର୍ଷ ତାରକା ପ୍ରଚାରକ ତଥା ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଶୁକ୍ରବାର ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ଏବଂ ବ୍ରଜରାଜନଗରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଧୂଆଁଧାର ପ୍ରଚାର କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କରିଛନ୍ତି ତୀବ୍ର ସମାଲୋଚନା। କେନ୍ଦ୍ରରେ ୧୦ବର୍ଷ କ୍ୟାବିନେଟ ମନ୍ତ୍ରୀ ରହିଥିବା ଶ୍ରୀ ପ୍ରଧାନଙ୍କ ଦକ୍ଷତା ଓ ରାଜ୍ୟ ପ୍ରତି ତାଙ୍କର ଦାୟିତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ନିଜ ଅଞ୍ଚଳ ପାଇଁ ତାଙ୍କର ଅସୀମ ଅବହେଳାକୁ ନେଇ ଶ୍ରୀ ପ୍ରଧାନଙ୍କୁ ଦାୟବଦ୍ଧତାର କାଠଗଡ଼ାରେ ଠିଆ କରିଛନ୍ତି। ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ସାମାନ୍ୟ ଗୋଟିଏ ଜାତୀୟ ରାଜପଥକୁ କେନ୍ଦ୍ରମନ୍ତ୍ରୀ ଗତ ୧୦ ବର୍ଷ ମଧ୍ୟରେ ଠିକ୍ କରିପାରିଲେ ନାହିଁ; କିନ୍ତୁ ବହୁତ ବଡ଼ ▶ପୃଷ୍ଠା-୧୩

**୨ ଦିନିଆ ଓଡ଼ିଶା ଗସ୍ତରେ ମୋଦୀ**

# ଆଜି ୩ ଜିଲ୍ଲାରେ ଜନସଭା




■ **ଭୁବନେଶ୍ୱର,୧୦।୫(ସମିସ):** ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। କଡ଼ା ସୁରକ୍ଷା ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦରରୁ ବାହାରି ରାଜ୍ୟ ବିଜେପି କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରୁ ଜନପଥରେ ବାଣୀ ବିହାର ପର୍ଯ୍ୟନ୍ତ ଏକ ବିରାଟ୍ ରୋଡ୍ ଶୋ’ରେ ଯୋଗଦେବା ପରେ ରାଜଭବନରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସନ୍ଧ୍ୟା ୮ ଟାରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଓଡ଼ିଶା ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ାହୋଇ ବହୁସଂଖ୍ୟାର ଲୋକେ ମୋଦୀଙ୍କୁ ସ୍ୱାଗତ କରିଥିଲେ। ବାଣୀବିହାର ମଧ୍ୟରେ ୧୦ଟି ସ୍ଥାନରେ ୧୦ଟି ଆଇକନ୍ ସ୍ଥାପନ କରାଯିବା ସହିତ ବିଜେପିର ମହିଳା ନେତ୍ରୀମାନେ ପଦଯାତ୍ରା କରି ପ୍ରଧାନମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ। ଜନପଥର ଉଭୟ ପାର୍ଶ୍ୱରେ କୋଣାର୍କ ସୂର୍ଯ୍ୟମନ୍ଦିରର ଚକ, ରାମମନ୍ଦିର ପରିସରରେ ୨୦ ଜଣ ପୂଜକଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ଆଳତୀ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ରୋଡ୍ ଶୋ’ ରାତି ପ୍ରାୟ ୧୦ ଟା ପର୍ଯ୍ୟନ୍ତ ଜାରି ରହିଥିଲା। ରୋଡ୍ ଶୋ’ ଶେଷ କରି ପ୍ରଧାନମନ୍ତ୍ରୀ ରାଜଭବନ ଅଭିମୁଖେ ଗସ୍ତ କରିଥିଲେ। ସେଠାରେ ସେ ରାତ୍ରୀ ଯାପନ କରିବେ ଓ ଶନିବାର ବିଜେପି ପକ୍ଷରୁ ଆୟୋଜିତ ୩ ଟି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସ୍ଥିର ହୋଇଛି। ଶନିବାର ପ୍ରଧାନମନ୍ତ୍ରୀଙ୍କ ୩ଟି କାର୍ଯ୍ୟକ୍ରମ ରହିଛି। କନ୍ଧମାଳ, ବରଗଡ଼ ଓ ବଲାଙ୍ଗିରରେ ଆୟୋଜିତ ସାଧାରଣ ସଭାକୁ ମୋଦୀ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।







## କନ୍ଧମାଳ ନିର୍ବାଚନମଣ୍ଡଳୀ

# ନମ୍ବର ୧ ପାଇଁ ବିଜେଡି-ବିଜେପିର ସଂଘର୍ଷ

**ମନମୁଣ୍ଡା, ୧୦।୫ (ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ନିର୍ବାଚନମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର୍ ହେବାକୁ ଯାଉଛି। ଏନେଇ ନିର୍ବାଚନୀ ମାହୋଲ ସରଗରମ ରହିଥିବା ବେଳେ ପ୍ରଚାର ମଧ୍ୟ ଜମୁଛି। ବିଜେଡିରୁ ମହୀଧର ରଣା,


ମହୀଧର ରଣା


କହ୍ନେଇଚରଣ ଡାଙ୍ଗ

ବିଜେପିରୁ କହ୍ନେଇଚରଣ ଡ଼ାଙ୍ଗ, କଂଗ୍ରେସରୁ ସରୋଜ ପ୍ରଧାନ, ମାନସ ଲୋକଶକ୍ତି ପାର୍ଟିରୁ କୁଞ୍ଜବିହାରୀ ସିଂ, ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟବ୍ରତ ସାହୁ, ସୁଧାଂଶୁ ଡାଙ୍ଗ ନିର୍ବାଚନୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନୀ ଉଷ୍ମତା ଇତି ମଧ୍ୟରେ ବୃଦ୍ଧି ପାଇଛି।

ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟକୁ ଆଧାର କରି ବିଜେଡି ଭୋଟ ପ୍ରଚାର କରୁଛି। ବର୍ତ୍ତମାନର ବିଧାୟକ ମହୀଧର ରଣା ତାଙ୍କ ସମୟରେ ନିର୍ବାଚନମଣ୍ଡଳୀରେ କରିଥିବା ଅନେକ ଉନ୍ନତିମୂଳକ କାମକୁ ନେଇ ହ୍ୟାଟ୍ରିକ ବିଜୟ ହେବାକୁ ଆଶା ବାନ୍ଧିଛନ୍ତି। ବିଜେପି ପ୍ରାର୍ଥୀ ନିଜ ସ୍ଥିତି ବଜାୟ ରଖିବାକୁ ଉଦ୍ୟମ ଜାରି ରଖିଥିବା ବେଳେ ରାଜ୍ୟ ଓ କେନ୍ଦ୍ର ବିରୋଧରେ ରହିଥିବା ଅସନ୍ତୋଷର ଫାଇଦା ଉଠାଇବାକୁ କଂଗ୍ରେସ ଉଦ୍ୟମ ଜାରି ରଖିଛି। ତେବେ କିଏ ବାଜି ମାରୁଛି, ତାହା ଜୁନ ୪ ତାରିଖରେ ହିଁ ଜଣାପଡ଼ିବ।

ଶାସକ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଥିବା ବେଳେ ବିଜେପି ଓ କଂଗ୍ରେସ ମଧ୍ୟ ପଛରେ ପଡ଼ିନାହାଁନ୍ତି। ବିଜେଡିରୁ କାର୍ତ୍ତିକ ପାଣ୍ଡିଆନ ଷ୍ଟାର ପ୍ରଚାରକ ଭାବେ କନ୍ଧମାଳରେ ବିରାଟ ନିର୍ବାଚନୀ ସଭା କରି ଫେରିଯାଇଛନ୍ତି। ଅଦ୍ୟାବଧି କଂଗ୍ରେସର କୌଣସି ଷ୍ଟାର ପ୍ରଚାରକ ଜିଲ୍ଲାକୁ ଆସି ନାହାନ୍ତି। ହେଲେ ପ୍ରାର୍ଥୀମାନେ ଗାଁକୁ ଗାଁ, ଘରକୁ ଘର ବୁଲି ସିଧାସଳଖ ଭୋଟରଙ୍କ ସହ ସମ୍ପର୍କ ରଖି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ପ୍ରାର୍ଥୀ ମହୀଧର ରଣା ତୃତୀୟ ଥର ପାଇଁ ବିଜୟ ହେବା ଆଶା ରଖି ଗଡ଼ ରକ୍ଷା କରିବାକୁ ବିଭିନ୍ନ ରଣନୀତି ଚଳାଇଛନ୍ତି। ଅନ୍ୟପକ୍ଷରେ ବିଜେପି ଓ କଂଗ୍ରେସ ବିଜେଡିର ଗଡ଼ ଭାଙ୍ଗିବାକୁ ଉଦ୍ୟମ କରୁଥିଲେ ହେଁ ସେମାନେ ବହୁତ ପଛରେ ପଡ଼ି ଯାଇଛନ୍ତି। ୨୦୧୯ ନିର୍ବାଚନରେ ବିଜେଡିର ମହୀଧର ରଣା ୪୩, ୦୯୯, ବିଜେପିର କହ୍ନେଇ ଚରଣ ଡାଙ୍ଗ ୩୯, ୪୪୯, କଂଗ୍ରେସରୁ ପ୍ରଶାନ୍ତ ସାହୁ ୧୩, ୧୬୬ ଓ ସ୍ୱାଧୀନ ପ୍ରାର୍ଥୀ ଶେଷ ମେହେର ୨୮, ୩୭୦ ଖଣ୍ଡ ଭୋଟ ପାଇଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୬ ଜଣ ପ୍ରାର୍ଥୀ ଥିବାବେଳେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ସିଧାସଳଖ ଲଢ଼େଇ ହେବ। କଂଗ୍ରେସ ଅପେକ୍ଷାକୃତ ଦୁର୍ବଳ ରହିଛି।

---

**କଟକ ଲୋକସଭା ଆସନ**

# ୨୦୧୯ର ସ୍ଥିତି ବଜାୟ ରଖିପାରିବ ତ ବିଜେପି

**କଟକ, ୧୦।୫ (ସମିସ):**

କଟକ ଲୋକସଭା ଆସନରେ ଏଥର ବେଶ ରୋଚକ ଲଢ଼େଇ ହେଉଛି। ବିଜୁ ଜନତା ଦଳର ଗଡ଼ ଏହି ନିର୍ବାଚନମଣ୍ଡଳୀରୁ ୬ଥର ବିଜେଡି ଟିକଟରେ ଜିତିଥିବା ଭର୍ତ୍ତୃହରି ମହତାବ ଏଥର ବିଜେପି ପ୍ରାର୍ଥୀ। ଏହି ନିର୍ବାଚନମଣ୍ଡଳୀରେ ବିଜେପି ସ୍ଥିତି ପୂର୍ବ ନିର୍ବାଚନଗୁଡ଼ିକ ତୁଳନାରେ ୨୦୧୯ରେ ସାମାନ୍ୟ ସୁଧୁରି ପାରିଥିଲା। ହେଲେ ସେହି ସମୟରେ ବିଜେପି ପ୍ରାର୍ଥୀ ଥିବା ପ୍ରକାଶ ମିଶ୍ରଙ୍କୁ ଯେଉଁ ଭୋଟ ମିଳିଥିଲା, ତାହାକୁ ଏଥର ବଜାୟ ରଖିବା ଭର୍ତ୍ତୃହରିଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। କାରଣ ଗତ ୨୦୧୯ରେ ଭର୍ତ୍ତୃହରିଙ୍କ ବିରୋଧରେ ଥିବା ହାୱାରୁ ଫାଇଦା ନେଇଥିଲେ ବିଜେପି ପ୍ରାର୍ଥୀ ପ୍ରକାଶ। ଏଥର ବିଜେଡି ଭର୍ତ୍ତୃହରିଙ୍କୁ ଟିକଟ ନଦେବାରୁ ସେ ବିଜେପିରେ ଯୋଗଦେଇ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କ ସହ ଭର୍ତ୍ତୃହରି ଏଥର କଡ଼ା ମୁକାବିଲାର ସମ୍ମୁଖୀନ ହେଉଛନ୍ତି।

ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟ୍ଟରେ

## ଭର୍ତ୍ତୃହରିଙ୍କ ଚିନ୍ତା ବଢ଼ାଇଛନ୍ତି ବିଦ୍ରୋହୀ

ଭର୍ତ୍ତୃହରିଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ବିଭିନ୍ନ ବିଧାନସଭା କ୍ଷେତ୍ରରେ ରହିଥିବା ଦଳୀୟକନ୍ଦଳ। ଏପରିକି କେତେକ ବିଧାନସଭା କ୍ଷେତ୍ରରେ ବିଜେପିର କେତେକ ଟିକଟ ଆଶାୟୀ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଥିବା ବେଳେ ଆଉ କେତେକ ନିର୍ବାଚନ ନଲଢ଼ି ମଧ୍ୟ ଦଳରେ ରହି ଚେର କାଟିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଗୋଟିଏ ପଟରେ ଅସନ୍ତୁଷ୍ଟଙ୍କୁ ମନାଇବାରେ ଭର୍ତ୍ତୃହରି ସକ୍ଷମ ହୋଇ ନଥିବା ବେଳେ କଟକ ଲୋକସଭା ଅନ୍ତର୍ଗତ ପ୍ରାୟତଃ ଅଧିକାଂଶ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନ ବିଭାଜିତ ହୋଇଛି। ଦଳର ବିଧାନସଭା ପ୍ରାର୍ଥୀଙ୍କୁ ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିରୋଧ ହୋଇ ଆସୁଥିବା ବେଳେ ଏହା ଲୋକସଭା ଭୋଟକୁ ମଧ୍ୟ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି।

ଆଠଗଡ଼ ଓ ବଡ଼ମ୍ବାରେ ଦୁଇଜଣ ଟାଣୁଆ ବିଜେପି ନେତା ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଙ୍କୀ, ବାରବାଟୀ-କଟକ ଓ ଚୌଦ୍ୱାର-କଟକ ବିଜେପିରେ ରହିଥିବା ଗୋଷ୍ଠୀକନ୍ଦଳ କାହାକୁ



ଅଛପା ନାହିଁ। ଗତ ୨୦୦୯ରେ କଟକ ଲୋକସଭାର ବିଜେପି ପ୍ରାର୍ଥୀ ଅନାଦି ସାହୁ ୭୫୧୧୮ ଖଣ୍ଡ ଭୋଟ (୫.୮୫ପ୍ରତିଶତ) ପାଇ ତୃତୀୟ ହୋଇଥିବା ବେଳେ ୨୦୧୪ରେ ସମୀର ଦେଙ୍କୁ ମିଳିଥିଲା ୧, ୪୬, ୦୯୩ଭୋଟ (୧୫.୯୯ପ୍ରତିଶତ)। ସେହିପରି ୨୦୧୯ରେ ପ୍ରକାଶ ମିଶ୍ର ୪,୦୩, ୩୯୧ଖଣ୍ଡ (୩୮.୦୪ପ୍ରତିଶତ) ଭୋଟ ପାଇ ବିଜେଡିର ନିକଟତମ ପ୍ରତିଦ୍ୱନ୍ଦୀ ହୋଇଥିଲେ ମଧ୍ୟ ଲକ୍ଷାଧିକ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ତେବେ ୨୦୧୯ରେ ବିଜେପିକୁ ମିଳିଥିବା ଏହି ଭୋଟକୁ ୨୦୨୪ରେ ବଜାୟ ରଖିବା ବିଜେପି ପ୍ରାର୍ଥୀ ଭର୍ତ୍ତୃହରିଙ୍କ ପାଇଁ ଚାଲେଞ୍ଜ ହୋଇଛି।

କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବିଭିନ୍ନ ବିଧାନସଭା କ୍ଷେତ୍ରରେ ବିଜେପି ସଂଗଠନରେ ଥିବା ଫାଟ ଜଳଜଳ ଦିଶୁଛି। ବାଙ୍କୀରେ ବିଜେପି ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ହୁଅନ୍ତୁ ଅବା ଆଠଗଡ଼ରେ ଅଭୟ ବାରିକ, ବଡ଼ମ୍ବାରେ ସମ୍ବିତ ତ୍ରିପାଠୀଙ୍କ ବିରୋଧରେ ଅନ୍ୟ ପ୍ରମୁଖ ଟିକଟ ଆଶାୟୀ ସମାନ୍ତରାଳ ସଂଗଠନ ଚଳାଇଛନ୍ତି। ସେହିପରି ଚୌଦ୍ୱାର-କଟକରେ ନୟନ କିଶୋର ମହାନ୍ତି ଓ ବାରବାଟୀ-କଟକରେ ଡାକ୍ତର ପୂର୍ଣ୍ଣ ମହାପାତ୍ରଙ୍କ ପ୍ରାର୍ଥିତ୍ୱକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଦଳର ନେତା। ଦଳ ଭିତରେ ଥିବା ଅସନ୍ତୋଷ କୁହୁଳୁଥିବା ବେଳେ ଏହା ବିଜେପିର ଭୋଟବ୍ୟାଙ୍କକୁ ପ୍ରଭାବିତ କରିବ ବୋଲି ଚର୍ଚ୍ଚା ହେଉଛି। ବିଗତ ୬ଗୋଟି ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଆସିଛନ୍ତି।

ଆସନ୍ତା ମେ' ୨୫ରେ କଟକ ଲୋକସଭା ନିର୍ବାଚନ କ୍ଷେତ୍ରରେ ମତଦାନ ଅନୁଷ୍ଠିତ ହେବ। ଏବେ ବିଜେଡି ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଜୋରଦାର ପ୍ରଚାର ଚଳାଇଛନ୍ତି। କଟକ ଲୋକସଭା ଆସନ ଅଞ୍ଚଳରେ ୭ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବାଙ୍କୀ, ବଡମ୍ବା, ଆଠଗଡ଼ ଓ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ରହିଛି। ଗତ ୨୦୧୯ କଟକ ଲୋକସଭା ଆସନ ଅନ୍ତର୍ଗତ ବାରବାଟୀ-କଟକ ବ୍ୟତୀତ ସବୁ ବିଧାନସଭା କ୍ଷେତ୍ରରେ ବିଜେଡି ବିଧାୟକ ପ୍ରାର୍ଥୀମାନେ ବିଜୟୀ ହୋଇପାରିଥିଲେ।

---

**କଣ୍ଟାବାଞ୍ଜିରେ ଖାଲି ହେଉଛି କଂଗ୍ରେସ ଶିବିର**

# ବିଜେଡିରେ ମିଶିଲେ କଂଗ୍ରେସର ୨ ବ୍ଲକ୍ ଅଧ୍ୟକ୍ଷା

**ଭୁବନେଶ୍ୱର, ୧୦।୫(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅଧ୍ୟକ୍ଷା ତଥା କଂଗ୍ରେସ ନେତ୍ରୀ ରଞ୍ଜୁବାଳା ବେହେରା ଓ ତୁରେଇକେଲା ବ୍ଲକ୍ ଅଧ୍ୟକ୍ଷା ତଥା କଂଗ୍ରେସ ନେତ୍ରୀ ପୂଜା ବେହେରା ଆଜି ଶଙ୍ଖଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି। ଦୁହିଁଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ କଂଗ୍ରେସ କର୍ମୀ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ରଞ୍ଜୁବାଳା ଓ ପୂଜା କହିଥିଲେ ଯେ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବୁ।







ଏହି ମିଶ୍ରଣ ପର୍ବରେ ଭୋଳାନାଥ ବେହେରା, କସ୍ତୁରୀ ମାଝୀ, ଦ୍ରୋଣସେନ ବେହେରା, ଦ୍ରୌପଦୀ ବାରିକ, କୁନ୍ତି ସାହୁ, ଅହଲ୍ୟା ବେହେରା, ନୀଳକଣ୍ଠ ବାରିକ, ରୀତା ସାହୁ, ଉର୍ମିଳା ତାଣ୍ଡି, ଯୋଗେଶ୍ୱର ବେହେରା, ମୁରଲୀଧର କୁମ୍ଭାର, ହର ମେହେର, ବିନୋଦିନୀ ବାଗ, ସୁମିତ୍ରା ଜାଲ, ନନ୍ଦିନୀ ବାଗ, ସୁଦାମ ଭୋଇ, ଯୁବରାଜ ବେହେରା, ପ୍ରଦୀପ ଭୋଇ, ଘାସିରାମ ସାହୁ, ବଂଶୀ ବାଗ, କୁରୁକ୍ଷେତ୍ର ଭୋଇ, ମନ ତାଣ୍ଡି, ଦିବାକର ବାଗ, ଗିରିରାଜ ସିଂ ମାଝୀ, ପ୍ରମୋଦ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମାଝୀ, ପିତ ସମ୍ରାଟ, ପଦ୍ମ ଭୋଇ, ମୋତିରାମ ଭୋଇ, ଶୁଭକେଷି ଜାନି, କବିତା ପଟେଲ, ମୋତିଲାଲ ମହାନନ୍ଦ, ସୁଶିଳା ଭୋଇ, ଦେବରାଜ ପଟେଲ, ଦୁଲାଧର ବାଗ, ଗୋଜା କୁମ୍ଭାର, ରୀତା ଭତ୍ରା, ଆରତୀ ସୁନା, ଛାୟାବତୀ ମେହେରା, ଜ୍ଞାନରଞ୍ଜନ ତାଣ୍ଡି, ବିନୋଦିନୀ ନାଗ, ଲବଣୀ ଭୋଇ, ନୀଳାବତୀ ଧାରୁଆ, ରଶ୍ମିତା ଦାସ, ବିଳାସ ପୁଟେଲ, କାର୍ତ୍ତିକ ପୁଟେଲ, ସୁଦାମ ବେହେରା, ଦେବରା ମେହେର, କିଶୋର ଚନ୍ଦ୍ର ବେହେରା, ନରେନ୍ଦ୍ର ମେହେର, ମୁକେଶ ମେହେର, ଭରତ ଚନ୍ଦ୍ର ପ୍ରଧାନ, ସଞ୍ଜୟ କୁଅଁର, ଚକ୍ରଧର ମାଝୀ, ଅନୁ ଭୋଇ, ମନୋହର ଜାନି, ବିପିନ ଭୋଇ, ଛବିଳ ଭୋଇ, ପ୍ରକାଶ ଭୋଇ, କୈବଲ୍ୟ ଭୋଇ, ନନ୍ଦ ବେହେରା, ନେପାଳ ପୋଢ଼, ହରି ସିଂ ପୋଢ଼, ହରେକୃଷ୍ଣ ଶଗରିଆ, ବିଦେଶୀ ବେହେରା, ଉପା ବାଗ, ଭଜମନ ବେହେରାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

---


ନାମାଙ୍କନ ଦାଖଲ ପୂର୍ବରୁ ବାଲେଶ୍ୱରରେ ବିଜେଡିର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ଶୋଭାଯାତ୍ରା


ବଡ଼ଚଣା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶନୀ ନାମାଙ୍କନ ଦାଖଲ କରୁଛନ୍ତି

**ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

## ୫ ଲୋକସଭା ଆସନ ପାଇଁ ୪୦ ପ୍ରାର୍ଥୀ

**ଭୁବନେଶ୍ୱର, ୧୦।୫(ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ୫ ଲୋକସଭା ଆସନରେ ମୋଟ ୪୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ଏହି ୫ ଲୋକସଭା ଅଧୀନରେ ଆସୁଥିବା ୩୫ ବିଧାନସଭା ଆସନରେ ୨୬୫ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

**୩୫ ବିଧାନସଭା ଆସନରେ ୨୬୫ ପ୍ରାର୍ଥୀ**

ସୂଚନାଯୋଗ୍ୟ ଯେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଏପ୍ରିଲ ୨୬ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇ ଗତ ୩ ତାରିଖରେ ଶେଷ ହୋଇଥିଲା। ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ପରେ ଲୋକସଭା ପାଇଁ ୪୧ଜଣ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ବୈଧ ରହିଥିଲା। ୬ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବା ବେଳେ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ଜଣାପଡ଼ିଛି। ଅତଏବ ୫ ଲୋକସଭା କ୍ଷେତ୍ର ପାଇଁ ମୋଟ ୪୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବା ନେଇ ସ୍ପଷ୍ଟ ହୋଇଛି। ସେହିପରି ପ୍ରାର୍ଥିପତ୍ର ଯାଞ୍ଚ ପରେ ୩୫ ବିଧାନସଭା ଆସନ ପାଇଁ ୨୭୫ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥିପତ୍ର ବୈଧ ରହିଥିଲା। ୧୦ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ମଇଦାନରେ ମୋଟ ୨୬୫ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ଏହି ପର୍ଯ୍ୟାୟ ପାଇଁ ଆସନ୍ତା ୨୦ତାରିଖରେ ମତଦାନ ହେବାକୁ ଯାଉଛି। ଏଥିରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ସଂସଦୀୟ କ୍ଷେତ୍ର ଏବଂ ଏହା ଅଧୀନସ୍ଥ ୩୫ ବିଧାନସଭା ଆସନ ପାଇଁ ମତଦାନ ହେବ।

---

# ସ୍ୱାମୀ, ଶଶୁରଙ୍କ ପାଇଁ ହାତ ଯୋଡୁଛନ୍ତି ସ୍ତ୍ରୀ, ବୋହୂ







**ନୂଆପଡ଼ା, ୧୦।୫ (ସମିସ):** ଏମାନେ କୌଣସି ସିନେ ତାରକା ନୁହଁନ୍ତି କି ସେଲିବ୍ରିଟି ନୁହଁନ୍ତି; ସାଧାରଣ ଗୃହିଣୀ। ହେଲେ ଏଥର ନୂଆପଡ଼ା ଜିଲ୍ଲା ରାଜନୈତିକ ମୈଦାନରେ ପ୍ରଥମ ଥର ପାଇଁ ଏଭଳି ଗୃହିଣୀମାନେ ଘରର ଚାରିକାନ୍ଥରୁ ବାହାରି ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଏଥିରେ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ବୋହୂ ସୁମନ ଢୋଲକିଆ, ବିଜେଡିର କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ପତ୍ନୀ ଛାୟାରାଣୀ ନିଆଲ ଏବଂ ଖଡିଆଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ହିତେଶ ବଗର୍ତ୍ତିଙ୍କ ପତ୍ନୀ ରୀତାରାଣୀ ବଗର୍ତ୍ତି ରହିଛନ୍ତି।

ରାଜେନ୍ଦ୍ର ଢୋଲକିଆ କୋମନା ଏବଂ ନୂଆପଡ଼ା ବ୍ଲକ୍ ଅଞ୍ଚଳରେ ବୁଲି ବୁଲି ପ୍ରଚାର କରୁଥିବା ବେଳେ ସୁମନ ନୂଆପଡ଼ା ଏବଂ ଖଡ଼ିଆଳରୋଡ୍ ଏନ୍ଏସିରେ ପ୍ରଚାରରେ ବାହାରୁଛନ୍ତି। ଚାରିକାନ୍ଥ ଭିତରୁ ବାହାରି ସେ ସକାଳୁ ସନ୍ଧ୍ୟା ଯାଏଁ ବିଜେଡି ପରିବାରର ସଦସ୍ୟଙ୍କ ସହ ପ୍ରତିଟି ଘର ବୁଲୁଛନ୍ତି। ହାତରେ ପ୍ରଚାରପତ୍ର ସହ ନିଜ ଶ୍ୱଶୁର ରାଜେନ୍ଦ୍ରଙ୍କ ୨୦ ବର୍ଷର କାର୍ଯ୍ୟ ଓ ନବୀନ ସରକାରଙ୍କ ଯୋଜନା ଉପରେ ଲୋକଙ୍କୁ ଅବଗତ କରି ଭୋଟ୍ ଭିକ୍ଷା କରୁଛନ୍ତି। ବିଧାୟକ ପ୍ରାର୍ଥୀଙ୍କ ପରିବାର ସହ ବିଜେଡି ପରିବାରର ଜଣେ ସକ୍ରିୟ ସଦସ୍ୟା ଭାବେ ତାଙ୍କର ମଧ୍ୟ ପ୍ରଚାରପ୍ରସାରର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଛନ୍ତି। ଏଥର ଲୋକେ ବହୁ ଉତ୍ସାହିତ ରହିଛନ୍ତି। ବହୁ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବେ ବୋଲି ସେ କହିଛନ୍ତି।

## ଷ୍ଟାର୍ ପ୍ରଚାରକ ସାଜିଛନ୍ତି ସୁମନ, ଛାୟାରାଣୀ ଓ ରୀତାରାଣୀ

ସେହିଭଳି ବିଜେଡିର କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ପତ୍ନୀ ଛାୟାରାଣୀ ନିଆଲ ମଧ୍ୟ ଚାରିକାନ୍ଥ ମଧ୍ୟରୁ ବାହାରକୁ ଯାଉନଥିଲେ। ଏଥର ତାଙ୍କର ଗୁରୁଦାୟିତ୍ୱ ବଢ଼ି ଯାଇଛି। ବିଜେଡି ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରତ୍ୟେକ ପରିବାର ନିକଟକୁ ନେଇ ସୂଚିତ କରିବା ଜରୁରୀ ମନେ କରି ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଚାର କାମରେ ବାହାରୁଥିବା ସେ କହିଛନ୍ତି। ଲୋକେ ନବୀନ ସରକାରଙ୍କ ଯୋଜନା ଉପରେ ଖୁସି ବ୍ୟକ୍ତ କରୁଛନ୍ତି। ନିଶ୍ଚିତ ଭାବେ ଏଥର ଡବଲ ଶଙ୍ଖରେ ଲୋକେ ଭୋଟ ଦେବେ ବୋଲି ସେ ଆଶାବାଦୀ ରହିଥିବା କହିଛନ୍ତି।

ସେପଟେ ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି ତରଫରୁ ବିଧାୟକ ପ୍ରାର୍ଥୀ ହୋଇଥିବା ହିତେଶ ବଗର୍ତ୍ତିଙ୍କ ତରଫରୁ ତାଙ୍କ ସ୍ତ୍ରୀ ରୀତାରାଣୀ ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି। ପ୍ରତି ପରିବାରକୁ ଯାଇ ମହିଳା ଭୋଟରଙ୍କୁ ସେ ନିର୍ବାଚନ ସମ୍ପର୍କିତ ବାର୍ତ୍ତା ଦେଇ ସ୍ୱାମୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରୁଥିବା କହିଛନ୍ତି। ମହିଳାମାନଙ୍କ ପ୍ରଚାରକୁ ଲୋକେ ସହଜରେ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

---

## ଶଙ୍ଖ ଫୁଙ୍କିଲେ କଂଗ୍ରେସ ନେତା ବଳରାମ ଦାସ

**ଭୁବନେଶ୍ୱର, ୧୦।୫ (ସମିସ):** ଯାଜପୁର ଜିଲ୍ଲାର କାର୍ଯ୍ୟକାରୀ କଂଗ୍ରେସ ସଭାପତି ବଳରାମ ଦାସଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି, କର୍ମୀ ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଧଳଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ଯାଜପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଧଳ କହିଥିଲେ। ଏହି ଅବସରରେ ବଳରାମ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ଏହି ମିଶ୍ରଣ ପର୍ବରେ ଭରତ ଚନ୍ଦ୍ର ବେହେରା, ତଥାଗତ ନାୟକ, ଦେବେନ୍ଦ୍ର ସ୍ୱାଇଁ, ରୀନା ସିଂ, ଗଜେନ୍ଦ୍ର ସେଠୀ, ଭରତ ଚନ୍ଦ୍ର ଜେନା, ମାନସ ରଞ୍ଜନ ଜେନା, ହୃଷୀକେଶ ମହାନ୍ତି, ସୁଦାମ ଚରଣ ଜେନା, ଉତ୍କଳ ମହାପାତ୍ର, ଅଜୟ କୁମାର ସେଠୀ, ନନ୍ଦିନୀ ଦଳାଇ, କୁଳମଣି ରାଉତ, ହରିହର ସାମଲ, ସୁଜିତ ସାମଲ, ଅରବିନ୍ଦ ସୁତାର, ହୃଷିକେଶ ମହାନ୍ତି, ସୁବ୍ରତ ମହାନ୍ତିଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।



PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

# ଯାତ୍ରା ଅନୁକୂଳ; ଶିବାଳୟରେ ଉଠିଲା ଥାଳ



ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା

**ସମ୍ବଲପୁର, ୧୦।୫ (ସମିସ):** ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଆଜି ପବିତ୍ର ଅକ୍ଷୟତୃତୀୟା ତିଥିରେ ଥାଳଉଠା ପର୍ବ ସହ ଯାତ୍ରା ପାଇଁ ବିଧି ଅନୁଯାୟୀ ଆନୁଷ୍ଠାନିକ ପ୍ରସ୍ତୁତି ଅନୁକୂଳ ହୋଇଛି। ବିଭିନ୍ନ ଶିବାଳୟରେ ଭକ୍ତିମୟ ପରିବେଶରେ ଏହି ପରମ୍ପରା ସମ୍ପନ୍ନ ହୋଇଛି। ଶିବ-ପାର୍ବତୀଙ୍କ ବିବାହ ପାଇଁ ବରପକ୍ଷ ଓ କନ୍ୟାପକ୍ଷଙ୍କ ସହ ପୂଜକ, ପୁରୋହିତ, ଯାତ୍ରା କମିଟିର କର୍ମକର୍ତ୍ତା ଏବଂ ସ୍ୱେଚ୍ଛାସେବୀ ଏଥିରେ ଯୋଗ ଦେଇଥିଲେ। ପଞ୍ଜିକା ଅନୁଯାୟୀ ଆଗାମୀ ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥି ଜୁନ୍ ୧୦ତାରିଖ ରାତିରେ ଶିବ-ପାର୍ବତୀଙ୍କ ଶୁଭ ପରିଣୟ ଅନୁଷ୍ଠିତ ହେବ। ୧୧ ତାରିଖ ଶୀତଳଷଷ୍ଠୀ ତିଥିରେ ଦେବଦମ୍ପତି ମନ୍ଦିର ବେଢ଼ାକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ରାତିରେ ଶିବ-ପାର୍ବତୀ ଶୀତଳଷଷ୍ଠୀ ଯାତ୍ରାରେ ନଗର ପରିକ୍ରମା କରିବେ। ୧୨ ତାରିଖ ଅପରାହ୍ଣରେ ଦେବଦମ୍ପତିଙ୍କ ଗମ୍ଭୀରା ପ୍ରବେଶ କାର୍ଯ୍ୟକ୍ରମ ରହିଛି।

◆VOLUME- 41 ◆ISSUE-314 ◆BHUBANESWAR ◆SATURDAY ◆11 MAY 2024 ◆PAGE-20 ◆₹ 6.00

THE SAKALA

◆ବର୍ଷ-୪୧ ◆ସଂଖ୍ୟା-୩୧୪ ◆ଭୁବନେଶ୍ୱର ◆ଶନିବାର ◆୧୧ ମେ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦




## ମା' ମାନେ ପାଇବେ ପେନ୍‌ସନ୍

# ଆପଣମାନେ ଖୁସି ତ?



■ **ଭୁବନେଶ୍ୱର, ୧୦।୫ (ସମିସ):** ମିଶନ୍ ଶକ୍ତି ମା' ମାନେ ପେନସନ୍ ପାଇବେ । ଆପଣମାନେ ଖୁସି ତ? ରାଜ୍ୟର ୭୦ ଲକ୍ଷରୁ ଅଧିକ ମିଶନ୍ ଶକ୍ତି ସଦସ୍ୟାମାନଙ୍କୁ ଏପରି ପ୍ରଶ୍ନ ପଚାରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗତକାଲି ଦଳର ନିର୍ବାଚନୀ ଇସ୍ତାହାରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ମିଶନଶକ୍ତି ସହ ସମ୍ପୃକ୍ତ ମା' ମାନଙ୍କ ପାଇଁ ପେନ୍‌ସନ ଓ ୧୫ ଲକ୍ଷ ଟଙ୍କାର ସୁଧମୁକ୍ତ ଋଣ ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ଏହି ଘୋଷଣାକୁ ନେଇ ରାଜ୍ୟର ମା' ମାନେ କେତେ ଖୁସି ସେ ସମ୍ପର୍କରେ ଜାଣିବାକୁ ଚାହିଁଛନ୍ତି ନବୀନ । ଏକ ଛୋଟ ଭିଡ଼ିଓ ବାର୍ତ୍ତା ଜରିଆରେ ସେ ରାଜ୍ୟର ମା' ମାନଙ୍କୁ ଏହି ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଛୋଟ ଭିଡ଼ିଓ ଜଙ୍ଗଲ ନିଆଁ ପରି ଭାଇରାଲ ହେବାରେ ଲାଗିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଯୋଡ଼ା ଶଙ୍ଖରେ ଭୋଟ ଦାନ ସଂକ୍ରାନ୍ତ ଛୋଟ ଭିଡ଼ିଓ ପ୍ରବଳ ଭାଇରାଲ ହୋଇଥିଲା। ମାତ୍ର ୨୪ ଘଣ୍ଟାରେ ଏହାକୁ ୪୦ ଲକ୍ଷ ଲୋକ ଦେଖିଥିଲେ ଓ ଖୁବ୍ କମ୍ ସମୟ ମଧ୍ୟରେ ଏହାର ଦର୍ଶକ ସଂଖ୍ୟା କୋଟିଏ ଟପିଥିଲା। ଆଜି ମିଶନଶକ୍ତି ମା'ଙ୍କୁ ନବୀନଙ୍କ 'ଆପଣମାନେ ଖୁସି ତ' ଭିଡ଼ିଓ ପୁଣି ଭାଇରାଲ ହୋଇଛି ।

ମହିଳା ସଶକ୍ତିକରଣ କ୍ଷେତ୍ରରେ ସମଗ୍ର ଦେଶରେ ନୂଆ କୀର୍ତ୍ତିମାନ ରଚିଥିବା ମିଶନ୍ ଶକ୍ତି ଆଉ ଏକ ପର୍ଯ୍ୟାୟକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି ବିଜେଡି ନେତୃତ୍ୱାଧୀନ ନବୀନ ସରକାର। ଗତକାଲି ବିଜେଡି ଜାରି କରିଥିବା ନିଜର ଘୋଷଣାପତ୍ରରେ ବ୍ୟାପକ ପ୍ରତିଶ୍ରୁତି ଦେଇଛି। ଏଥିରେ ମିଶନ୍ ଶକ୍ତି ମା' ମାନଙ୍କ ପାଇଁ ବିବିଧ ସୁବିଧା ଘୋଷଣା କରାଯାଇ ଥିବା ବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସେମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା। ବିଜେଡି ସରକାର ଗଠନ କରିବା ପରେ ପ୍ରଥମ କ୍ୟାବିନେଟ୍ ବୈଠକରେ ମା' ମାନଙ୍କ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ଉପରେ ବିଧିବଦ୍ଧ ମୋହର ବାଜିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ମିଶନ୍ ଶକ୍ତି ଗୋଷ୍ଠୀଙ୍କୁ ବିନା ସୁଧରେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ଏପରି କରିବାରେ ଓଡ଼ିଶା ହେବ ଦେଶର ପ୍ରଥମ ରାଜ୍ୟ। ଆଗାମୀ ୫ ବର୍ଷ

**ଜଙ୍ଗଲ ନିଆଁ ପରି ଭାଇରାଲ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଛୋଟ ଭିଡ଼ିଓ**

**ଯୋଡ଼ି ଶଙ୍ଖ ଭିଡ଼ିଓ ୨୪ ଘଣ୍ଟାରେ ଦେଖିଥିଲେ ୪୦ ଲକ୍ଷ ଲୋକ**

ମଧ୍ୟରେ ଏସ୍‌ଏଚ୍‌ଜି ଗୁଡିକୁ ୧.୫ ଲକ୍ଷ କୋଟି ଟଙ୍କାର ଆର୍ଥିକ ଲିଙ୍କେଜ ହାସଲ କରି ସେମାନଙ୍କୁ ୨୫୦୦ କୋଟି ଟଙ୍କାର ସୁଧ ଫେରସ୍ତ ଦିଆଯିବ । ଏହି ପଦକ୍ଷେପ ସେମାନଙ୍କୁ ଏସ୍‌ଏଚ୍‌ଜିରୁ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗରେ ପରିଣତ କରିବ। ସେହିପରି ଆଗାମୀ ୧୦ ବର୍ଷ ଭିତରେ ସେମାନଙ୍କୁ ୨୦ ହଜାର କୋଟିର ସରକାରୀ କାରବାର ଦାୟିତ୍ୱ ପ୍ରଦାନ କରାଯିବ। ସେମାନଙ୍କୁ ବିଏସ୍‌କେୱାଇରେ ସାମିଲ ସହିତ ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନିଆଯିବ।

# ରାଉରକେଲାରେ ପାଣ୍ଡିଆନଙ୍କ ରୋଡ୍ ଶୋ'





■ **ରାଉରକେଲା, ୧୦।୫ (ସମିସ):** ହଜାର ହଜାର ଜନସମୁଦ୍ର ମଧ୍ୟରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଶୁକ୍ରବାର ସନ୍ଧ୍ୟାରେ ରାଉରକେଲାରେ ବିଶାଳ ରୋଡ୍ ଶୋ' କରିଛନ୍ତି। 'ଜୟ ଜଗନ୍ନାଥ... ଆପଣମାନେ କେମିତି ଅଛନ୍ତି...' ବୋଲି କହି ବିଶ୍ରା ଛକରୁ ରୋଡ ଶୋ' ଆରମ୍ଭ କରିଥିଲେ ପାଣ୍ଡିଆନ୍। ସେ କହିଲେ ମୁଁ ରାଉରକେଲାରେ ମାତ୍ର ୮ ମାସ ପାଇଁ ସେବା କରିବାର ସୁଯୋଗ ପାଇଥିଲି। ସେତେବେଳେ ରାଉରକେଲା ନୂଆ ବସଷ୍ଟାଣ୍ଡ ରାସ୍ତାର ଦୋହରୀକରଣ ଓ ଛେଣ୍ଡ ରାସ୍ତାର ଦୋହରୀକରଣ କାର୍ଯ୍ୟ ହୋଇଥିଲା। ରାଉରକେଲାବାସୀଙ୍କ ସ୍ନେହଶ୍ରଦ୍ଧା, ଭଲପାଇବା ଏବେ ବି ମନେଅଛି। ରାଉରକେଲାରେ ଏବେ ଅଭୂତପୂର୍ବ ବିକାଶ ହୋଇଛି। ରାଉରକେଲା ସହରରେ ଭିତ୍ତିଭୂମିର ପ୍ରଭୂତ ବିକାଶ ହୋଇଛି। ରାଉରକେଲାରେ ଏହି ବିକାଶଧାରା ଜାରି ରଖିବା ପାଇଁ ଆଗାମୀ ୨୦ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଶଙ୍ଖଚିହ୍ନରେ ବଟନ ଦବାଇ ରାଉରକେଲା ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ଓ ସୁନ୍ଦରଗଡ଼ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀଙ୍କୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଥିଲେ।

**ସାରଦା ଓ ଦିଲୀପଙ୍କୁ ଭୋଟ ଦେବାକୁ ଅନୁରୋଧ**

ପାଣ୍ଡିଆନ ରାଉରକେଲା ବିଶ୍ରା ଛକଠାରେ ପହଞ୍ଚି ରୋଡ ଶୋ' ଆରମ୍ଭ କରିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ସେ କହିଲେ, ସୁନ୍ଦରଗଡ଼ ଜିଲ୍ଲା ସମେତ ରାଉରକେଲା ସହରର ଅନେକ ବିକାଶ କାର୍ଯ୍ୟ କରାଯାଇଛି। ମୁଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଓ ଆରଡିଏ ମୁଖ୍ୟ ଥିବା ସମୟରେ ସହରର ମାନଚିତ୍ର ସମ୍ପୂର୍ଣ୍ଣ ବଦଳାଇଥିଲି। ଆଗାମୀ ଦିନରେ ସହରର ଆହୁରି ବିକାଶ ହେବ। ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିବାରେ ଲାଗି ପଡ଼ିଛନ୍ତି। ବର୍ତ୍ତମାନ ରାଉରକେଲା ବିଶ୍ୱ ଦରବାରରେ ସ୍ଥାନ ପାଇଛି। ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରାଯାଇଛି। ଏଥର ମଧ୍ୟ ବିଜେଡି ବାଜିମାତ କରିବ। ବିଜେଡି ସରକାର ଗଠନ ▶ପୃଷ୍ଠା-୧୩

## ବିଜେଡି ଇସ୍ତାହାର

# ଶ୍ରେଷ୍ଠ ଓଡ଼ିଶାର ଭିତ୍ତି

## ସମସ୍ତଙ୍କୁ ନେଇ ଗଠନ ହେବ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା'



■ **ଭୁବନେଶ୍ୱର, ୧୦।୫(ସମିସ):** ବିଜେଡିର ନିର୍ବାଚନୀ ଇସ୍ତାହାର ହେଉଛି ଏକ ଐତିହାସିକ ଘୋଷଣାପତ୍ର। ଦେଶର କୌଣସି ଜାତୀୟ କିମ୍ବା ଆଞ୍ଚଳିକ ଦଳ ଏପରି ଇସ୍ତାହାର ଆଣିପାରି ନାହାନ୍ତି। ବିଜେଡି ଯେଉଁ ନିର୍ବାଚନୀ ଇସ୍ତାହାର ଆଣିଛି ତାହା ଓଡ଼ିଶାକୁ ସବୁ କ୍ଷେତ୍ରରେ ଦେଶର ଏକ ନମ୍ବର ରାଜ୍ୟର ପରିଣତ କରିବା ପାଇଁ ବେଶ୍ ସମର୍ଥ। ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହିତ ସାମଗ୍ରିକ ବିକାଶ ପାଇଁ ଥିବା ଆମର ଉଦ୍ଦେଶ୍ୟକୁ ସାକାର କରିବ। ଓଡ଼ିଶାବାସୀଙ୍କ ପ୍ରସ୍ତାବ ଆଧାରରେ ପ୍ରସ୍ତୁତ ଏହି ଇସ୍ତାହାର ଏକ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନ କରିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଇସ୍ତାହାର କମିଟିର ଆବାହକ ଡ଼ ଅମର ପଟ୍ଟନାୟକ କହିଛନ୍ତି ଯେ ବିଜେଡିର ନିର୍ବାଚନୀ ଘୋଷଣାପତ୍ର ଓଡ଼ିଶା ଇତିହାସରେ ଲିପିବଦ୍ଧ ହୋଇ ରହିବ। ଗତ ୨୪ ବର୍ଷ ଭିତରେ ଏକ ପଛୁଆ, ଗରିବ, ଅନାହାର ଜର୍ଜରିତ ଓ ପ୍ରାକୃତିକ ବିପର୍ଯ୍ୟୟ ବିଧ୍ୱସ୍ତ ରାଜ୍ୟକୁ ବିଜେଡି ସରକାର ଏକ ଆଦର୍ଶ ରାଜ୍ୟରେ ପରିଣତ କରିଛନ୍ତି। ଏବେ ଏକ ନୂଆ ଓଡ଼ିଶା ନିର୍ମାଣ କରିବାର ସମୟ ଆସିଛି। ମହାପ୍ରଭୂଙ୍କ କୃପାରୁ ବିଜେଡିର ଏହି ଘୋଷଣାପତ୍ରରେ ଦିଆଯାଇଥିବା ପ୍ରତିଶ୍ରୁତି '୫-ଟି' ଉପକ୍ରମରେ ପୂରଣ କରାଯିବ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୨ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୩୪ ସୁଦ୍ଧା ସବୁ କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବ ଆମର ଏହି ଇସ୍ତାହାର ବୋଲି ▶ପୃଷ୍ଠା-୧୩



# ଅନୁକୂଳ ହେଲା ରଥ ନିର୍ମାଣ

■ **ପୁରୀ, ୧୦।୫ (ସମିସ):** ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟାରେ ଶ୍ରୀଜିଉଙ୍କ ତିନିରଥ ନିର୍ମାଣ ଅନୁକୂଳ ହୋଇଛି। ସନ୍ଧ୍ୟା ୬ଟାରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ଶ୍ରୀନଅର ସମ୍ମୁଖରେ ରଖାଯାଇଥିବା କାଠରେ ବିଜେ ହୋଇଥିଲା। ଦେଉଳ ପୁରୋହିତ ପୂଜା ହୋଇଥିବା ସୁନା କୁରାଢ଼ିରେ ସ୍ପର୍ଶ କରି ରଥ ନିର୍ମାଣ ଅନୁକୂଳ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ସ୍ନାନ କରାଯାଇ ରଖାଯାଇଥିଲା। ଦେଉଳ ପୁରୋହିତ ଓ ଶ୍ରୋତ୍ରୀୟ ବ୍ରାହ୍ମଣ ଅପରାହ୍ଣରେ ରଥଖଳାରେ ବନଯାଗର ସଂକ୍ଷିପ୍ତ ପଦ୍ଧତିରେ ରଥକାଠ ଅନୁକୂଳ ନୀତି କରିଥିଲେ। ମା' ▶ପୃଷ୍ଠା-୧୩

# ଫମ୍ପା 'ଆକାଂକ୍ଷୀ'; ଅନୁଦାନ ନିଅଣ୍ଟିଆ

■ **ଭୁବନେଶ୍ୱର, ୧୦।୫(ସମିସ):** ଦେଶର ଅନୁନ୍ନତ ଏବଂ ପଛୁଆ ଭାବେ ପରିଗଣିତ ୧୧୨ଟି ଜିଲ୍ଲାରେ ଦ୍ରୁତ ବିକାଶ ତଥା ରୂପାନ୍ତରଣ ଆଣିବାକୁ କେନ୍ଦ୍ର ସରକାର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। ୟୁପିଏ ସରକାର ସମୟରେ ପ୍ରଚଳିତ ପଛୁଆ ଅଞ୍ଚଳ ବିକାଶ ପାଣ୍ଠି (ବିଆର୍‌ଜିଏଫ୍) କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା ଓ ଗତ ୨୦୧୮ ମସିହା ଜାନୁଆରୀ ମାସରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ଏହି ତଥାକଥିତ ଦ୍ରୁତ ବିକାଶ ନିମନ୍ତେ 'ଆକାଂକ୍ଷୀ' କାର୍ଯ୍ୟକ୍ରମର ଅନୁଦାନ ଅନୁଧ୍ୟାନ କଲେ ନିରାଶ ହେବାକୁ ପଡ଼େ। ବିଆର୍‌ଜିଏଫ୍‌ରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ତୁଳନାରେ ଯଥେଷ୍ଟ କମ୍ 'ଆକାଂକ୍ଷୀ' ଅନୁଦାନ ସମ୍ପୃକ୍ତ ଜିଲ୍ଲାର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଛି।

**ବିଆର୍‌ଜିଏଫ୍ ପରିବର୍ତ୍ତେ ଆରମ୍ଭ ହୋଇଛି 'ଆକାଂକ୍ଷୀ'**

**ବିଆର୍‌ଜିଏଫ ତୁଳନାରେ ଆକାଂକ୍ଷୀ ରାଶି ନଗଣ୍ୟ**

**୫ ବର୍ଷରେ ୧୦ ଜିଲ୍ଲାକୁ ଅନୁଦାନ ମାତ୍ର ୭୩ କୋଟି**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଜିଲ୍ଲାଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଣୟନ ହେଉଥିବା ବେଳେ ଜିଲ୍ଲାଗୁଡ଼ିକର ପ୍ରଗତିକୁ ମାପିବା ପାଇଁ ମାସିକ ଡେଲ୍‌ଟା ର୍‌ୟାଙ୍କିଙ୍ଗ୍‌ର ପ୍ରଣୟନ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ, ଭିତ୍ତିଭୂମି ପରି ମୋଟ ୫ଟି ବଡ଼ ସାମାଜିକ-ଅର୍ଥନୈତିକ ବିଷୟବସ୍ତୁ/କ୍ଷେତ୍ରରେ ବିଭିନ୍ନ ଯୋଜନାର କାର୍ଯ୍ୟନ୍ୱୟନ ହେଉଥିବା ବେଳେ ଏଥିରେ ଉନ୍ନତ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକର ପ୍ରଦର୍ଶନ ପ୍ରାୟ ୪୯ଟି ସୂଚକାଙ୍କ ମାଧ୍ୟମରେ ନିର୍ଦ୍ଧାରଣ କରାଯାଉଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଲ୍ଲାମାନଙ୍କୁ ଦିଆଯାଉଥିବା ଅନୁଦାନ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଥ୍ୟ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅଧୀନରେ କୋରାପୁଟ ଭଳି ଜିଲ୍ଲାକୁ ମାତ୍ର ୩ କୋଟି ଟଙ୍କାର ଅନୁଦାନ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ସେହିପରି ଢେଙ୍କାନାଳକୁ ୬ କୋଟି, କନ୍ଧମାଳକୁ ୮ କୋଟି, ମାଲକାନଗିରିକୁ ୨.୯ କୋଟି, ନବରଙ୍ଗପୁରକୁ ୮ କୋଟି, କଳାହାଣ୍ଡିକୁ ୬ କୋଟି, ନୂଆପଡ଼ାକୁ ୧୧ କୋଟି, ବଲାଙ୍ଗୀରକୁ ୧୩ କୋଟି ଏବଂ ଗଜପତିକୁ ୧୫.୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ୫ ବର୍ଷରେ ଉପରୋକ୍ତ ଜିଲ୍ଲାମାନଙ୍କୁ ଉପରୋକ୍ତ ଅର୍ଥ ପ୍ରଦାନ କରାଯାଇଥିବା ବେଳେ ବାସ୍ତବରେ ଏହା ସମୁଦ୍ରକୁ ଶଙ୍ଖେ ବୋଲି ତଥ୍ୟଭିତ୍ତିକ ମହଲରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ପୂର୍ବରୁ ୟୁପିଏ ସରକାର ପଛୁଆ ଅଞ୍ଚଳ ଅନୁଦାନ ରାଶି(ବିଆରଜିଏଫ୍)ରେ ଦେଶର ପଛୁଆ ଜିଲ୍ଲାଗୁଡ଼ିକର ବିକାଶ ପାଇଁ ଏହାଠାରୁ ଯଥେଷ୍ଟ ଅଧିକ ଅନୁଦାନ ମିଳୁଥିଲା। ଏପରିକି ୨୦୧୧-୧୨ ଆର୍ଥିକ ବର୍ଷରେ ବିଆରଜିଏଫ୍‌ରେ ସାମିଲ ଥିବା ଓଡ଼ିଶାର ୧୯ ଜିଲ୍ଲାକୁ ବାର୍ଷିକ ପ୍ରାୟ ୩୨୦.୯୬ କୋଟି ▶ପୃଷ୍ଠା-୧୩

## ଲୋକକଥା



ଓଡ଼ିଶାକୁ 'ଫୁଲ' ନେତା ଧାଉଁଛନ୍ତି
ଭୋଅଟ ମାଗିବା ପାଇଁ,
ରାଇଜବାସୀଙ୍କୁ କ'ଣ ଦେଇଛନ୍ତି
କହିପାରିବେକି କେହି !
ଖଣି-ପାଣି ସବୁ ନେଇ,
ଆଜି ଯାଏ ରାଜ୍ୟ ପ୍ରାପ୍ୟ ଦିଅନ୍ତିନି
ଚାଲନ୍ତି ଭୁଆଁ ବୁଲେଇ !!

## କେନ୍ଦ୍ରମନ୍ତ୍ରୀଙ୍କ ବିହାର ପ୍ରୀତି

# ବିହାର ପାଇଁ ଗୋଟିଏ ନୀତି, ଓଡ଼ିଶା ପାଇଁ ଭିନ୍ନ

■ **ଭୁବନେଶ୍ୱର, ୧୦।୫(ସମିସ):** ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ସଂଶୋଧିତ ନିୟମ ପ୍ରଣୟନ କରିଛନ୍ତି। ନିଯୁକ୍ତିରେ ସ୍ୱଚ୍ଛତା ଆଣି ଶୈକ୍ଷିକ ମାନ ବୃଦ୍ଧି କରିବାକୁ ସରକାରଙ୍କ ଯୋଜନା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଅଦାଲତି ମାମଲାରେ ଫସିଛି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିବାରୁ ରାଜ୍ୟରେ ଅଧ୍ୟାପକ ନିଯୁକ୍ତି ବାଧାପ୍ରାପ୍ତ ହୋଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ଓ ନିଯୁକ୍ତି ଆଶାୟୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଆବେଦନ ଆଧାରରେ ସୁପ୍ରିମକୋର୍ଟ ୨୦୨୨ ମସିହା ମେ ୨୦ ତାରିଖରେ ସୁପ୍ରିମ୍‌କୋର୍ଟ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ଉପରେ ରହିତାଦେଶ ଜାରି କରିଛନ୍ତି। ଏଥିମଧ୍ୟର ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାଏଁ ରାୟ ପ୍ରକାଶ ପାଇନାହିଁ। ଏହା ଯୋଗୁଁ ରାଜ୍ୟର ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ହଜାର ହଜାର ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ ହୋଇପାରୁ ନାହିଁ, ଅନ୍ୟପକ୍ଷରେ ରାଜ୍ୟର ଲକ୍ଷଲକ୍ଷ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଅଧୀନସ୍ଥ ୟୁଜିସି ନିଯୁକ୍ତି କ୍ଷେତ୍ରରେ ବିହାର ପାଇଁ ଗୋଟିଏ ନୀତି ଆପଣେଇଥିବାବେଳେ ଓଡ଼ିଶା ପାଇଁ ଭିନ୍ନ ନୀତି ଆପଣେଇବା ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନିଯୁକ୍ତିରେ ୟୁଜିସିର ଦୋହରା ନୀତି**

**କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧୀନରେ ରହିଛି ୟୁଜିସି**

ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରଶାସନ ଓ ନିଯୁକ୍ତିକୁ ସ୍ୱଚ୍ଛ କରିବା ଏବଂ ତାହାର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୮୯ରେ ସଂଶୋଧନ କରାଯାଇଛି। ବିଶେଷ କରି କୁଳପତି ଚୟନ, ସିଣ୍ଡିକେଟ ଗଠନ, ଅଧ୍ୟାପକ ତଥା ଅନ୍ୟାନ୍ୟ ପଦରେ ନିଯୁକ୍ତି ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇ ନୂତନ ନିୟମ ପ୍ରଣୟନ ▶ପୃଷ୍ଠା-୧୩



## କୁନି ହାତରେ ନୂଆ ରୂପ ନେଉଛି ବର୍ଜ୍ୟ

# ପିସ୍ତା ବାଦାମରେ ପ୍ରକୃତିର ଚିତ୍ର

ଭୁବନେଶ୍ୱର, ୧୦।୫(ସମିସ)






ମାଟି ହେଉ ଅବା କାଗଜ, ପ୍ଲାଷ୍ଟିକ ବୋତଲ ହେଉ ଅବା ଇୟର୍ ବଡ୍‌ସକୁ ବ୍ୟବହାର କରି ତିଆରି ହେଉଛି ଆକର୍ଷଣୀୟ ସାମଗ୍ରୀ। ସେହିପରି ପିସ୍ତା ବାଦାମ, ଅଖ୍ରୋଡ୍, ବାଦାମ ଭଳି ଅନେକ ଡ୍ରାଏ ଫ୍ରୁଟସ୍ ଖାଇବା ପରେ ସେଗୁଡ଼ିକ ଚୋପାକୁ ଅଦରକାରୀ ଭାବେ ଆମେ ଫୋପାଡ଼ି ଦେଉଛି। ତେବେ ଏହି ବର୍ଜ୍ୟକୁ ବ୍ୟବହାର କରି କୁନି କୁନି ହାତରେ ନୂଆ ରୂପ ନେଉଛି ନୂଆ ରୂପ ଦେଉଛନ୍ତି କୁନି କୁନି ପିଲା। ଅଦକାରୀ ବସ୍ତୁରୁ ତିଆରି କରୁଛନ୍ତି ସୁନ୍ଦର ସର୍ଜନ। ଛୋଟ ଛୋଟ ପିଲାଙ୍କ ଦ୍ୱାରା ତିଆରି ହେଉଥିବା ଏଭଳି ଚମତ୍କାରିତା ଦେଖିବାକୁ ମିଳିଛି ନିଳାଦ୍ରୀ ବିହାରର କ୍ରୀଷ୍ଟା ଗିରିଙ୍କ ଘରେ। ଯେଉଁଠି କୁନି କୁନି ପିଲାମାନେ ପଟ୍ଟଚିତ୍ର କଳା ସହ ଅଦରକାରୀ ଜିନିଷରୁ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ତିଆରି କରିବାର କଳା। ଯାହାକୁ ଦେଖିଲେ ଆଖି ଲାଖିଯିବ। ତେବେ ପିଲାମାନଙ୍କୁ କ୍ରାଫ୍ଟ ପ୍ରତି ଆକୃଷ୍ଟ କରିବାକୁ ପ୍ରୟାସ କରିଛନ୍ତି କ୍ରିଷ୍ଟା।

କ୍ରିଷ୍ଟା ଲକ୍‌ଡାଉନ୍ ସମୟରେ ପଟ୍ଟଚିତ୍ର କଳା ଉପରେ ପ୍ରଶିକ୍ଷଣ ନେଉଥିବାବେଳେ ଏବେ ସ୍ଥାନୀୟ ଅଞ୍ଚଳ ପିଲାଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି। ବର୍ତ୍ତମାନ ସେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଥିବାରୁ ରବିବାର ଛୁଟି ଦିନରେ ପିଲାମାନଙ୍କୁ ୨ରୁ ୩ଘଣ୍ଟା ପର୍ଯ୍ୟନ୍ତ ଏହି କାରୁକାର୍ଯ୍ୟ ଶିଖାଉଛନ୍ତି। ପେନ୍‌ସିଲ ଧରୁଥିବା କୁନି କୁନି ହାତର ସ୍ପର୍ଶରେ ପିସ୍ତା ବାଦାମ ଚୋପା ମଧ୍ୟ ଏକ ନୂଆ ରୂପ ପାଉଛି। ସେଥିରେ ରଙ୍ଗବେରଙ୍ଗର ଚିତ୍ରିତ କରି ତିନି ଠାକୁରଙ୍କ ପ୍ରତିଛବି ହେଉ ଅବା ଫୁଲ, ପ୍ରକୃତିର ଛବି ଆଙ୍କୁଛନ୍ତି। ପରେ ସେସବୁକୁ ଅଠା ଲଗାଇ କାର୍ଡବୋର୍ଡରେ ତିଆରି କରୁଛନ୍ତି ୱାଲ ହ୍ୟାଙ୍ଗିଙ୍ଗ୍। କେବଳ ସେତିକି ନୁହେଁ, ପେନ୍‌ସିଲ କାଟିବା ପରେ ସେଥିରୁ ବାହାରୁଥିବା ସ୍କପନର, ପୁରୁଣା ପେନ୍ ସମେତ ଅବ୍ୟବହୃତ ପେପର, ଘରେ ପଡ଼ି ରହିଥିବା ଅନେକ ଅଦରକାରୀ ଜିନିଷକୁ ବାହାରେ ନଫିଙ୍ଗି ସେଥିରୁ କିପରି ଘରସଜାଇବା ଜିନିଷ ତିଆରି କରାଯିବ ସେଥିପାଇଁ ପିଲାମାନେ ମଧ୍ୟ ଲାଗିପଡ଼ିଛନ୍ତି। ଏଥିପାଇଁ କେତେକ ପିଲା ନିଜ ଘରୁ ଏହିସବୁ ଜିନିଷ ଆଣୁଥିବା ବେଳେ ଅନେକଙ୍କୁ କ୍ରିଷ୍ଟା ମଧ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଇଥାନ୍ତି। ବର୍ତ୍ତମାନ ଖରାଛୁଟି ଚାଲିଥିବାରୁ ପିଲାମାନେ କିଭଳି ମୋବାଇଲ୍‌ରେ ସମୟ ନଷ୍ଟ ନକରିବେ ସେଥିପାଇଁ କ୍ରୀଷ୍ଟା ଏହି ପ୍ରୟାସ କରିଛନ୍ତି। ସାଧାରଣତଃ ପିଲାମାନେ ଛୁଟି ସମୟରେ ଖେଳକୁଦ କରିବା ସହ ନିଜ ପାଠ୍ୟ ବିଷୟରେ ଚିତ୍ର ଆଙ୍କିବା ଉପରେ ଜ୍ଞାନ ଆହରଣ କରିଥାନ୍ତି। କିନ୍ତୁ କ୍ରାଫ୍ଟ ଉପରେ କୌଣସି ପାଠ୍ୟବିଷୟ ନାହିଁ। ତେଣୁ ଓଡ଼ିଶାର ପାରମ୍ପରିକ କଳା, ପଟ୍ଟଚିତ୍ର, ଟ୍ରାଇବାଲ ଆର୍ଟ ଏବେ ଦେଶ ବାହାରେ ଆଦୃତି ଲାଭ କରୁଥିବା ବେଳେ ଧୀରେ ଧୀରେ ଏହାକୁ ଭୁଲିଯାଉଛନ୍ତି ଯୁବପିଢ଼ି। ତେଣୁ ଏଥିପ୍ରତି ପିଲାମାନେ ଏବେଠାରୁ ଆଗ୍ରହ ପ୍ରକାଶ କଲେ ଆଗାମୀ ଦିନରେ ଓଡ଼ିଶାର ଏହି ପାରମ୍ପରିକ କଳାକୁ ନେଇ ପିଲାମାନେ କ୍ୟାରିୟର କରିବାକୁ ଆଗ୍ରହୀ ହେବେ ବୋଲି ଶ୍ରୀମତୀ ଗିରି କହିଛନ୍ତି। ବର୍ତ୍ତମାନ ତାଙ୍କ ନିକଟରେ ପ୍ରାୟ ୨୫ରୁ ୩୦ ପିଲା ପଟ୍ଟଚିତ୍ର, ଟ୍ରାଇବାଲ ଆର୍ଟ, ପେପର ଆର୍ଟ, ପଟ୍ ପେଣ୍ଟିଂ, ଫୋଲଡର, ଲ୍ୟାମ୍ପ୍ ଡେକୋରେସନ୍, ପୁରୁଣା ଖବରକାଗଜରୁ ଫୁଲ, ଗଛ, ଫୁଲ ତୋଡା, ପ୍ରଜାପତି ସାଙ୍ଗକୁ ବିଭିନ୍ନ ପ୍ରକାରର ଘର ସଜା ନିଜିଷ ତିଆରି କରୁଛନ୍ତି। ଯାହାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକ ବେଶ୍ ପ୍ରଶଂସା କରିଛନ୍ତି।

**ଖରାଛୁଟିରେ ମୋବାଇଲ୍ ବଦଳରେ କ୍ରାଫ୍ଟ ପ୍ରସ୍ତୁତି**

## ମେଲୋଡି ନୃତ୍ୟଶିଳ୍ପୀଙ୍କ ସନ୍ଦେହଜନକ ମୃତ୍ୟୁ

**● ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ**

ଭୁବନେଶ୍ୱର, ୧୦।୫(ସମିସ): ବଡ଼ଗଡ଼ ଥାନା ପୋଡ଼ାସାହି ଅଞ୍ଚଳ ଏକ ଘରୁ ଜଣେ ମେଲୋଡି ନୃତ୍ୟଶିଳ୍ପୀଙ୍କ ମୃତଦେହକୁ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ଯୁବତୀଙ୍କ ଶରୀର ଝୁଲନ୍ତା ଅବସ୍ଥାରେ ମିଳିଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଚିହ୍ନ ରହିଛି। ଖବର ପାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୃତ ଯୁବତୀ ଜଣଙ୍କ ହେଲେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲର ସୁଲୋଚନା ଦାଶ (୨୨)। ତାଙ୍କ ପରିବାର ଲୋକ ଏହାକୁ ହତ୍ୟା ଅଭିଯୋଗ ଆଣିଛନ୍ତି। ଏନେଇ ଥାନାରେ ପୁରୁଷ ବନ୍ଧୁଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୁଲିସ ଏଭଳି ଅଭିଯୋଗ ଆଧାରରେ ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ସୁଲୋଚନା ରାଜଧାନୀକୁ ଆସି ଏକ ମେଲୋଡି ଡ୍ୟାନ୍ସ ପାର୍ଟିରେ ମିଶି ନୃତ୍ୟ କରନ୍ତି। ଏହି ଡ୍ୟାନ୍ସ ପାର୍ଟିର ଜଣେ ଯୁବକଙ୍କୁ ଭଲ ପାଇ ବସିଥିଲେ। ଏହାପରେ ଦୁହେଁ ଏକ ଘର ଭଡ଼ା ନେଇ ଲିଭ୍-ଇନ୍‌ରେ ରହୁଥିଲେ। କିଛି ମାସ ରହିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏନେଇ ମଧ୍ୟ ସୁଲୋଚନା ତାଙ୍କ ପରିବାର ଲୋକଙ୍କୁ ଜଣାଇଛି। ହେଲେ ଶୁକ୍ରବାର ପରିବାର ଲୋକ ସୁଲୋଚନାକୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲା। ସନ୍ଦେହ ହେବାରୁ ପରିବାର ଲୋକ ସେ ରହୁଥିବା ଘରକୁ ଆସି ଦେଖିବା ପରେ କବାଟ ଖୋଲାଥିଲା। ଘର ଭିତରକୁ ଯାଇ ଦେଖିବା ପରେ ମୃତଦେହ ଝୁଲୁଥିଲା। ଏନେଇ ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। କବାଟ ଖୋଲା ରହିବା ସହ ମୃତଦେହର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ଥିବାରୁ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସେ ଲିଭ୍‌ଇନ୍‌ରେ ରହୁଥିବା ପୁରୁଷ ବନ୍ଧୁ ହିଁ ହତ୍ୟା କରିଥିବା ପରିବାର ଲୋକ କହିଛନ୍ତି। ପୁରୁଷ ବନ୍ଧୁ ଫେରାର ଥିବାରୁ ପୁଲିସ ତାକୁ ଖୋଜୁଛି।

## ନିତି ଆୟୋଗର ପ୍ରଶଂସା ସାଉଁଟିଲା ପିଏଚ୍‌ଡିଏମ୍‌ଏ

ଭୁବନେଶ୍ୱର, ୧୦।୫(ସମିସ): ଓଡ଼ିଶା ସରକାରଙ୍କ ଦାରିଦ୍ର୍ୟ ଓ ମାନବ ବିକାଶ ନିରୀକ୍ଷଣ ସଂସ୍ଥା (ପିଏଚ୍‌ଡିଏମ୍‌ଏ)ର ସଚିବ ରୁପା ରୋଶନ ସାହୁ ପିଏଚ୍‌ଡିଏମ୍‌ଏ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରି ଭାରତ ସରକାରଙ୍କ ନୀତି ଆୟୋଗର ପ୍ରଶଂସା ସାଉଁଟିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ନୀତି ଆୟୋଗର ଉନ୍ନୟନ ନିରୀକ୍ଷଣ ଓ ମୂଲ୍ୟାୟନ କାର୍ଯ୍ୟାଳୟ (ଡିଏମ୍‌ଇଓ) ପକ୍ଷରୁ ଆୟୋଜିତ ନ୍ୟାସନାଲ୍ କନଫରେନ୍ସ ଫର ମନିଟରିଂ ଇଭାଲୁଏସନ୍ ଆଣ୍ଡ ଲର୍ଣ୍ଣିଂ (ଏନ୍‌ସିଇଏମ୍‌ଏଲ୍-୨୦୨୪)ର ତୃତୀୟ ଜାତୀୟ ସମ୍ମିଳନୀରେ ପିଏଚ୍‌ଡିଏମ୍‌ଏ କାର୍ଯ୍ୟଶୈଳୀର ଅବତାରଣା କରିଛନ୍ତି। ସେ କହିଛନ୍ତି, ସରକାରୀ ଯୋଜନାର ପ୍ରଭାବ ବୁଝିବା ପାଇଁ ବ୍ୟକ୍ତି ବା ପରିବାରଠାରୁ ବିବରଣୀ ସଂଗ୍ରହକରି ସଂକଳନ କରିଥାଉ। ଏକାଧିକ ଯୋଜନା ସାମୂହିକ ଭାବେ କାର୍ଯ୍ୟକାରୀ ହେଲେ ପ୍ରକୃତ ଜନକଲ୍ୟାଣ ହୋଇଥାଏ। ଏହାସହ ପରିବାରର ସମସ୍ତ ସଦସ୍ୟ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇଥାନ୍ତି ବୋଲି ସେ କହିଛନ୍ତି। ଓଡ଼ିଶାର ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟକ୍ରମ ହେଉ କିମ୍ବା ରାୟଗଡ଼ା, ନବରଙ୍ଗପୁର, ନୂଆପଡ଼ା ଜିଲ୍ଲା ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମ୍‌ପିଆଇ) ରିପୋର୍ଟ ଆଧାରରେ ବିଭିନ୍ନ ଯୋଜନାର ଉପଲବ୍ଧତାକୁ ଆକଳନ କରିବା ନୀତି ଗଠନ ପାଇଁ ବିଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିଛି ବୋଲି ସେ କହିଛନ୍ତି। ପିଏଚ୍‌ଡିଏମ୍‌ଏର କାର୍ଯ୍ୟଶୈଳୀ ସମ୍ପର୍କରେ ଜାଣି ବହୁ ଅଧିକାରୀ ରାଜ୍ୟକୁ ପ୍ରଶଂଶା କରିଛନ୍ତି।

## ସମ୍ ପକ୍ଷରୁ ଟିକାକରଣ ସପ୍ତାହ

ଭୁବନେଶ୍ୱର, ୧୦।୫(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗ ପକ୍ଷରୁ ବିଶ୍ୱ ଟିକାକରଣ ସପ୍ତାହ ପାଳନ ଅବସରରେ ଏକ ଦୁଇଦିନିଆ ଏଚ୍‌ପିଭି ଭାକ୍ସିନେସନ୍ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଏହି ଅଭିଯାନରେ ଏମ୍‌ବିବିଏସ୍ ଛାତ୍ର ଓ ଇଣ୍ଟର୍ଣ୍ଣମାନଙ୍କୁ ଏଚ୍‌ପିଭି ଟିକା ପ୍ରଦାନ କରାଯାଇଥିଲା। ଏହି ଟିକାକରଣ ଅଭିଯାନରେ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର୍ ଡାକ୍ତର ପୁଷ୍ପରାଜ ସାମନ୍ତସିଂହାର ଏବଂ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ମମତାଦେବୀ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏଚ୍‌ପିଭି ଟିକା ପ୍ରଦାନ କରାଯାଇଥିଲା।

## ରୋଟାରୀ ପକ୍ଷରୁ ଦହିପଣା ବଣ୍ଟନ

ଭୁବନେଶ୍ୱର, ୧୦।୫(ସମିସ): ଆଇଆର୍‌ସି ଭିଲେଜଠାରେ ସାମାଜିକ ଅନୁଷ୍ଠାନ ପ୍ରଶାନ୍ତି ଏଜୁକେସନ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ, ରୋଟାରୀ କ୍ଲବ୍ ଏକାମ୍ର କ୍ଷେତ୍ର ଏବଂ ଅସ୍ତିତ୍ୱ ପକ୍ଷରୁ ଦହିପଣା ବଣ୍ଟନ କରାଯାଇଛି। ସ୍ଥାନୀୟ ରାମାଲକ୍ଷ୍ମୀ ରାଓ ତାଙ୍କର ସ୍ୱର୍ଗତ ସ୍ୱାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦହିପଣା ବଣ୍ଟନ କାର୍ଯ୍ୟକ୍ରମ କରିଥିଲେ। ପ୍ରଶାନ୍ତି ଏଜୁକେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷା ତଥା ସମାଜସେବୀ ତପସ୍ୱିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କାନନବାଳା ପଟ୍ଟନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରାୟ ୪ ଶହ ଲୋକଙ୍କୁ ପଣା ବଣ୍ଟନ କରାଯାଇଥିଲା।



## ଓୟୁଏଟିରେ ଅକ୍ଷୟ ତୃତୀୟା

ଭୁବନେଶ୍ୱର, ୧୦।୫(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ କୃଷି ଓ କୃଷକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ପାଳନ କରାଯାଇଛି। ଆଗରୋନମି ମେନ ରିସର୍ଚ୍ଚ ଫାର୍ମଠାରେ ଅଖିମୁଠି ଅନୁକୂଳ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରମ୍ପରିକ ଭାବେ ଭୂମିପୂଜନ କରିଥିଲେ। ଧାନ ବୁଣି ଚାଷ କାର୍ଯ୍ୟ ପର୍ବକୁ ଆରମ୍ଭ କରିଥିଲେ। ଅକ୍ଷୟ ତୃତୀୟାର ମହତ୍ୱ ଓ ଚାଷ ସହ ସମ୍ପର୍କ ବିଷୟରେ ଅବଗତ କରିଛନ୍ତି। ଚଳିତ ବର୍ଷ ପାଗ ଅନୁକୂଳ ରହିବା ସହ କ୍ଷେତରେ ସୁନାର ଫସଲ ଅମଳ ହେଉ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହାସହ ଅତ୍ୟାଧୁନିକ ଯନ୍ତ୍ରପାତି ଓ ବିହନ ଦ୍ୱାରା ଚାଷ କାର୍ଯ୍ୟକୁ ସୁଗମ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚେଷ୍ଟା ଜାରିରହିବ। ସମୟ ଉପଯୋଗୀ ଚାଷକୁ ଆପଣାଇ ଅଧିକ ଲାଭାନ୍ୱିତ ହେବାକୁ କୁଳପତି ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି।



## ଓଇଏସ୍ ଅଧିକାରୀଙ୍କ ପ୍ରବେଶକାଳୀନ ତାଲିମ

ଭୁବନେଶ୍ୱର, ୧୦।୫(ସମିସ)

ଓଡ଼ିଶା ଶିକ୍ଷା ସେବା ଅଧିକାରୀ (ଓଇଏସ୍)ଙ୍କ ପ୍ରବେଶକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଚନ୍ଦ୍ରଶେଖରପୁରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ଆର୍ଥିକ ପରିଚାଳନା ଏକାଡେମୀରେ ଦୁଇ ସପ୍ତାହ ଧରି ଚାଲିଥିବା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଶ୍ୱଥି ଏସ୍. ଯୋଗଦେଇ ଏଫ୍‌ଏଲ୍‌ଏନ୍ ଓ ଚଳିତ ବର୍ଷ ହେବାକୁଥିବା ରାଷ୍ଟ୍ରୀୟ ଉପଲବ୍ଧି ସର୍ବେକ୍ଷଣ (ଏନ୍‌ଏଏସ୍) ପାଇଁ ଛାତ୍ରଛାତ୍ରୀଙ୍କୁ ଏବେଠାରୁ ପ୍ରସ୍ତୁତ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ଯୋଗଦେଇ କହିଛନ୍ତି, ନିୟମିତ ବିଦ୍ୟାଳୟ ପରିଦର୍ଶନ ସହ ସମୀକ୍ଷା ଓ ଶିକ୍ଷାଦାନ ପ୍ରଣାଳୀ ଅନୁଧ୍ୟାନ କରିବା ପ୍ରଥମ କର୍ତ୍ତବ୍ୟ। ଏକାଡେମୀର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଅବସରପ୍ରାପ୍ତ କର୍ମଚାରୀଙ୍କ ଶେଷ ଦିନରେ ଫାଇନାଲ ପେନସନ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ପାରୁଲ୍ ପଟୱାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ତାଲିମରେ ଶିକ୍ଷାଦାନ ସହ ଆନୁସଙ୍ଗିକ ପ୍ରସଙ୍ଗରେ ପ୍ରଶିକ୍ଷଣ ଦିଆଯାଇଛି। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିବିଧ ଶିକ୍ଷଣ ପରୀକ୍ଷା କରି କୃତୀ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ତାଲିମରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଶାଶ୍ୱତୀ ଦାଶ, ଯଜ୍ଞେଶ୍ୱର ଜେନା ଓ ଶାନ୍ତି ସୁନା ପ୍ରମୁଖ ପୁରସ୍କୃତ ହୋଇଛନ୍ତି। ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା ଓ ଏକାଡେମୀର ଉପନିର୍ଦ୍ଦେଶିକା ସ୍ନେହପ୍ରଭା ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଓସେପା ସହ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟର କଳା ପ୍ରଦର୍ଶନୀ ‘ସୃଷ୍ଟି’ ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୫(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟ କଳା ବିଭାଗ ଆନୁକୂଲ୍ୟରେ ଜାତୀୟ ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ରଠାରେ ୫ ଦିନବ୍ୟାପୀ ଆୟୋଜିତ ସପ୍ତମ କଳା ପ୍ରଦର୍ଶନୀ ‘ସୃଷ୍ଟି’ ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଜାତୀୟ ଲଳିତକଳା ଏକାଡେମୀର ଆଞ୍ଚଳିକ ସଚିବ ରାମକୃଷ୍ଣ ବେଦଲା ଯୋଗ ଦେଇଥିଲେ। ଜାତୀୟ ପୁରସ୍କାର ପ୍ରାପ୍ତ ବରିଷ୍ଠ ଚିତ୍ରଶିଳ୍ପୀ ରାମହରି ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ କଳାର ବିକାଶ ପାଇଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବଦାନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଓଡ଼ିଶାର ଭିନ୍ନ ଭିନ୍ନ ଲୋକକଳାର ବିକାଶ ପାଇଁ ଆଜିର ଯୁବଶିଳ୍ପୀମାନେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କର ସଭାପତିତ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ସହକାରୀ ପ୍ରଫେସରଡ. ଆଶିଷମହାପାତ୍ରକାର୍ଯ୍ୟକ୍ରମକୁସଂଯୋଜନାକରିଥିଲେ।

**● ଅରବିନ୍ଦ ମେମୋରିଆଲ ସ୍ମାରକୀ କ୍ରିକେଟ**

## କ୍ୱାର୍ଟର ଫାଇନାଲରେ ବିବିସିଏ

ଭୁବନେଶ୍ୱର, ୧୦।୫ (ସମିସ): ରାଜେଶ ବିଶ୍ୱାଳଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ବିବିସିଏ ପଞ୍ଚମ ଦଳ ଭାବେ ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଏଲଏଲ୍‌ସିସି ୬ ୱିକେଟରେ ୧୨୭ ରନ୍ କରିଥିଲା। ଦଳ ପକ୍ଷରୁ ଈଶାନ ମହାପାତ୍ର ସର୍ବାଧିକ ୪୩ ଓ ଆୟାନ ନାୟକ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ରାଜେଶ ବିଶ୍ୱାଳଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ ବିବିସିଏ ୨୮.୨ ଓଭରରେ ୫ ୱିକେଟ ହରାଇ ବିଜୟଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳପକ୍ଷରୁ ହିମାଂଶୁ ସାହୁ ୩୩, ସାଇଶଙ୍କର ସେଠୀ ୨୩ ଓ ରାଜେଶ ବିଶ୍ୱାଳ ୧୬ ରନ୍ କରିଥିଲେ। ବିଜୟୀ ଦଳର ରାଜେଶଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆୟୋଜକ ପାରାମାଉଣ୍ଟ କ୍ଲବ୍‌ର ସଦସ୍ୟ ସୁଧୀର ପରିଡ଼ା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



**● ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ସିପକଟାକ୍ର**

## କିଟ୍ ମହିଳା ଦଳ ଉପ- ବିଜେତା



ଭୁବନେଶ୍ୱର, ୧୦।୫(ସମିସ): କେରଳର କାଲିକଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆସୋସିଏସନ ଅଫ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ ଗତ ୮ରୁ ୧୦ ତାରିଖ ମଧ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱ ବିଦ୍ୟାଳୟ ମହିଳା ସିପକ୍ ଟାକ୍ର ଚାମ୍ପିଅନସିପ୍‌ରେ କିଟ୍ ରନର୍ସଅପ୍ ହୋଇଛି। ଶୁକ୍ରବାର ଫାଇନାଲ ମୁକାବିଲରେ କିଟ୍ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟଠାରୁ ୦:୨ ବ୍ୟବଧାନରେ ପରାସ୍ତ ହୋଇ ପ୍ରଥମ ରନର୍ସଅପ୍ ବିବେଚିତ ହୋଇଛି। ପୂର୍ବରୁ କିଟ୍ ଗଣ୍ଡୱାନା, ଆରଟିଏମ୍ ନାଗପୁର ଓ ଆସାମ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ପୁଲର ଶୀର୍ଷ ସ୍ଥାନ ଅଧିକାର କରିବା ସହ ଲିଗ୍ ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏଥିରେ କିଟ୍ ପଟିଆଲାର ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ୨:୧, ବରେଲିର ଏମ୍‌ଜେପି ରୋହିଖଣ୍ଡ ବିଶ୍ୱବିଦ୍ୟାଳୟକୁ ୨:୦କୁ ପରାସ୍ତ କରିବା ପରେ ଶେଷରେ ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟଠାରୁ ପରାସ୍ତ ହୋଇଥିଲା। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

**ରାଜଧାନୀ ପଥପ୍ରାନ୍ତେ...**

## କମିଲାଣି ଚାହିଦା; ଅନ୍ୟକିଛି ବାଟ ନାହିଁ

ଭୁବନେଶ୍ୱର, ୧୦।୫(ସମିସ)




ବୟସର ଛାପ ପଡ଼ିଲାଣି ତାଙ୍କ ଶରୀରରେ। ବୟସ ପହଞ୍ଚିଲାଣି ୮୨ ବର୍ଷରେ। ତଥାପି ମନୋବଳ ଦୃଢ଼ କରି ରାସ୍ତା କଡ଼ରେ ମେଲାଇଛନ୍ତି ତାଙ୍କ ବେପାର। ତାଳ ପତ୍ରରେ ବୁଣା ବିଞ୍ଚଣା, ଆସନ, କୁଲା, ଛାଞ୍ଚୁଣି, ପାଛିଆ ଆଦିକୁ ନେଇ ତାଙ୍କ ବ୍ୟବସାୟ। କାହିଁ କେତେ ଦିନୁ ରାଜଧାନୀରେ ଏହିସବୁ ସାମଗ୍ରୀ ବିକ୍ରି କରି ଆସୁଛନ୍ତି ରାମଚନ୍ଦ୍ର ସାହୁ। ଧର୍ମବିହାରସ୍ଥିତ ରାସ୍ତାର ଏକ ପାର୍ଶ୍ୱରେ ଏହି ସବୁ ଉପକରଣ ବିକ୍ରି କରି ଆସୁଛନ୍ତି ସେ। ତାଙ୍କ ଘର ରାଜଧାନୀର ତମାଣ୍ଡୋ ଅଞ୍ଚଳରେ। ହେଲେ ଦୀର୍ଘ ୬୬ ବର୍ଷ ଧରି ସେହି ଅଞ୍ଚଳରେ ଏହି ସବୁ ଜିନିଷ ବିକ୍ରି କରି ଆସୁଛନ୍ତି ରାମଚନ୍ଦ୍ର। ହେଲେ ସେ କାଳର ବିଞ୍ଚୁଣି, ଖଜୁରୀ ପିଞ୍ଚର ଛାଞ୍ଚୁଣି, ଆସନର ଚାହିଦା ଆଉ ଏବେ ନାହିଁ। ଦିନ ଥିଲା ଏହି ସବୁ ଜିନିଷକୁ ଲୋକ ଖରାଦିନେ ଖୋଜି ଖୋଜି କିଣନ୍ତି ହେଲେ ଆଜିକାଲି ତ ଲୋକ ଘରେ ଏସି କୁଲର ସହିତ ଡାଇନିଂ ଟେବୁଲରେ ବସିଲେ କାହିଁ ଆଉ ତାଙ୍କ ଭଳି ବ୍ୟବସାୟୀକୁ ଖୋଜିବେ ବୋଲି କୁହନ୍ତି। ସେ ସମୟରେ ବିଞ୍ଚଣାର ମୂଲ୍ୟ ୫ ଟଙ୍କା ପରେ ୧୦ରେ ପହଞ୍ଚିଲା ଆଉ ଏବେ ୨୫ ଟଙ୍କା ମୂଲ୍ୟ ରହିଛି। ହେଲେ ସେତେବେଳେର ଚାହିଦା ଆଉ ଏବେର ଚାହିଦା ଭିତରେ ବଡ଼ ଫରକ ରହିଛି। ଆଗରୁ ଭଲ ବିକ୍ରି ହେଉଥିଲା ଦିନକୁ ୫୦୦ ବି ରୋଜଗାର କଲେ ଖୁସିରେ ଘର ଚଳେ। କିନ୍ତୁ ଆଜିର ସମୟରେ ଦିନକୁ କେବେ ୬୦୦ ତ କେବେ ୪୦୦। ଏହି ପଇସାରେ ଘର ଚଳେଇବା କାଠିକର ପାଠ। ଖରା, ଶୀତ ଆଉ ବର୍ଷା ସହି ବେପାର ଚାଲିଛି। ତଥାବି ବେପାରରେ ସେପରି କିଛି ପରିବର୍ତ୍ତନ ଆସୁନି କାରଣ ଆଗ ଭଳି ବିକ୍ରି ଆଉ ହେଉନି ବୋଲି କୁହନ୍ତି। ଆଗରୁ ଏହିସବୁ ହାତରେ ତିଆରି କରି ବିକୁଥିଲେ ହେଲେ ଧୀରେ ବୟସ ବଢ଼ିବା ସହ କାମ କରିବାର କ୍ଷମତା ବି କମିଲାଣି। ତେଣୁ ଅନ୍ୟ ବେପାରୀ ଯେଉଁମାନେ ଗାଁରୁ ତିଆରି କରି ଆଣୁଛନ୍ତି ତାଙ୍କ ପାଖରୁ କିଣି ବିକ୍ରି କରୁଛନ୍ତି ବୋଲି କୁହନ୍ତି ରାମଚନ୍ଦ୍ର।

**ରାସ୍ତାକଡ଼ରେ ରାମଚନ୍ଦ୍ରଙ୍କ ବିଞ୍ଚଣା, ଛାଞ୍ଚୁଣି**

# ଭୁବନେଶ୍ୱର ସିଟି



## ଆରମ୍ଭ ହେଲା ଚନ୍ଦନ ଯାତ୍ରା

# ଜଳକ୍ରୀଡ଼ା କଲେ ଶ୍ରୀଲିଙ୍ଗରାଜ

ଭୁବନେଶ୍ୱର, ୧୦।୫(ସମିସ): ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ୨୨ଦିନର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ଓ ବାସୁଦେବ ବିନ୍ଦୁସାଗରରେ ଚାପ ଖେଳିବା ସହ ଚନ୍ଦନ କୁଣ୍ଡରେ ବୁଡ଼ିଥିଲେ। ସନ୍ଧ୍ୟା ୬ଟାରେ ଶ୍ରୀଲିଙ୍ଗରାଜ ମନ୍ଦିରରରେ ସମସ୍ତ ନୀତି ସମାପନ ପରେ ଠାକୁର ବିନ୍ଦୁସାଗର ବ୍ରହ୍ମା ଘାଟ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଚାପ ଡଙ୍ଗାରେ ପ୍ରଥମେ ପୂଜାପଣ୍ଡା ସେବାୟତ ଛେରା ପହଁରା କରିଥିଲେ। ଏହାପରେ ପାଳିଆ ବଡୁ ସେବାୟତ ଠାକୁରଙ୍କୁ ମଣେଇବା ପରେ ଦେବଦେବୀ ଚାପ ଡଙ୍ଗା ସିଂହାସନରେ ବିରାଜମାନ କରିଥିଲେ। ସମ୍ମୁଖ ସିଂହାସନରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ବସିଥିବା ବେଳେ ପାର୍ଶ୍ୱ ସିଂହାସନରେ ବାସୁଦେବ ବିରାଜମାନ କରିଥିଲେ।





ଠାକୁର ପ୍ରଥମେ ମହନୀ ଘାଟ ଓ ପରେ ମଠ ଘାଟରେ ଭୋଗ ଖାଇଥିଲେ। ପରେ ୮ଘେରା ଭଉଁରି ଖେଳି ଜଗତିକୁ ଯାଇଥିଲେ। ସେଠାରେ ନିତିପୂଜା ସମ୍ପନ୍ନ ପରେ ଚନ୍ଦନ ପାଣିରେ ବୁଡ଼ିଥିଲେ। ଚନ୍ଦନ କୁଣ୍ଡରେ ପୂର୍ବରୁ ଅଗୁରୁ, ଚନ୍ଦନ, ମଲ୍ଲୀ, ଚମ୍ପା ଫୁଲ ପକାଯାଇଥିଲା। ଏହି ସୁବାସିତ ଜଳରେ ବୁଡ଼ିବା ପରେ ଗୋଟିଏ କୁଣ୍ଡରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ବୁଡ଼ିଥିବା ବେଳେ ବାସୁଦେବ ଅନ୍ୟ ଏକ ସ୍ୱତନ୍ତ୍ର କୁଣ୍ଡରେ ବୁଡ଼ିଥିଲେ। ଏହି ନୀତି ପରେ ଠାକୁରମାନେ ଜଗତିରୁ ବାହାରି ଜଗତି ଚାରିପଟେ ଡଙ୍ଗାରେ ଭଉଁରି ଖେଳି ମନ୍ଦିର ପ୍ରତ୍ୟାବର୍ତ୍ତନ କରଥିଲେ। ପ୍ରତ୍ୟାବର୍ତ୍ତନ ପଥରେ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଓ ବଡୁ ନିଯୋଗଠାରେ ଠାକୁର ଭୋଗ ଖାଇଥିଲେ। ଦେହ ଶୀତଳ ପଡ଼ିବା ପରେ ଠାକୁରମାନେ କୁଣ୍ଡରୁ ବାହାରି ପୁଣି ଚାପ ଖେଳି ପ୍ରତ୍ୟାବର୍ତ୍ତନ କରିଥିଲେ।

## ବର୍ଷକର ସଫଳତା ବଖାଣିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍ / ଏସ୍‌ସିୟୁ ହାତରେ ୩୩ ନିଶା ମାଫିଆ, ୧୬ ଠକ

- ୩ କେଜି ବ୍ରାଉନ୍‌ସୁଗର, ୭ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ
- ୫ ବନ୍ଧୁକ ଜବତ, ୨ ବେପାରୀ ଗିରଫ

ଭୁବନେଶ୍ୱର, ୧୦।୫(ସମିସ): ସ୍ପେଶାଲ୍ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ)କୁ ଏକ ବର୍ଷ ପୂରିଲା। ଏହି ବର୍ଷକ ମଧ୍ୟରେ ଏସ୍‌ସିୟୁ କ'ଣ କରିଛି ତାହାର ବାର୍ଷିକ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ ନିଶା କାରବାର, ଠକେଇ ଏବଂ ସଂଗଠିତ ଅପରାଧ ଉପରେ ରୋକ୍ ଲଗାଇବାରେ ସଫଳ ହୋଇଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ୧୨ ମାସରେ ଟ୍ୱିନ୍ ସିଟିରେ ସଂଗଠିତ ଅପରାଧର ନେଟୱାର୍କକୁ ଭାଙ୍ଗିବାରେ ସଫଳ ମଧ୍ୟ ହୋଇଛି ବୋଲି ପ୍ରେସ୍ ରିଲିଜ୍ ଜରିଆରେ କହିଛି ଏସ୍‌ସିୟୁ। ରାଜଧାନୀ ଦେଇ ପାର ହେଉଥିବା ନିଶା ଗାଡ଼ିକୁ ଗୋଡ଼ାଇ ଗୋଡ଼ାଇ ଧରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ଗତ ଏକ ବର୍ଷ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ୩.୧୮୬ କେଜି ବ୍ରାଉନ୍ ସୁଗର ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ୩କୋଟି ୧୮ ଲକ୍ଷ ୬୦ ହଜାର ଟଙ୍କା ହେବ। ସେହିପରି ୬୯ ଲକ୍ଷ ମୂଲ୍ୟର ୬୯୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ସବୁ ନିଶା କାରବାର କରୁଥିବା ୩୩ଜଣ ନିଶା ମାଫିଆଙ୍କୁ ଗିରଫ କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍।

ସେହିପରି ଠକେଇ ମାମଲାରେ ସଫଳତା ପାଇଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ଆର୍ଥିକ ଅପରାଧ ଏବଂ ଜମି ଠକେଇ କ୍ଷେତ୍ରରେ ଏସ୍‌ସିୟୁ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଠକ କାର୍ଯ୍ୟକଳାପରେ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଧରି ଜେଲ୍ ପଠାଇଛି। ଠକେଇରେ ସମ୍ପୃକ୍ତ ଥିବା ୧୬ଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ ଠକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କମିସନର୍ ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ସଂଗଠିତ ଅପରାଧକୁ ରୋକିବା ସହ ଅପରାଧୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅପରାଧୀଙ୍କୁ ଚିହ୍ନଟ କରି ମାରଣାସ୍ତ୍ର ଜବତ କରିବା 'ଏସ୍‌ସିୟୁ'ର ବଡ଼ ଲକ୍ଷ୍ୟ। ଟ୍ୱିନ୍‌ସିଟିରେ କରୁଥିବା ସିଣ୍ଡିକେଟ୍ ନେଟ୍‌ୱାର୍କକୁ ସମନ୍ୱିତ ଅପରେସନ୍ ମାଧ୍ୟମରେ ଏବଂ ଗୁପ୍ତଚର ସୂଚନା ଆଧାରରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଇଛି। ଦୁଇ ଜଣ ବନ୍ଧୁକ କାରବାର କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସହ ୫ ବନ୍ଧୁକ ଜବତ କରାଯିବା ସହ ୨୪ଟି ଗୁଳିକୁ ଜବତ କରିଛି ଏସ୍‌ସିୟୁ। କଟକ ତୁଳନାରେ ଭୁବନେଶ୍ୱରରୁ ଅଧିକ ନିଶା ମାଫିଆ, ଠକ ଏବଂ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି ଏସ୍‌ସିୟୁ।

## 'ଘରେ ଘରେ ଶଙ୍ଖ'ରେ ବିଧାୟକ ଅନନ୍ତ



ଭୁବନେଶ୍ୱର, ୧୦।୫(ସମିସ)

ଭୁବନେଶ୍ୱର ମଧ୍ୟ ବିଜେଡ଼ି ପକ୍ଷରୁ ୱାର୍ଡ଼ ନମ୍ବର- ୪୭ରେ ୟୁନିଟ-୮ ସ୍ଥିତ ଲକ୍ଷ୍ମୀପୂଜା ପଡ଼ିଆ ନିକଟରୁ କର୍ପୋରେଟର ସମିତା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ପରେ ୱାର୍ଡ଼ ପରିକ୍ରମା କରି ଜନସାଧାରଣଙ୍କ ସମର୍ଥନ ଲୋଡ଼ିଥିଲେ। ନୁଆ ଉତ୍ସାହ ହଜାର ହଜାର ସମର୍ଥକଙ୍କ ଗହଣରେ ପଦଯାତ୍ରା କରିବା ଅବସରରେ ୱାର୍ଡ଼ବାସୀ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ, ଗୋପବନ୍ଧୁ ସ୍ମୃତି ସଂସଦ ନିକଟରେ ବିଧାୟକ ପ୍ରାର୍ଥୀ ଶ୍ରୀ ଜେନା ଜନସାଧାରଣଙ୍କ ଠାରୁ ଆଶୀର୍ବାଦ ସ୍ୱରୂପ ଚଳିତ ନିର୍ବାଚନରେ ଉଭୟ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ୱାର୍ଡ଼ ୪୭ର ଜନ ସାଧାରଣଙ୍କ ବିଜେଡ଼ି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ପ୍ରତି ଅପୂର୍ବ ଜନ ସମର୍ଥନ ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟର୍, ପୂର୍ବତନ କର୍ପୋରେଟର, ବରିଷ୍ଠ ନେତା, ଯୁବ ଛାତ୍ର ମହିଳା କାର୍ଯ୍ୟକର୍ତ୍ତା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ବାଳାଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟବଣ୍ଟନ

ଭୁବନେଶ୍ୱର, ୧୦।୫(ସମିସ): ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ବୁଧବାର ରେଡ୍‌କ୍ରସ୍ ଭବନରେ 'ମାନବିକତା ବଞ୍ଚିରହୁ' ଥିମ୍ ଉପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବାଳାଶ୍ରମରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହାସହ ରାମକୃଷ୍ଣ ବାଳାଶ୍ରମକୁ ଫ୍ରିଜ୍ ପ୍ରଦାନ ଦିଆଯାଇଥିଲା। ସେହିପରି ଗ୍ଲୋବାଲ ଫୋକସ୍ ଏଜୁକେସନ୍ ଆଣ୍ଡ ୱେଲ୍‌ଫେୟାର୍ ଓ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର କରାଯାଇ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଓଡ଼ିଶା ରେଡ୍‌କ୍ରସ୍‌ର କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ନନ୍ଦ ଯୋଗଦେଇ ବିପର୍ଯ୍ୟୟ ସମୟରେ ରେଡ୍‌କ୍ରସ୍‌ର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେଥିମଧ୍ୟରେ ପ୍ରାଥମିକ ଉପଚାର, ରିଲିଫ୍ ବଣ୍ଟନ ଓ ବିପର୍ଯ୍ୟୟ ନଥିବା ସମୟରେ ପ୍ରସ୍ତୁତ ରହିବା ପାଇଁ ଦକ୍ଷତା ବୃଦ୍ଧି ଟ୍ରେନିଂ ଆଦି ରହିଥିଲା। ୟୁଥ୍ ରେଡ୍‌କ୍ରସର ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଆଲୋଚନା କରିଥିବାବେଳେ ଆଇସିଆର୍‌ସିର ପ୍ରୋଗ୍ରାମ ମ୍ୟାନେଜର ସଂଯୁକ୍ତା ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜୁନିଅର ରେଡ୍‌କ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ନ୍ୟୁଡ୍ କଲ୍ ଫାଶରେ ଯୁବପିଢ଼ି

**ସୋସିଆଲ ମିଡିଆରେ ବ୍ୟକ୍ତିଗତ ତଥ୍ୟ ଦିଅନି: ପୁଲିସ**

ଭୁବନେଶ୍ୱର, ୧୦।୫(ସମିସ): ରାଜ୍ୟରେ ସାଇବର୍ ଠକେଇ ଗତ କିଛି ବର୍ଷ ହେବ ବଢ଼ିବାରେ ଲାଗିଛି। ସାଇବର୍ ଠକ ନ୍ୟୁଡ୍ କଲ ଫାଶରେ ଅଧିକାଂଶ ଯୁବ ବର୍ଗ ଛନ୍ଦି ହେଉଛନ୍ତି। ଅନେକ ସେଲିବ୍ରିଟିଙ୍କ ଠାରୁ ଆରମ୍ଭ କରି ନେତାମନ୍ତ୍ରୀ ମଧ୍ୟ ଫସିଛନ୍ତି। ନ୍ୟୁଡ୍ କଲ୍ କରି ବ୍ଲାକ୍ ମେଲିଂ କରି ଟଙ୍କା ମାଗୁଛନ୍ତି। ଏ ନେଇ କମିସନରେଟ୍ ପୁଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ନିଜର ବ୍ୟକ୍ତିଗତ ତଥ୍ୟ ସୋସିଆଲ ମିଡିଆରେ ନଦେବାକୁ ପରାମର୍ଶ ଦେଇଛି ପୁଲିସ। ବିଭିନ୍ନ ସମୟରେ ସାଇବର୍ ଅପରାଧୀମାନେ ନ୍ୟୁଡ୍ କଲକୁ ଆଧାର କରି ନେତା, ମନ୍ତ୍ରୀ, ଯୁବପିଢ଼ି ତଥା ସେଲିବ୍ରିଟିଙ୍କୁ ବ୍ଲାକମେଲ କରିବା ଖବର ସାମ୍ନାକୁ ଆସୁଛି। ବିଶେଷକରି ହାଇପ୍ରୋଫାଇଲ ଚେହେରାଙ୍କୁ ଟାର୍ଗେଟ କରୁଛନ୍ତି ସାଇବର୍ ଅପରାଧୀ। ଏଭଳି ସ୍ଥିତିରେ ଅଧିକ ସଚେତନ ରହିବାକୁ ପରାମର୍ଶ ଦେଇଛି ପୁଲିସ। ନିଜର ସୋସିଆଲ ମିଡିଆ ଆକାଉଣ୍ଟକୁ ଗୋପନୀୟ ରଖିବା ସହିତ ପାସୱାର୍ଡ ମାଧ୍ୟମରେ ସୁରକ୍ଷିତ ରଖିବାକୁ କୁହାଯାଇଛି। ନିୟମିତ ଭାବେ ସୋସିଆଲ ମିଡିଆ ଏବଂ ମେଲ୍ ଆଇଡିର ପାସ୍‌ୱାର୍ଡ ବଦଳାଇବାକୁ କୁହାଯାଇଛି। ନିଜର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ ନ କରିବାକୁ ଏବଂ ବ୍ୟକ୍ତିଗତ ସୂଚନାର ପ୍ରଦର୍ଶନକୁ ସୀମିତ ରଖିବାକୁ ପରାମର୍ଶ ଦିଆଯାଇଛି। ଏହିଭଳି ସାଇବର୍ ଥାନାକୁ ଗତ ୬ ମାସରେ ୨୪୦ଟି ଅଭିଯୋଗ ଆସିଛି। କିନ୍ତୁ ସେଥିରୁ କିଛି ଅଭିଯୋଗକୁ ମାମଲା ରୁଜୁ କରାଯାଇଛି। ସର୍ବାଧିକ ଠକେଇ ହୋଇଥିବା ବ୍ୟକ୍ତିର ଅଭିଯୋଗ ଆଧାରରେ ମାମଲା ରୁଜୁ। ସାଇବର୍ ଥାନା ପୁଲିସ ୨ଲକ୍ଷରୁ ଅଧିକ ହେଲେ ମାମଲା ରୁଜୁ କରୁଛି। ତେଣୁ ଏଭଳି ଠକେଇର ବର୍ତ୍ତିବା ପାଇଁ ନିଜର ବ୍ୟକ୍ତିଗତ ତଥ୍ୟ ସୋସିଆଲ ମିଡିଆରେ ନ ଦେବାକୁ ବାରଣ କରାଯାଇଛି।

## ବିଟ୍ କଏନ୍ ଠକେଇ; ୧୨ ଲକ୍ଷ ଗୋଲ୍

ଭୁବନେଶ୍ୱର, ୧୦।୫(ସମିସ): ବିଟ୍ କଏନ୍ ମାୟାରେ ପଡ଼ି ଭୁବନେଶ୍ୱର ସହିଦ ନଗର ଅଞ୍ଚଳର ଜଣେ ଯୁବକ ୧୨ଲକ୍ଷର ଠକାମିର ଶିକାର ହୋଇଛନ୍ତି। ଠକେଇର ଶିକାର ହୋଇଥିବା ବାବୁରାମ ଦେହୁରୀ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ଟଙ୍କା ଯାଇଥିବା ଆକାଉଣ୍ଟକୁ ଫ୍ରିଜ୍ କରିବା ସହ ଏହାର ମାଲିକକୁ ଖୋଜୁଛି।

ବାବୁରାମ୍ ନିକଟକୁ ଏକ ମେସେଜ୍ ଆସିଥିଲା। ଯେଉଁଥିରେ ତାଙ୍କୁ ବିଟ୍ କଏନ୍‌ରେ ଟଙ୍କା ଲଗାଇ କୋଟିପତି ହେବାର ସ୍ୱପ୍ନ ଦେଖାଇଥିଲେ। ଏହି ମେସେଜ ଦେଖିବା ପରେ ବାବୁ ରା।ମ ଦିଆଯାଇଥିବା ଫୋନ୍ ନମ୍ବରରେ କଲ୍ କରିଥିଲେ। ସାଇବର ଠକ ତାଙ୍କ ଫୋନ୍ ନମ୍ବରକୁ କଲ୍ କରିବା ପରେ ତାଙ୍କୁ ଏକ ଆପ୍ ଡାଉନ୍‌ଲୋଡ୍ କରିବାକୁ କୁହାଯାଇଥିଲା। ଆପ୍ ଡାଉନ୍‌ଲୋଡ୍ କରିବା ପରେ ବାବୁରାମ ସେଥିରେ ନିଜର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଅନ୍ୟ ତଥ୍ୟ ଦେଇ ପଞ୍ଜୀକରଣ କରିଥିଲେ। ଏହାପରେ ଠକ କହିବା ଅନୁସାରେ ୧ଲକ୍ଷ ଟଙ୍କା ଦେଇ ବିଟ୍ କଏନ୍ କିଣିବା ପାଇଁ ଠକ କହିଥିଲେ। ଠକ କହିବା ଅନୁସାରେ ସେ ୧ଲକ୍ଷ ଟଙ୍କା ଦେଇଥିଲେ। ଠକ ଜାଣିଶୁଣି ଗୋଟିଏ ରାତିରେ ତାଙ୍କର ଟଙ୍କାକୁ ଦେଢ଼ ଲକ୍ଷ କରି ଦେଇଥିଲେ। ତାଙ୍କ ବିଶ୍ୱାସ ହେବାରୁ ସେଥିରେ ୫ ଲକ୍ଷ ଟଙ୍କା ଜମା କରିଥିଲେ। ପରେ ପୁଣି ୭ଲକ୍ଷ ଦେଇଥିଲେ। ଟଙ୍କା ନେବା ପରେ ଠକ ଏହି ଆପ୍‌କୁ ବନ୍ଦ କରିବା ସହ ଆଉ ଫୋନ୍ ଉଠାଇନଥିଲେ। ଶେଷରେ ଠକାମିର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଭୋରରୁ ମାତିଲେ ସୁନା ଚେନ୍ ଲୁଟେରା

ଭୁବନେଶ୍ୱର, ୧୦।୫ (ସମିସ): ରାଜଧାନୀରେ ପୁଣି ମାତିଲେ ସୁନା ଚେନ୍ ଲୁଟେରା। ଭୋର ସମୟରେ ୪ ଜଣଙ୍କ ଠାରୁ ସୁନା ଚେନ ଲୁଟି ନେଲେ। ଖାରବେଳ ନଗର, ଶ୍ରୀଲିଙ୍ଗରାଜ, ସହିଦନଗର ଓ ଏୟାରପୋର୍ଟ ଥାନା ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ଅଭିଯୋଗ ଅନୁଯାୟୀ, ଆଚାର୍ଯ୍ୟ ବିହାରର ସଂଯୁକ୍ତା ସାହୁ ଘର ପାଖରେ ଭୋର ୫ ଟା ୪୫ ସମୟରେ ଫୁଲ ତୋଳୁଥିବା ସମୟରେ ଦୁଇ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ହିନ୍ଦୀରେ କଥାବାର୍ତ୍ତା କରିଥିଲେ ଓ ସୁଯୋଗ ଦେଖି ତାଙ୍କ ବେକରୁ ସୁନା ଚେନ ଓ ଲକେଟ୍ ଛଡ଼ାଇ ନେଇଥିଲେ। ୧୦ ଗ୍ରାମ୍ ଓଜନର ସୁନା ଚେନ ସହିତ ମୋଟ ୧୪ ଗ୍ରାମ୍‌ର ସୁନା ଲୁଟ୍ ହୋଇଥିବା ସେ ସହିଦନଗର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ସାମନ୍ତରାପୁରର ବରିଷ୍ଠ ନାଗରିକ ରମା ମହାନ୍ତି ସାମନ୍ତରାପୁରସ୍ଥିତ ଡାଇଅନ ମୋଟରକୁ ଯାଇଥିଲେ। ଦୁଇ ଜଣ ଲୁଟେରା ଆସି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ପ୍ରାୟ ୧୨ ଗ୍ରାମ୍ ଓଜନର ସୁନା ଚେନ୍ ଲୁଟ ହୋଇଥିବା ତାଙ୍କ ପୁଅ ଶୈଳେନ୍ଦ୍ର ମହାନ୍ତି ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ସେପଟେ ୟୁନିଟ୍ ୯ ଅଞ୍ଚଳର ନଳିନୀ ପ୍ରଭା ଗୋଚ୍ଛାୟତ ପ୍ରାତଃଭ୍ରମଣ କରୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଛନ୍ତି। ଏନେଇ ତାଙ୍କ ସ୍ୱାମୀ ଚକ୍ରଧର ବେହେରା ଖାରବେଳ ନଗର ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ଭୀମପୁର ଅଞ୍ଚଳର ବରିଷ୍ଠ ନାଗରିକ ସରସ୍ୱତୀ ପାତ୍ର ଘର ଦୋକାନ ଆଗରେ ଝାଡୁ ମାରୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ବରମୁଣ୍ଡା ରାସ୍ତା କୁଆଡ଼େ ବୋଲି ପଚାରିଥିଲେ। ସରସ୍ୱତୀ ଉତ୍ତର ଦେବା ବେଳକୁ ଜଣେ ଦୁର୍ବୃତ୍ତ ତାଙ୍କ ବେକରୁ ସୁନା ଚେନ ଲୁଟି ନେଇଥିଲା। ଦୁଇ ଜଣ ଯାକ ଗାଡ଼ିରେ ବସି ଫେରାର ହୋଇଯାଇଥିଲେ। ଏନେଇ ତାଙ୍କ ପୁଅ ବିଶ୍ୱଜିତ ପାତ୍ର ଏୟାରପୋର୍ଟ ଥାନାରେ ଅଭିଯୋଗ କରିଛନ୍ତି । ଲୁଟର ଶିକାର ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ପୁଲିସ ୪ଟି ଥାନାରେ ୪ ମାମଲା ରୁଜୁ କରାଯାଇଛି।

## ଚୋରା ମଦ ବେପାରୀ ଗିରଫ

ବାଲିଅନ୍ତା,୧୦।୫(ସମିସ): ବାଲିଅନ୍ତା ଥାନା ପୁଲିସ ବେଆଇନ ବିଦେଶୀ ମଦ ବିକ୍ରୟ ଅଭିଯୋଗରେ ସ୍ଥାନୀୟ ବଇଁଚୁଆ ବଢ଼େଇ ସାହିର ସୁଶାନ୍ତ ସାହୁ (୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁଶାନ୍ତ ନିକଟରୁ ୧୬ ଲିଟର ବିଦେଶୀ ମଦ ଜବତ କରାଯାଇଛି।



ସୂଚନାଯୋଗ୍ୟ ଯେ ବାଲିଅନ୍ତା ଥାନାଧିକାରୀ ରବିନ୍ଦ୍ର ନାଥ ମେହେରଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ପେଟ୍ରୋଲିଙ୍ଗ ଟିମ ପେଟ୍ରୋଲିଙ୍ଗ କରୁଥିବା ବେଳେ, ସୁଶାନ୍ତ ସାହୁକୁ ପୋଲ ନିକଟରେ ବିଦେଶୀ ମଦ ବେଆଇନ ଭାବେ ବିକ୍ରି କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ମିଳିଥିବା ସୂଚନା ଆଧାରରେ ପେଟ୍ରୋଲିଙ୍ଗ ଟିମ ଘଟଣା ସ୍ଥଳରେ ଅତର୍କିତ ଚଢଉ କରିବା ସହ ସୁଶାନ୍ତକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଛାନଭିନ ସମୟରେ ପୁଲିସ ସୁଶାନ୍ତ ହେପାଜତରୁ ୮୯ଟି ବୋତଲରେ ସିଲ ଅବସ୍ଥାରେ ଥିବା ମୋଟ ୧୬.୦୨୦ ଲିଟର ବିଦେଶୀ ମଦ ଜବତ କରିଥିଲେ। ପଚରାଉଚରା ବେଳେ ସେ ନିଜର ଅପରାଧ ସ୍ୱୀକାର କରିବା ସହ ଏହି ବିଦେଶୀ ମଦ ବିକ୍ରୟ କରିବା ନେଇ ପାଖରେ କୌଣସି ଅନୁମତି ପତ୍ର ନଥିବା ଦର୍ଶାଇଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

# ରାଜଧାନୀବାସୀ ବର୍ଷକୁ ଖାଉଛନ୍ତି ୩୦ ଲକ୍ଷର ଆଚାର

- ଭୁବନେଶ୍ୱରରୁ ଦୁବାଇ, କାନାଡ଼ାକୁ ହେଉଛି ରପ୍ତାନି

ଭୁବନେଶ୍ୱର, ୧୦।୫(ସମିସ): ଆଚାର କି ପାମ୍ପଡ଼ କଥା ଉଠିଲେ ପ୍ରଥମେ ମନେପଡ଼େ ଓଡ଼ିଶାର ବ୍ରହ୍ମପୁର ସହର କଥା। ଏଠାରେ ପାଖାପାଖି ୫୦ ରୁ ୬୦ ପ୍ରକାରର ଆଚାର ମିଳିଥାଏ। ଯାହାର ସ୍ୱାଦ ଅନ୍ୟ ଜିଲ୍ଲାର ଆଚାରଠୁ ଭିନ୍ନ ଏବଂ ନିଆରା। ହେଲେ ବର୍ତ୍ତମାନ ସେଇ ସହରର ସେହି ସ୍ୱାଦ ରାଜଧାନୀ ଲୋକ ମଧ୍ୟ ପାଇପାରୁଛନ୍ତି। ଏକ ଆକଳନରୁ ଜଣାପଡ଼ିଛି ରାଜଧାନୀରେ ବର୍ଷକୁ ପ୍ରାୟ ୩୦ ଲକ୍ଷ ଟଙ୍କାର ଆଚାରା ବିକ୍ରି ହେଉଛି।

ଏ ନେଇ ଆଚାର ବ୍ୟବସାୟୀ ଜି.ଲକ୍ଷ୍ମଣ ରେଡ୍ଡି କୁହନ୍ତି ରାଜଧାନୀକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯେତିକି ଆଚାର ଆସୁଛି ତାର ୮୦ ପ୍ରତିଶତ କେବଳ ବ୍ରହ୍ମପୁର ହିଁ ହିଁ ଆମଦାନି ହେଉଛି। ବାକି ୨୦ ପ୍ରତିଶତ ଆଚାର ମଧ୍ୟରୁ ଅଧିକାଂଶ ବ୍ରହ୍ମପୁର ମିସ୍ତ୍ରି ଭୁବନେଶ୍ୱରରେ ରହି ଆଚାର ପ୍ରସ୍ତୁତ କରୁଛନ୍ତି। ରାଜଧାନୀର ପ୍ରମୁଖ ଛକ ତଥା ଏକ ନମ୍ବର ମାର୍କେଟ, ଖଣ୍ଡଗିରି, ସହିଦନଗର, ପଟିଆ ସିଆର୍‌ପିଏଫ ଛକ ଭଳି ଭିନ୍ନ ଭିନ୍ନ ୧୦ରୁ ୧୨ଟି ସ୍ଥାନରେ ହିଁ ବ୍ୟବସାୟୀ ବ୍ରହ୍ମପୁରୁ ଆଚାର ଆଣି ବିକ୍ରି କରୁଛନ୍ତି। ଏହା ପ୍ରତି ଦୁଇ ଦିନରେ ଥରେ ସେଠାରୁ ଟ୍ରକ୍ ଭରି ଆଚାର ଏଠାକୁ ଆସୁଛି। ଆଗ ଅପେକ୍ଷା ଲୋକଙ୍କ ଚାହିଦାକୁ ନଜରରେ ରଖି ଆଚାରର ଭେରାଇଟି ମଧ୍ୟ ବଢ଼ି ଏବେ ପାଖାପାଖି ୭୦ରୁ ୭୫ରେ ପହଞ୍ଚିଛି। ଏହି ସବୁ ଆଚାରଗୁଡ଼ିକ ବର୍ଷକ ପାଇଁ ବ୍ୟବହାର ଉପଯୋଗୀ ହୋଇପାରେ। ଯଦିବା ବର୍ଷକ ପରେ ଏହାକୁ ଖାଇହେବ କିନ୍ତୁ ଏହାର ସ୍ୱାଦ ପୂର୍ବଭଳି ରହିବନାହିଁ। ସେଥିରେ ମିଠାଖଟା, କୋଳି, ଲଙ୍କା, ଆମ୍ବୁଲ, ପଣସ, ରସୁଣ, ଗାଜର, ଛତୁ, ଖଜୁରୀ, ସଜନା ଛୁଇଁ, ତେନ୍ତୁଳି, କଲରା, ଲେମ୍ବୁ, ଅଁଳା ଆଦି ସମସ୍ତ ଆଚାର ରହିଛି। ହେଲେ ଏସବୁ ଛଡ଼ା ନବରତ୍ନ, ଆମ୍ବ ଲଲିପପ୍, ଆମ୍ବ ବେସର, ବୋନଲେସ ଆମ୍ବ, ଅଙ୍କୁରା ଆଦି ଅଧିକ ଚାହିଦାରେ ରହିଛି।




ଏହା ବ୍ୟତୀତ ଆଉ ଏକ ଭିନ୍ନ ଆଚାର ମଧ୍ୟ ଏଠାରେ ଦେଖିବାକୁ ମିଳୁଛି ଯାହାର ନାମ ଅଙ୍କୁରା ଆଚାର। ଏହି ଆଚାର କାଉଁରିଆ ଗଛର ଶାଗରୁ ତିଆରି ହୋଇଥାଏ। ଯାହା ସ୍ୱାଦରେ ମଧ୍ୟ ଅନ୍ୟ ଆଚାରଠୁ ଭିନ୍ନ। ଏହାର ମୂଲ୍ୟ କେଜି ପିଛା ୨୫୦ ରହିଛି। ସେହିପରି ଅନ୍ୟ ଆଚାରର ଦାମ ମଧ୍ୟ ୧୬୦ ରୁ ୩୦୦ ମଧ୍ୟରେ ରହୁଛି। ସବୁଠୁ ଅଧିକ ଆମ୍ବ ଲଲିପପ୍ କିଲୋପ୍ରତି ୩୦୦ ଟଙ୍କାରେ ବିକ୍ରି ହେଉଛି। ବ୍ୟବସାୟୀ ଜି.ଲକ୍ଷ୍ମଣ କହିବା ଅନୁଯାୟୀ ସେ ରାଜଧାନୀରେ ୧୨ ବର୍ଷ ହେଲାଣି ଆଚାର ବ୍ୟବସାୟ କରୁଛନ୍ତି। ଯେଉଁଥିରେ ମାସକୁ ପାଖାପାଖି ଅଢ଼େଇ ଲକ୍ଷର ଆଚାର କରି ୪୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ କରିଥାନ୍ତି। ଶୀତ ଦିନରେ ଅଧିକ ମେଳା ମହୋତ୍ସବ ପଡୁଥିବାରୁ ଏହି ସମୟରେ ସର୍ବାଧିକ ଆଚାର ବିକ୍ରି ହୋଇଥାଏ ବୋଲି ସେ କୁହନ୍ତି। ଯେପରି ଖଣ୍ଡଗିରି ମେଳା, ଆଦିବାସୀ ମେଳା, ତୋଷାଳୀ, ହସ୍ତତନ୍ତ ମେଳା, ବାଲିଯାତ୍ରା ଆଦିରେ ଭଲ ଆଚାର ବ୍ୟବସାୟ ହୋଇଥାଏ। ଏହି ଆଚାର କେବଳ ଯେ ରାଜଧାନୀରେ ଅଧିକା ଚାହିଦା ରହିଛି ତାହା ନୁହଁ ବରଂ ବିଭିନ୍ନ ରାଜ୍ୟ ବାହାରେ ଯଥା ଦିଲ୍ଲୀ, କୋଲକାତା ଓ ବେଙ୍ଗାଲୁରୁକୁ ବି ଥରକରେ ୬୦ ରୁ ୭୦ କେଜି ପଠା ଯାଉଛି। ସେହିପରି ଯେଉଁମାନଙ୍କ ସମ୍ପର୍କୀୟ ଅନ୍ୟ ଦେଶରେ ରହୁଛନ୍ତି ତାଙ୍କ ପରିବାର ଲୋକ ଏଠାରୁ ଦୁବାଇ, କାନାଡା ଓ ଆମେରିକା ଭଳି ଦେଶକୁ ବିମାନ ଯୋଗେ ପଠାଉଛନ୍ତି ବୋଲି ବ୍ୟବସାୟୀ କହିଛନ୍ତି।

# ସଂପାଦକୀୟ

ମହିଳାଙ୍କୁ ଅଧିକାର କେବଳ ଏକ ସୁଯୋଗ ନୁହେଁ, ମାନବାଧିକାରର ମୌଳିକ ଉପାଦାନ।
-ସାବିତ୍ରୀବାଈ ଫୁଲେ



ସକାଳ
THE SAKALA

## ମହିଳା ବିକାଶ ପାଇଁ ସଶକ୍ତ ସଂକଳ୍ପ

# ‘ମିଶନ୍ ଶକ୍ତି’ ପାଇଁ ନବୀନ ପ୍ରତିଶ୍ରୁତି

ଅନେକବର୍ଷ ଧରି ‘ମିଶନ ଶକ୍ତି’ ଓଡ଼ିଶା ସରକାରଙ୍କର ଏକ ପ୍ରମୁଖ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଭାବେ ରାଜ୍ୟରେ ତଥା ସାରା ଦେଶରେ ବହୁଳଭାବେ ଆଦୃତ। ରାଜ୍ୟର ଲୋକପ୍ରିୟ ମୁଖିଆ ନବୀନ ପଟ୍ଟନାୟକଙ୍କ ମାନସ ସନ୍ତାନ ‘ମିଶନ ଶକ୍ତି’ ଆରମ୍ଭ ହୋଇଥିଲା ୨୦୦୧ ମାର୍ଚ୍ଚ ୮ ତାରିଖ ‘ଆନ୍ତର୍ଜାତିକ ମହିଳା ଦିବସ’ ଅବସରରେ। ଏହାର ଲକ୍ଷ୍ୟ ଥିଲା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନ ଗଠନ କରି ରାଜ୍ୟର ନାରୀମାନଙ୍କୁ ରୋଜଗାର ମାଧ୍ୟମରେ ସଶକ୍ତ କରିବା। ସମଗ୍ର ଦେଶରେ ଏହା ଥିଲା ଏ ଧରଣର ଅଭିନବ ଯୋଜନା। ଓଡ଼ିଶାରେ ‘ମିଶନ ଶକ୍ତି’ର ସଫଳତା ଆଧାରରେ କେନ୍ଦ୍ର ସରକାର ସମଗ୍ର ଦେଶରେ ଏଭଳି କାର୍ଯ୍ୟକ୍ରମକୁ ଉତ୍ସାହିତ କଲେ ଏବଂ କେନ୍ଦ୍ର ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ‘ମିଶନ ଶକ୍ତି’କୁ ରଖାଗଲା। ‘ମହିଳା ସଶକ୍ତୀକରଣ’ ପାଇଁ ବିଜେଡି ସରକାର ଆରମ୍ଭ କରିଥିବା ଏହି ଅଭିନବ ରୋଜଗାର କାର୍ଯ୍ୟକ୍ରମ ଦୁଇଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ସଫଳତାର ସହ ଅତିକ୍ରମ କଲାଣି। ୨୦୦୧-୦୨ରେ ରାଜ୍ୟରେ ୪୧, ୪୭୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବା ଏସ୍‌ଏଚ୍‌ଜି ଥିବାବେଳେ ୨୦୨୦-୨୧ରେ ଏହା ୧୪ ଗୁଣ ବୃଦ୍ଧି ପାଇ ୬, ୦୨, ୦୧୩ ରେ ପହଞ୍ଚିଥିଲା। ‘ମିଶନ ଶକ୍ତି’ର ଏହି ବୈପ୍ଳବିକ ବୃଦ୍ଧି ଦ୍ୱାରା ଛ’ଲକ୍ଷରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ୭୦ ଲକ୍ଷରୁ ଅଧିକ ମା’ମାଉସୀମାନଙ୍କୁ କାମ ଓ ବହୁବିଧ ରୋଜଗାର ମିଳିପାରିଛି। ସେମାନେ ଆର୍ଥିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହେବା ସହିତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି।

‘ମିଶନ ଶକ୍ତି’ ମାଧ୍ୟମରେ ଏସ୍‌ଏଚ୍‌ଜିଗୁଡ଼ିକ ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ କାର୍ଯ୍ୟ କରୁଛନ୍ତି। ଏମାନେ ଗୋଷ୍ଠୀଭିତ୍ତିକ ସଂସ୍ଥାଗୁଡ଼ିକର ଦକ୍ଷତା ବଢ଼ାଇବା ସହିତ ଜୀବନଜୀବିକାକୁ ସୁଦୃଢ଼ କରୁଛନ୍ତି। ଏସ୍‌ଏଚ୍‌ଜି ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ପାଇଁ ବଜାର ସୁବିଧା ଯୋଗାଣ, ସେମାନଙ୍କୁ ବିନା ସୁଧରେ ସରକାରୀ ଋଣ ଯୋଗାଣ, ଆର୍ଥିକ ପ୍ରତିଷ୍ଠାନ ସହିତ ଏସ୍‌ଏଚ୍‌ଜିର ସଂଯୋଗ ସ୍ଥାପନ, ଅଭାବୀ ମହିଳାଙ୍କୁ ଋଣ ଯୋଗାଣ, ଠିକ୍ ସମୟରେ ଋଣ ଓ ସୁଧ ଅସୁଲ କରି ମୂଳଋଣ ବ୍ୟାଙ୍କକୁ ଫେରସ୍ତ, ସଞ୍ଚୟ ଅଭ୍ୟାସ ବୃଦ୍ଧି ଏବଂ ସର୍ବୋପରି ମହିଳାମାନଙ୍କ ମଧ୍ୟରେ ସାମାଜିକ ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଆଦି କାମ କରାଯାଉଛି। ସତକଥା କହିଲେ ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ‘ମିଶନ ଶକ୍ତି’ ମହିଳା ସଶକ୍ତୀକରଣ ଓ ଅର୍ଥନୀତିକ ବିକାଶ କ୍ଷେତ୍ରରେ ଏକ ବିଶାଳ ନିରବ ବିପ୍ଳବ ସୃଷ୍ଟି କରିଛି। ଓଡ଼ିଶାର ମହିଳା ସମାଜ ପାଇଁ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ ବହୁମୁଖୀ ମହିଳା ସଶକ୍ତୀକରଣର ବତୀଘର ଭଳି ଆଦର୍ଶ ସୃଷ୍ଟି କରିପାରିଛି।

ଗଣତନ୍ତ୍ରରେ ଭଲ ଯୋଜନାଟିଏ ସରକାର କାର୍ଯ୍ୟକାରୀ କରି ତାହାକୁ ଆଗକୁ ବଢ଼ାଇଲେ ଏବଂ ନିୟମିତ ପ୍ରୋତ୍ସାହନ ଦେଲେ ସେଥିସହିତ ସମ୍ପୃକ୍ତ ହିତାଧିକାରୀଙ୍କର ସରକାରଙ୍କ ପ୍ରତି ଦରଦ ଓ ସମର୍ଥନ ରହେ। ସେଥିପାଇଁ ୨୦୦୧ ପରଠାରୁ ‘ମିଶନ୍ ଶକ୍ତି’ର ସଭ୍ୟାମାନେ ଶାସକ ବିଜେଡି ଦଳର ଏକ ଦୃଢ଼ ସମର୍ଥକ ଭାବେ ଉଭା ହୋଇ ଆସିବା ସ୍ୱାଭାବିକ। ଆପଣ କଳନା କରନ୍ତୁ ୭୧ ଲକ୍ଷରୁ ଅଧିକ ସଦସ୍ୟ ଓ ତାଙ୍କର ପରିବାରବର୍ଗ, ଯେଉଁମାନେ ‘ମିଶନ ଶକ୍ତି’ ମାଧ୍ୟମରେ ଉପକୃତ ହେଉଛନ୍ତି, ମର୍ଯ୍ୟାଦାର ସହ ବଞ୍ଚି ରୋଜଗାର ସୁବିଧା ପାଉଛନ୍ତି ସେମାନେ ବିଜେଡି ସରକାର ଓ ତାହାର ମୁଖ୍ୟ ନବୀନବାବୁଙ୍କ ପାଖରେ କୃତଜ୍ଞ ନ ହେବେ କାହିଁକି? ଏତେ ଲୋକଙ୍କୁ କର୍ମନିଯୁକ୍ତି ଓ ରୋଜଗାର ଯୋଗାଇବା ଏକ ଅସାଧାରଣ ଘଟଣା। ବିଶେଷକରି, ସମାଜରେ ମହିଳା ବର୍ଗ ପାଇଁ ସମ୍ମାନସୂଚକ ଓ ଅର୍ଥ ଉପାର୍ଜନର ରାସ୍ତା ଯୋଗାଇ ଦେବା କେବଳ ସମ୍ପୃକ୍ତ ମହିଳା ଓ ତାଙ୍କ ପରିବାର ପାଇଁ ଆଶ୍ୱସ୍ତିକର ବିଷୟ ନୁହେଁ, ବରଂ ସାରା ସମାଜ ଓ ରାଜ୍ୟ ପାଇଁ ସୁଶାସନର ବାର୍ତ୍ତାବହ ହୋଇଥାଏ। ରାଜନୈତିକ ଇଚ୍ଛାଶକ୍ତି ଓ ସ୍ୱତନ୍ତ୍ର ଆଗ୍ରହ ଦ୍ୱାରା ‘ମିଶନ ଶକ୍ତି’ ରାଜ୍ୟରେ ଏକ ସଫଳ ଯୋଜନାରେ ପରିଣତ ହୋଇଛି, ଏଥିରେ ସନ୍ଦେହ ନାହିଁ। ତେଣୁ ନିର୍ବାଚନ ସମୟରେ ହେଉ କିମ୍ବା ଯେକୌଣସି ଅନ୍ୟ ସମୟରେ ହେଉ ଏଭଳି ରାଜ୍ୟବ୍ୟାପୀ ଜନମଙ୍ଗଳ କାର୍ଯ୍ୟକ୍ରମର ଯେତେ ପ୍ରଶଂସା କଲେ ତାହା ଯଥେଷ୍ଟ ନୁହେଁ।

ନିର୍ବାଚନ ଆସିଲେ ସବୁଦଳ ନିଜ ନିଜର ଇସ୍ତାହାର ପ୍ରକାଶ କରି କ୍ଷମତାକୁ ଆସିଲେ ଲୋକଙ୍କୁ କ’ଣ ଦେବେ ଓ ସେମାନଙ୍କ ପାଇଁ କ’ଣ କରିବେ, ତାହା ପ୍ରକାଶିତ କରନ୍ତି। ଏଭଳି ସଂକଳ୍ପ ପତ୍ର ମାଧ୍ୟମରେ ବିଭିନ୍ନ ବିରୋଧୀ ଦଳ ରାଜ୍ୟରେ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ ସହିତ ଜଡ଼ିତ ନଥିବାରୁ ଅନେକ ଉଦ୍‌ଘୋଷଣା ସ୍ୱପ୍ନଗୁଛା ପୁଷ୍ପମାଳା ଭଳି ରଙ୍ଗୀନ୍ ତଥା ହାଲ୍‌କା ପ୍ରତୀୟମାନ ହୁଏ। ଏତଦ୍‌ବ୍ୟତୀତ ଅନ୍ୟବହୁ ଘୋଷଣା ଶାସକ ଦଳର ନିନ୍ଦାଗାନ ଓ ତ୍ରୁଟିବିଚ୍ୟୁତି ସୂଚିତ କରିବାରେ ବିନିଯୋଗ କରାଯାଏ। ଏଭଳି କ୍ଷେତ୍ରରେ ଦୁଇ ଦଶନ୍ଧିରୁ ଅଧିକ ସ୍ଥିର ଶାସନ ପ୍ରଦାନ କରିଥିବା ସାମଗ୍ରିକ ବିକାଶ ଓ ଜନମଙ୍ଗଳ ଭିତ୍ତିକ ରାଜନୈତିକ ଦଳ ଯେଉଁ ନିର୍ବାଚନୀ ଘୋଷଣା କରନ୍ତି ତାହା ଅଧିକାଂଶ ତଥ୍ୟ, ସତ୍ୟ, ସେବା ଓ ଅଭିଜ୍ଞତା ଆଧାରିତ ହୁଏ। ସେହି ଭିତ୍ତିଭୂମିରେ ନିର୍ବାଚନ ଇସ୍ତାହାରରେ କରାଯାଇଥିବା ପ୍ରତିଜ୍ଞା ସବୁ ବାସ୍ତବଧର୍ମୀ ତଥା ସମ୍ଭାବ୍ୟ ଲକ୍ଷ୍ୟର ରଙ୍ଗ ନିଏ। ତଦନୁସାରେ ଏଥର ବିଜେଡିର ନିର୍ବାଚନ ଇସ୍ତାହାରରେ ଯେଉଁସବୁ ଦୂରଗାମୀ ପ୍ରତିଜ୍ଞା ଓ ପ୍ରତିଶ୍ରୁତି ରହିଛି ସେଥିମଧ୍ୟରେ ‘ମିଶନ୍ ଶକ୍ତି’କୁ ଆସନ୍ତା ଦଶନ୍ଧିରେ ଆହୁରି ବିକଶିତ ଓ ରୂପାନ୍ତରିତ କରିବା ପାଇଁ ଅନେକ ଗୁରୁତ୍ୱ ଦିଆଯାଇଛି। ଏଥର ଗୋଟିଏ ବଡ଼ ପ୍ରତିଶ୍ରୁତି ହେଲା ‘ମିଶନ ଶକ୍ତି’ର ମା’ମାନଙ୍କୁ ରାଜ୍ୟ ସରକାର ପେନ୍‌ସନ୍ ଦେବେ। ଏହାଫଳରେ ପ୍ରାୟ ୭୧ ଲକ୍ଷ ମା’ ଓ ଭଉଣୀ ଉପକୃତ ହେବେ। ଦୀର୍ଘ ଚବିଶ ବର୍ଷ ଧରି କାମ କରି ଆସୁଥିବା ‘ମିଶନ ଶକ୍ତି’ର ସଭ୍ୟମାନଙ୍କୁ ସ୍ୱୟଂ ସହାୟିକା ସ୍ତରରୁ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗୀ ରୂପାନ୍ତରିତ ଓ ଉନ୍ନୀତ କରାଇବା ଆଉ ଏକ ବଡ଼ ପ୍ରତିଶ୍ରୁତି। ତା’ଛଡ଼ା ପ୍ରତ୍ୟେକ ‘ମିଶନ ଶକ୍ତି’ ସଦସ୍ୟାଙ୍କୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ସଂକ୍ଷେପରେ କହିଲେ ‘ମିଶନ ଶକ୍ତି’ର ମା’ମାନଙ୍କ ପାଇଁ ଏହା ବିଜେଡିର ଏକ ଚମତ୍କାର ସଂକଳ୍ପ ଓ ଅନନ୍ୟ ଉପହାର। ଏହାଦ୍ୱାରା ସମ୍ପୃକ୍ତ ମା’ଭଉଣୀମାନଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆସିବ। ସେମାନେ କେବଳ ଆତ୍ମନିର୍ଭରଶୀଳ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହେବେ ନାହିଁ, ସେମାନଙ୍କର ସାମାଜିକ ଦାୟିତ୍ୱବୋଧ ମଧ୍ୟ ବଢ଼ିବ।

ବିଜେଡି ଇସ୍ତାହାରରେ ଏଥର ଆଉ କେତେକ ଭଲ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି। ଉପଭୋକ୍ତାମାନଙ୍କୁ ମାସିକ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ‘ନୂଆ ଓ’ ଛାତ୍ରବୃତ୍ତି ପରିମାଣ ବୃଦ୍ଧି, ଯୁବବର୍ଗଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍, ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟ ପାଇଁ ୧୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ନିର୍ମାଣ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଠିକା କର୍ମଚାରୀ, ସରକାରୀ କର୍ମଚାରୀ ଓ ମଧ୍ୟବିତ୍ତ ବର୍ଗଙ୍କୁ ସାମିଲ ଇତ୍ୟାଦି। ନବୀନବାବୁ କଥା ଅପେକ୍ଷା କାମରେ ଅଧିକ ବିଶ୍ୱାସ କରନ୍ତି। ସେ ଥରେ ଯେଉଁ ସଂକଳ୍ପ ନିଅନ୍ତି, ତାହାକୁ ଅଚିରେ ଯେ ପୂରଣ କରନ୍ତି ଏ ଅଭିଜ୍ଞତା ଓଡ଼ିଶାବାସୀଙ୍କର ରହିଛି। ଏଥର ନିର୍ବାଚନରେ ସେ ‘ମିଶନ ଶକ୍ତି’ର ମହିଳା, ଯୁବବର୍ଗ, ସାଧାରଣ ଜନତାଙ୍କ ସୁଖ ସୁବିଧା ପାଇଁ ଯେଉଁ ସଂକଳ୍ପ ନିର୍ବାଚନ ଇସ୍ତାହାରରେ ଘୋଷଣା କରିଛନ୍ତି, ତାହା ସ୍ୱାଗତଯୋଗ୍ୟ। ନିର୍ବାଚନରେ ସଫଳତା ପାଇଁ ଆସନ୍ତା ସମୟ ପାଇଁ ନିଆଯାଇଥିବା ପ୍ରତିଶ୍ରୁତି ଜନାଦେଶକୁ ଯେତିକି ପ୍ରଭାବିତ କରେ, ବିଗତ ଶାସନ କାଳମାନଙ୍କରେ ରାଜନୈତିକ ଦଳର କାର୍ଯ୍ୟର ରେକର୍ଡ ସମ ପରିମାଣରେ ଭୋଟରମାନଙ୍କୁ ପ୍ରଭାବିତ କରେ। ଓଡ଼ିଶାର ବହୁ ପ୍ରଶଂସିତ ‘ମିଶନ୍ ଶକ୍ତି’ କାର୍ଯ୍ୟକ୍ରମ ଏହିଭଳି ଏକ ଯୁଗ ପ୍ରବର୍ତ୍ତକ ଅଭିଯାନ। ସମକାଳୀନ ଓଡ଼ିଶାର ଅନେକଗୁଡ଼ିଏ ‘ସ୍ମାର୍ଟ’ ପରିଚୟ ମଧ୍ୟରେ ‘ମିଶନ ଶକ୍ତି’ ଅନ୍ୟତମ। ଶାସକ ବିଜେଡି ଦଳର ସଦ୍ୟତମ ନିର୍ବାଚନ ଇସ୍ତାହାରରେ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ପାଇବା ଦ୍ୱାରା ‘ମିଶନ୍ ଶକ୍ତି’ ଆଧୁନିକ ଓଡ଼ିଶା ବିକାଶର ଏକ ବିଶିଷ୍ଟ ଅକ୍ଷପଥ ହୋଇ ଉଭା ହେବ।

## ଘୋଷଣା

ଦୈନିକ **‘ସକାଳ’** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଦୁଇଶହ ବର୍ଷର ପ୍ରାଚୀନ ପରମ୍ପରା

# ‘ବିଶିପଡ଼ା’ର ବିଖ୍ୟାତ ରାମଲୀଳା



ଡ. ଶାନ୍ତନୁ କୁମାର ରଥ
ଭୁବନେଶ୍ୱର, ମୋ: ୯୪୩୭୪୮୦୮୦୬

ସର୍ବଭାରତୀୟ ସ୍ତରରେ ରାମକଥାର ପ୍ରସାର ହେବା ପରେ ଆଞ୍ଚଳିକ ଭାଷାର କବିମାନେ ମଧ୍ୟ ନିଜ ନିଜ ଭାଷାରେ ରାମାୟଣ ରଚନା ଆରମ୍ଭ କଲେ। ମୂଳ ବାଲ୍ମିକୀ ରାମାୟଣ ଅବଲମ୍ବନରେ ପ୍ରାନ୍ତୀୟ ଭାଷାରେ ରାମାୟଣ ରଚନା ହେବାର ପରମ୍ପରାରେ ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗରେ କବି ବଳରାମ ଦାସ ଓଡ଼ିଆ ଭାଷାରେ ରଚନା କଲେ ‘ଜଗମୋହନ ରାମାୟଣ’। ପୂର୍ବରୁ ରଚିତ ସାରଳା ଦାସଙ୍କ ମହାଭାରତରେ ଅନୁସୃତ ଦାଣ୍ଡି ବୃତ୍ତ ଶୈଳୀରେ ଏହା ରଚନା ହୋଇଥିବାରୁ ଏହାକୁ ‘ଦାଣ୍ଡୀ ରାମାୟଣ’ ବୋଲି କୁହାଗଲା। ଦାଣ୍ଡି ବୃତ୍ତରେ ଦୁଇ ପାଦର ଅକ୍ଷର ସଂଖ୍ୟା ସମାନ ନଥିବାରୁ ତାକୁ ଗାନ କରିବା ସହଜ ନୁହେଁ। ସୁଗେୟ ନଥିବା କାରଣରୁ ଏଗୁଡ଼ିକୁ ଲୋକଙ୍କ ମଧ୍ୟରେ ପ୍ରଚାର କରିବା ମଧ୍ୟ ସହଜ ହେଲାନାହିଁ। ଏହା ପରେ ପରେ କାବ୍ୟ କବିତା ଗାୟନ ଧର୍ମୀ ହେଲେ। ଏହି ସମୟରେ ରାମାୟଣର ବିଷୟବସ୍ତୁକୁ ଛନ୍ଦ, ବୃତ୍ତ, ବାଣୀ ପ୍ରୟୋଗ କରି ଲୀଳା ରଚନା ଆରମ୍ଭ ହେଲା ଏବଂ ୧୮ଶ ଶତାବ୍ଦୀ ଆରମ୍ଭରେ ଶ୍ରୀକ୍ଷେତ୍ର ନିବାସୀ ବିଶ୍ୱନାଥ ଖୁଣ୍ଟିଆ ରଚନା କଲେ ବିଚିତ୍ର ରାମାୟଣ ଯାହା ବିଶି ରାମାୟଣ ଭାବରେ ପରିଚିତ। ଏହା ଅତ୍ୟନ୍ତ ଲୋକପ୍ରିୟ ହେଲା ମୁଖ୍ୟତଃ ଦୁଇଟି କାରଣରୁ। ପ୍ରଥମଟି ହେଲା ଏହାର ଅତି ସରଳ ଭାଷା। ଦ୍ୱିତୀୟଟି ହେଲା ଏହାର ଗାୟନ ଧର୍ମିତା। ଏହାର ଗୀତ ‘ଆହା ଧନୁର୍ଦ୍ଧର ବୀରବର’, ‘ମନ୍ତ୍ରୀମୁଖୁ ଶୁଣି କୋପେ ବିଂଶ ପାଣି’, ‘ଶିଂଶପା ବୃକ୍ଷର ଡାଳେହେ’, ‘କହ ହନୁ ମୋର କାନ୍ତର କୁଶଳ’- ଏଗୁଡ଼ିକ ଏବେ ମଧ୍ୟ ଲୋକ ମୁଖରୁ ଶୁଣିବାକୁ ମିଳେ। ଏହି ଧାରାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଲୋକ କବିମାନେ ରାମଲୀଳା ମାନ ରଚନା କରିବାକୁ ଆରମ୍ଭ କଲେ। ଏଗୁଡ଼ିକୁ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରାଗଲା। ସେତେବେଳେ ମିଳୁଥିବା ବାଦ୍ୟଯନ୍ତ୍ର ଖୋଳ, ଗିନି ବ୍ୟବହାର କରି ଗାୟକମାନେ ଏହାକୁ ରସପୂର୍ଣ୍ଣ କରି ପରିବେଷଣ କଲେ ଏବଂ ଏହା ଖୁବ୍ ଆଦୃତି ଲାଭ କଲା। ଏହି ରାମଲୀଳା ରଚନାକାରଙ୍କ ମଧ୍ୟରେ ବିଶ୍ୱନାଥ ଖୁଣ୍ଟିଆ, ବିକ୍ରମ ନରେନ୍ଦ୍ର, ଅନଙ୍ଗ ନରେନ୍ଦ୍ର, ବୈଶ୍ୟ ସଦାଶିବ, କଳ୍ପତରୁ ଦାସ, ବିପ୍ର ଜନାର୍ଦ୍ଦନ ଇତ୍ୟାଦିଙ୍କ ନାମ ଉଲ୍ଲେଖଯୋଗ୍ୟ।

କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିଲେ ମଧ୍ୟ ଅଣଆଦିବାସୀମାନେ ଭଲ ସଂଖ୍ୟାରେ ଏଠାରେ ବସବାସ କରନ୍ତି। କନ୍ଧମାଳର ଅନେକ ଅଞ୍ଚଳ ଅତୀତରେ ଘୁମୁସର ରାଜ୍ୟ ଅନ୍ତର୍ଗତ ଥିବାରୁ ଘୁମୁସର (ଅଧୁନା ଭଞ୍ଜନଗର) ଅଞ୍ଚଳରୁ ବହୁ ସାଧାରଣ ବର୍ଗର ବ୍ୟକ୍ତି ଏଠାକୁ ଆସି ବହୁକାଳରୁ ବସବାସ କରି ଆସୁଛନ୍ତି। ଫୁଲବାଣୀ ସହରଠାରୁ ମାତ୍ର ଆଠ କିଲୋମିଟର ଦୂରରେ ଫୁଲବାଣୀ- ବାଲିଗୁଡ଼ା ରାସ୍ତାରେ ଗୋଟିଏ ବଡ଼ ଗାଁ ବିଶିପଡ଼ା। ଗୋଟିଏ ଗାଁ ଗୋଟିଏ ପଞ୍ଚାୟତ। ଏହି ଗ୍ରାମରେ ବିଷୋୟୀ ସଂଜ୍ଞାଧାରୀ ବହୁସଂଖ୍ୟାରେ ବାସ କରନ୍ତି, ଯେଉଁମାନେ ଗଞ୍ଜାମ ମୂଳ। ବ୍ରିଟିଶ ରାଜତ୍ୱ ସମୟରେ ଏହି ଗ୍ରାମଟି ବ୍ରିଟିଶ ଶାସନର ଏକ କେନ୍ଦ୍ରସ୍ଥଳ ଥିଲା। ବିଷୋୟୀ ଏବଂ କନ୍ଧମାଳର ମୂଳ ଆଦିବାସୀ କନ୍ଧମାନେ ଖୁବ୍ ଦୁର୍ଦ୍ଧର୍ଷ। ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ଘୁମୁସର ବିଦ୍ରୋହ ଆରମ୍ଭ ହୋଇସାରିଥାଏ ଏବଂ ଏହି ଅଞ୍ଚଳରୁ ସେହି ବିଦ୍ରୋହକୁ ସମର୍ଥନ ମଧ୍ୟ ମିଳୁଥାଏ। ଏ ବିଦ୍ରୋହରୁ ସେମାନଙ୍କୁ ଦୂରେଇ ରଖିବା ପାଇଁ ଏଠାରେ ଥିବା ବ୍ରିଟିଶ ଅଧୀନସ୍ଥ ଓଡ଼ିଆ ଅଧିକାରୀମାନେ ସାଂସ୍କୃତିକ ଉପାୟ ଅବଲମ୍ବନ କରି ଏଠାରେ ରାମଲୀଳା ଅଭିନୟ ଆରମ୍ଭ କରାଇଲେ। ସେଥିପାଇଁ ସବୁ ବ୍ୟବସ୍ଥା ମଧ୍ୟ କରିଦେଲେ। ରାମଲୀଳା ଅଭିନୟ ପାଇଁ ପୃଷ୍ଠପୋଷକତା ଯୋଗାଇବା ସହ ବଣରୁ ଯାବତୀୟ କାଠ ଏବଂ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ ସଂଗ୍ରହ ପାଇଁ ଏକ ସ୍ଥାୟୀ ଅନୁମତି ମଧ୍ୟ ଦେଇଦେଲେ।



ଘୁମୁସର ଅଞ୍ଚଳର କବି ଜନାର୍ଦ୍ଦନ ସାମନ୍ତରା ଯେ ବିପ୍ର ଜନାର୍ଦ୍ଦନ ନାମରେ ପରିଚିତ, ତାଙ୍କ ରଚିତ ରାମଲୀଳା ସଂଗ୍ରହ କରି ୧୮୩୫ ମସିହାରେ ବିଶିପଡ଼ାରେ ରାମଲୀଳା ଅଭିନୟ ଆରମ୍ଭ ହେଲା। ଏହି ସମୟଟି ହେଉଛି ଘୁମୁସର ବିଦ୍ରୋହର ପ୍ରଚଣ୍ଡ କାଳ। ଘୁମୁସରର ଦୁର୍ଦ୍ଧର୍ଷ ବୀର ଦୋରା ବିଶୋୟୀ ଓ ତାଙ୍କ ପରେ ଇତିହାସ ପ୍ରସିଦ୍ଧ ବିଦ୍ରୋହୀ ବୀର ଚକରା ବିଶୋୟୀ ବ୍ରିଟିଶ ବିରୁଦ୍ଧରେ ପ୍ରବଳ ସଂଗ୍ରାମ ଚଳାଇ ରଖିଥିଲେ। ଠିକ୍ ଏହି ସମୟରେ ବିଶିପଡ଼ାରେ ରାମଲୀଳାର ଅଭିନୟ ଆରମ୍ଭ କରାଇ ବ୍ରିଟିଶ ଅଧିକାରୀମାନେ ଏହି ଅଞ୍ଚଳକୁ ବିଦ୍ରୋହରୁ ଦୂରେଇ ରଖିବାର କୌଶଳ କରିଥିଲେ। ତେବେ ଏହି କୌଶଳ ସହିତ ଏକ ଲୀଳାଭିନୟର ବିକାଶ ମଧ୍ୟ ସଂଘଟିତ ହେଲା, ଯାହା କଳାତ୍ମକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ସବୁଠାରୁ ବିସ୍ମୟକର କଥା ହେଲା ପାଖାପାଖି ଦୁଇଶହ ବର୍ଷ ହେବାକୁ ବସିଲାଣି। ଏ ଅଭିନୟ ଏବେ ମଧ୍ୟ ଅବ୍ୟାହତ ରହିଛି। ଚଳିତବର୍ଷ ଏହା ଦେଖିବା ପାଇଁ ଏ ଲୋକ ଯାଇଥିଲା ବିଶିପଡ଼ା।

ବିଶିପଡ଼ା ରାମଲୀଳାର କେତେକ ବିଶେଷତ୍ୱ ଅଛି। ବିଶିପଡ଼ା ହେଉଛି ବଣ ପାହାଡ଼ ଘେରା ଏକ ଅଞ୍ଚଳ। ରାମାୟଣର ଅଧିକାଂଶ ଅଂଶର ଘଟଣାସ୍ଥଳ ଅରଣ୍ୟ ହୋଇଥିବାରୁ ଅଭିନୟ ପାଇଁ ଏହି ଅଞ୍ଚଳରେ ଏକ ସ୍ୱାଭାବିକ ପ୍ରାକୃତିକ ପରିବେଶ ମିଳିଥାଏ। ବିଶିପଡ଼ା ଗାଁ ଦାଣ୍ଡଟି ହୁଏ ମୁଖ୍ୟ ଅଭିନୟ ସ୍ଥଳ। ଗାଁ ବାହାରେ ଥିବା ଗୋଟିଏ ପଡ଼ିଆର ଗୋଟିଏ ପାର୍ଶ୍ୱ ହୁଏ ଲଙ୍କା। ଗାଁ ପାଖ ଦେଇ ବହି ଯାଉଥିବା ସାଲୁଙ୍କୀ ନଦୀ ହେଉଛି ଗଙ୍ଗା। ଏ ସବୁ ସ୍ଥାନକୁ ଅଭିନୟ କ୍ଷେତ୍ର ଭାବରେ ବ୍ୟବହାର କରାଯାଏ ଠିକ୍ ବରଗଡ଼ ଧନୁଯାତ୍ରା ପରି। ରାମନବମୀରୁ ଅଭିନୟ ଆରମ୍ଭ ହୋଇ ଚଉଦ ଦିନରେ ଲଙ୍କା ପୋଡ଼ି ସହ ଏହା ଶେଷ ହୁଏ। ଅଭିନୟ ଅବଧିରେ ପ୍ରତି ଘର ଦୁଆର ଲିପା ପୋଛା ହୋଇ କୁମ୍ଭ ବସେ। ଲୋକମାନେ ଶୁଦ୍ଧ, ସାତ୍ତ୍ୱିକ ଭାବରେ ବ୍ରତ, ଉପବାସ ରଖନ୍ତି। ଶ୍ରୀରାମଙ୍କ ପାଖରେ ଲଙ୍କେଶ୍ୱରୀ ଦେବୀଙ୍କ ପାଖରେ ଭୋଗ ଲଗାନ୍ତି। ଦୀପ ଜାଳନ୍ତି। ପ୍ରତି ଘରମାନଙ୍କୁ ବନ୍ଧୁ, ବାନ୍ଧବ ଆସନ୍ତି। ଏହିଭଳି ଭାବରେ ରାମଲୀଳା ଅଭିନୟ ସହ ଏକ ବିପୁଳ ଜନ ସମୁଦାୟ ଅଙ୍ଗୀଭୂତ ହୋଇଯାଆନ୍ତି। ଏହାରି ଭିତରେ ସେମାନଙ୍କର ଆସ୍ଥା, ଭକ୍ତି, ବିଶ୍ୱାସ ସବୁ ସମନ୍ୱିତ ହୋଇଥାଏ। ଗ୍ରାମରେ ପୂଜା ପାଉଥିବା ଲଙ୍କେଶ୍ୱରୀ ବା ଲଙ୍କାଦେବୀ ବର୍ଷ ସାରା ଆବୃତ ହୋଇଥା’ନ୍ତି। ଲଙ୍କାପୋଡ଼ି ପୂର୍ବଦିନ ରାତ୍ରିରେ ତାଙ୍କୁ ଏକ ରଥରେ ଅଭିନୟ ସ୍ଥଳକୁ ଅଣାଯାଏ। ଅଳ୍ପ ସମୟ ପାଇଁ ତାଙ୍କ ଉପରେ ଆବରଣ ଖୋଲାଯାଏ। ଲୋକମାନେ ତାଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ତାଙ୍କୁ ପୁନର୍ବାର ଆବୃତ କରାଯାଇ ମନ୍ଦିରକୁ ଫେରାଇ ନିଆଯାଏ। ଏ ପଦ୍ଧତି ତାନ୍ତ୍ରିକ ପରମ୍ପରାରୁ ଆସିଥିବା ସମ୍ଭବ। ମୂର୍ତ୍ତି ଭୟଙ୍କର ହୋଇଥିବାରୁ ତାଙ୍କୁ ଅଧିକ ସମୟ ଦର୍ଶନ କରିବା ପାଇଁ ମଧ୍ୟ ବାରଣ ରହିଛି।

ଏହି ରାମଲୀଳାର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଏହାର ଚରିତ୍ରମାନଙ୍କ ଦ୍ୱାରା ମୁଖାର ବ୍ୟବହାର। ଅଭିନୟର ବିଷୟବସ୍ତୁରେ ମାନବ ଏବଂ ମାନବେତର ଚରିତ୍ରସବୁ ଥିବାରୁ ମାନବେତର ଚରିତ୍ର ଯଥା- ରାକ୍ଷସ, ବାନର, ଭଲ୍ଲୁକ, ପକ୍ଷୀ, ବାଘ ଇତ୍ୟାଦି କାଠ ତିଆରି ମୁଖା ବ୍ୟବହାର କରନ୍ତି। ରାବଣ ପକ୍ଷର ସମସ୍ତ ରାକ୍ଷସ ଯଥା ଇନ୍ଦ୍ରଜିତ, କୁମ୍ଭକର୍ଣ୍ଣ ଇତ୍ୟାଦି ମୁଖା ବ୍ୟବହାର କରନ୍ତି। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା ରାବଣ ଦଶମୁଣ୍ଡ ଥିବା ଏକ ବିରାଟ ମୁଖା ବ୍ୟବହାର କରେ। ଏ ମୁଖାଟିର ଓଜନ ପ୍ରାୟ ପଚାଶ କେଜି। ମୁଖାଟି ପେଟ ପାଖରୁ ମସ୍ତକ ପର୍ଯ୍ୟନ୍ତ ତିଆରି ହୋଇଥାଏ। ରାବଣ କଳାକାର ତା’ ଭିତରେ ପଶି ତାକୁ ନିଜର ପେଟ ପର୍ଯ୍ୟନ୍ତ ଗଳାଇ ଧାରଣ କରି ଅଭିନୟ କରନ୍ତି, ଯାହା ଅତ୍ୟନ୍ତ ଆୟାସ ଏବଂ ଅଭ୍ୟାସସାଧ୍ୟ। ଅନ୍ୟ ରାମଲୀଳା ମାନଙ୍କରେ ମୁଖା ଧାରଣ ଦେଖାଯାଉ ନଥିବାବେଳେ କାଠ ତିଆରି ମୁଖା ଧାରଣ କରିବା ଏହି ବିଶିପଡ଼ା ରାମଲୀଳାର ଅନନ୍ୟତା। ଗଞ୍ଜାମର ବେଲଗୁଣ୍ଠା ନିକଟବର୍ତ୍ତୀ ଚଢ଼ିଆପଲ୍ଲୀ ଗ୍ରାମର କାଷ୍ଠ ଶିଳ୍ପୀ ତଥା ଚିତ୍ରଶିଳ୍ପୀମାନେ ଏହି ମୁଖା ନିର୍ମାଣ କରିଛନ୍ତି ଏବଂ ସେହି ମୁଖାଗୁଡ଼ିକୁ ଅତି ଜାଗ୍ରତରେ ରଖି ତାକୁ ମଝିରେ ମଝିରେ ରଙ୍ଗ ଦେଇ ଗ୍ରାମବାସୀମାନେ ସୁରକ୍ଷିତ କରି ରଖିଛନ୍ତି ଏବଂ ଅଭିନୟରେ ବ୍ୟବହାର କରୁଛନ୍ତି।

ବିଷୟବସ୍ତୁ ଦୃଷ୍ଟିରୁ ବିଚାର କଲେ ଏହି ରାମଲୀଳା ରାମାୟଣର ଆଦ୍ୟକାଣ୍ଡରୁ ଆରମ୍ଭ ହୋଇ ସୁନ୍ଦରାକାଣ୍ଡର ହନୁମାନ ଦ୍ୱାରା ଲଙ୍କା ଦହନରେ ଶେଷ ହୁଏ। ତେଣୁ ଏହି ଯାତ୍ରାର ଅନ୍ୟ ନାମ ଲଙ୍କାପୋଡ଼ି ଯାତ୍ରା। ଗ୍ରାମ ଉପକଣ୍ଠରେ ଥିବା ଗୋଟିଏ ପଡ଼ିଆର ଗୋଟିଏ ପାଖରେ ଲଙ୍କାଗଡ଼ ଭଳି ଗୋଟିଏ ତୋରଣ ନିର୍ମାଣ କରାଯାଇଥାଏ। ତା’ର ପଛପଟରେ ଶୁଖିଲା ତାଳ ପତ୍ରରେ ଉଦ୍ୟାନ ନିର୍ମାଣ ହୋଇଥାଏ। ଯାତ୍ରାର ଶେଷ ଦିନ ସେହି ପଡ଼ିଆରେ ଏକ ସ୍ଥାୟୀ ମଞ୍ଚରେ ଏହି ଅଂଶଟି ଅଭିନୀତ ହୁଏ। ଲଙ୍କାର ତୋଟା ନଷ୍ଟ କରିଥିବା ହନୁମାନ ବନ୍ଧାହୋଇ ଆସି ରାବଣ ଦରବାରରେ ଉପସ୍ଥିତ ହୁଅନ୍ତି। ରାବଣ ଆଦେଶରେ ହନୁମାନଙ୍କ ଲାଞ୍ଜରେ ଅଗ୍ନି ସଂଯୋଗ କରାଯାଏ। ଜଣେ ବିଶିଷ୍ଟ ନିମନ୍ତ୍ରିତ ବ୍ୟକ୍ତି ଏହି ଅଗ୍ନି ସଂଯୋଗ କରନ୍ତି। ଏହାପୂର୍ବରୁ ଅଭିନୟ ସ୍ଥଳୀରେ ଗ୍ରାମବାସୀ, ଆଖପାଖ ଗାଁରୁ ଆସିଥିବା ଦର୍ଶକମାନେ ହନୁମାନଙ୍କୁ ମୁଣ୍ଡିଆ ମାରି ତାଙ୍କ ବେଶଭୂଷାରେ ଉପହାର ସ୍ୱରୂପ ଟଙ୍କା, ନୋଟ୍ ଲଗାନ୍ତି। ହନୁମାନଙ୍କ ଶରୀର ସାରା ଟଙ୍କା ମାଳ ଲମ୍ବିଯାଏ। ହନୁମାନଙ୍କୁ ଭୋଗ ସ୍ୱରୂପ ଦେଉଥିବା କଦଳୀ, ଫଳ ସେ ଲୋକଙ୍କ ମଧ୍ୟରେ ବିତରଣ କରୁଥା’ନ୍ତି। ଲାଞ୍ଜରେ ଅଗ୍ନି ସଂଯୋଗ ପରେ ହନୁମାନ ଧାଇଁ ଧାଇଁ ଯାଇ କନା, ତାଳପତ୍ରରେ ନିର୍ମିତ ସୁଦୃଶ୍ୟ ଲଙ୍କାପୁରୀ ଭିତରେ ପଶି ସେଥିରେ ନିଆଁ ଲଗାଇ ବାହାରି ଆସନ୍ତି। ମୁହୂର୍ତ୍ତକ ମଧ୍ୟରେ ତାହା ଜଳିଯାଇ ଛାରଖାର ହୋଇଯାଏ। ଏହାପରେ ଆତସବାଜି ହୋଇ ଲଙ୍କାପୋଡ଼ି ଯାତ୍ରା ଉଦ୍‌ଯାପିତ ହୁଏ। ପ୍ରଚଣ୍ଡ ଗ୍ରୀଷ୍ମକୁ ଖାତିର ନ କରି ରାତିର ଅଭିନୟ ଓ ଶେଷଦିନର ଲଙ୍କାପୋଡ଼ି ଯାତ୍ରା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୁଏ। ଲଙ୍କାପୋଡ଼ି ପରେ ରାମାୟଣର ଆଉ ଯେତେକ ଅଂଶ ରହିଗଲା ତାକୁ ଆଉ ଅଭିନୟ ନକରି ଗାୟକମାନେ ତାକୁ ଗାୟନ କରନ୍ତି ଏବଂ ଲୋକେ ଶୁଣନ୍ତି। ଏହିଭଳି ଭାବରେ ବିଷୟ ମଧ୍ୟ ପୂର୍ଣ୍ଣ ହୁଏ।

ଦୀର୍ଘ ଦୁଇଶହ ବର୍ଷ ଧରି କେବଳ ଲୋକଙ୍କ ଶ୍ରଦ୍ଧା, ଅନୁରାଗକୁ ପାଥେୟ କରି ଏହି ରାମଲୀଳା ବଞ୍ଚି ରହିବା ଏକ ବିଲକ୍ଷଣ ନିଶ୍ଚୟ। ଓଡ଼ିଶାର ଜନତା କୃତବିଦ୍ୟ ନାଟ୍ୟକାର, ଲୋକସଂସ୍କୃତି ଗବେଷକ ମନ୍ମଥ କୁମାର ଶତପଥୀଙ୍କ ଉଦ୍ୟମରେ ଏହି ରାମଲୀଳା ଦିଲ୍ଲୀ ତଥା ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ପ୍ରଦର୍ଶିତ ହୋଇଛି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏହାର ପୂର୍ଣ୍ଣାଙ୍ଗ ଦୃଶ୍ୟ ଉତ୍ତୋଳନ କରି ଭବିଷ୍ୟତ ପାଇଁ ସଂଗ୍ରହ କରିଛନ୍ତି। ନାଟ୍ୟଦଳର ବେଶଭୂଷା, ଆଲୋକ, ଶବ୍ଦ, ବାଦ୍ୟଯନ୍ତ୍ର ଇତ୍ୟାଦିର ସମୃଦ୍ଧି ପାଇଁ ଆର୍ଥିକ ସହାୟତା ମଧ୍ୟ ଦେଇଛନ୍ତି। ଏଭଳି ଏକ ମୂଲ୍ୟବାନ ଲୀଳାଭିନୟର ଅନନ୍ୟ ପରମ୍ପରାର ସଂରକ୍ଷଣ ପାଇଁ ଆହୁରି ଅଧିକ ସହଯୋଗ, ପୃଷ୍ଠପୋଷକତାର ଆବଶ୍ୟକତା ରହିଛି। ଏ ଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର, ବୁଦ୍ଧିଜୀବୀ, ଲୋକସଂସ୍କୃତି ବିଶେଷଜ୍ଞମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ। ବିଶେଷକରି ଏହାର ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି।

## ଲୋକମତ

### ଶୌଚାଳୟ ବର୍ଜ୍ୟର ସୁପରିଚାଳନା

ଶୌଚାଳୟରୁ ନିର୍ଗତ ବର୍ଜ୍ୟ ପରିଚାଳନା ଏକ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ହେଉଛି କିଛି ପରିମାଣରେ ଉପରୋକ୍ତ ସମସ୍ୟାର ସମାଧାନର ସୂତ୍ର। ଫିକାଲ୍ ସ୍ଲଜ୍ କହିଲେ, ଶୌଚାଳୟ ଓ ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟଜଳ ଆଦିକୁ ବୁଝାଏ। ଫିକାଲ୍ ସ୍ଲଜ୍‌କୁ ନାଳ ଇତ୍ୟାଦିରେ ନିଷ୍କାସିତ କରାନଯାଇ ସେହି ସ୍ଥାନ ନିକଟରେ ନିର୍ମାଣାଧୀନ ପିଟ୍, ସେପ୍ଟିକ୍ ଟ୍ୟାଙ୍କ୍ ଆଦିରେ ଜମା କରାଯାଇଥାଏ। ଫିକାଲ୍ ସ୍ଲଜ୍‌କୁ ନିୟମିତ ବ୍ୟବଧାନରେ ଭାକ୍ୟୁମ୍ ଟ୍ରକ୍ ଦ୍ୱାରା ପିଟ୍ ବା ସେପ୍ଟିକ୍ ଟ୍ୟାଙ୍କ୍‌ରୁ ବାହାର କରାଯାଇ ବର୍ଜ୍ୟ ଉପଚାର ପ୍ଲାଣ୍ଟ ବା ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି)କୁ ପଠାଯାଇଥାଏ। ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଏହି ଫିକାଲ୍ ସ୍ଲଜ୍‌କୁ ଭିଭିନ୍ନ ପ୍ରକ୍ରିୟାରେ ଉପଚାର କରାଯାଇ ବିଶୋଧନ କରାଯାଇଥାଏ। ଏହି ବିଶୋଧିତ ଜଳକୁ ଜଳସେଚନ ତଥା ଅନ୍ୟାନ୍ୟ କାମରେ (ପିଇବା ବ୍ୟତୀତ) ଉପଯୋଗ କରାଯାଇଥାଏ। ଏହି ପ୍ଲାଣ୍ଟରୁ ବାହାରୁଥିବା ଅନ୍ୟ ଏକ ଉପାଦାନ ହେଉଛି ଶୁଖିଲା ଦ୍ରବ୍ୟ, ଯାହାକୁ ଅଧିକ ଉପଚାର କରାଯାଇ ଜୈବିକ ଖତ ପ୍ରସ୍ତୁତ କରାଯାଇଥାଏ। ତଥ୍ୟ ଅନୁଯାୟୀ ଆମ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ କ୍ଷମତା ବିଶିଷ୍ଟ ୧୦୬ରୁ ଉର୍ଦ୍ଧ୍ୱ ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକାରୀ କରୁଛି, ଯାହାକି ପ୍ରାୟ ଦୈନିକ ୧୮୨୭ କିଲୋଲିଟର୍ ଫିକାଲ୍ ସ୍ଲଜ୍‌କୁ ଉପଚାର କରିବାର କ୍ଷମତା ରଖିଛି। ୧୩ରୁ ଉର୍ଦ୍ଧ୍ୱ ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣାଧୀନ ଅବସ୍ଥାରେ ଅଛି, ଯାହାକି ଦୈନିକ ୨୩୦ କିଲୋଲିଟର୍ ଫିକାଲ୍ ସ୍ଲଜ୍‌କୁ ଉପଚାର କରିପାରିବ। କେତେକ ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ମିଶନ ଶକ୍ତି ମହିଳା ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଛି। ଚଳିତବର୍ଷ ଶେଷ ସୁଦ୍ଧା ରାଜ୍ୟ ଖୋଲା ନିଷ୍କାସନକୁ ମୁକ୍ତ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଯାହାଫଳରେ ପିଟ୍, ସେପ୍ଟିକ୍ ଟ୍ୟାଙ୍କ୍ ଆଦିର ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇବ। ପ୍ରାଥମିକତା ଆଧାରରେ ଏହିପରି ଅନେକ ଫିକାଲ୍ ସ୍ଲଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଭିନ୍ନ ଭିନ୍ନ ସ୍ଥାନରେ ପ୍ରତିଷ୍ଠା କରିବାର ଆବଶ୍ୟକତା ଅଛି। ଫଳସ୍ୱରୂପ ରୋଗମୁକ୍ତ ସମାଜ ଗଠନ ତଥା ଜଳାଭାବରୁ ଫସଲ ପ୍ରଭାବିତ ସଂଖ୍ୟାରେ ହ୍ରାସ ଘଟିବ ଏବଂ ଜୈବ ଖତକୁ ବଜାରଭିତ୍ତିକ କରାଯାଇପାରିବ। ଲୋକଙ୍କୁ ଶୌଚାଳୟର ବ୍ୟବହାର ସମ୍ବନ୍ଧରେ ସଚେତନ କରିବାର ମଧ୍ୟ ଆବଶ୍ୟକ ଅଛି। ଦିନ ଆସିବ, ହୁଏତ ଫିକାଲ୍ ସ୍ଲଜ୍ ବିକ୍ରୟ ହେବ। ଏହି ପ୍ରକ୍ରିୟା ମାଧ୍ୟମରେ ମଳ ବଳରେ ରୂପାନ୍ତରିତ ହେବ। ମିଳିତ ଭାବେ ଫିକାଲ୍ ସ୍ଲଜ୍ ସଂଗ୍ରହ, ପରିବହନ, ଉପଚାର ତଥା ଶେଷ ବ୍ୟବହାର ପରିଚାଳନା ହେଉଛି ‘ମୂଲ୍ୟ ଶୃଙ୍ଖଳା’ କିମ୍ବା ‘ସେବା ଶୃଙ୍ଖଳା’ ର ଏକ ଉତ୍କୃଷ୍ଟ ଉଦାହରଣ।

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

### ଗ୍ରୀଷ୍ମଛୁଟିରେ ପିଲାଙ୍କୁ ଚାପମୁକ୍ତ କରନ୍ତୁ

ଏବେ ଗ୍ରୀଷ୍ମ ଛୁଟି ଚାଲିଛି। କିନ୍ତୁ କିପରି ଏହି ଛୁଟିରେ ସିଲାବସ ସରିଯିବ, ସେହି ଲକ୍ଷ୍ୟରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏହି ସମୟରେ ଅତିରିକ୍ତ ଟ୍ୟୁସନ ଦେବାରେ ବ୍ୟସ୍ତ। ଏହି ଅତ୍ୟଧିକ ଚାପ ଯୋଗୁଁ କୋମଳମତି ପିଲାଙ୍କ ମାନସିକ ଅବସ୍ଥା ଠିକ ରହୁ ନଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏପରିକି ମାତ୍ରାଧିକ ମାନସିକ ଚାପ ଯୋଗୁଁ ଛୋଟ ପିଲାମାନେ ମଧୁମେହ, ଆଖିସମସ୍ୟା ଭଳି ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ଟ୍ୟୁସନ ଓ ବିଦ୍ୟାଳୟରେ ପାଠପଢ଼ାର ଚାପ ଭିତରେ ସେମାନେ ଆତ୍ମୀୟସ୍ୱଜନଙ୍କୁ ମଧ୍ୟ ଭୁଲିଯାଉଥିବା ଦେଖାଯାଉଛି। ଅଜା, ଆଇ, ମାମୁ, ମାଇଁ, ମାଉସୀ, ପିଉସୀ ଆଦିଙ୍କ ସଂସ୍ପର୍ଶରେ ସେମାନେ ଆସି ପାରୁନାହାନ୍ତି। ତେଣୁ ଅଭିଭାବକଙ୍କୁ ମୋର ଅନୁରୋଧ ଏହି କୋମଳମତି ଶିଶୁଙ୍କୁ ଗ୍ରୀଷ୍ମଛୁଟିରେ ୫ ରୁ ୭ ଦିନ ଆତ୍ମୀୟସ୍ୱଜନ ଓ ସମ୍ପର୍କୀୟଙ୍କ ପାଖରେ ଛାଡ଼ି ଦିଅନ୍ତୁ। ସେମାନେ ସେଠାରେ ବିଭିନ୍ନ ବିଷୟରେ କଥାବାର୍ତ୍ତା ହେବେ। ଏହାଦ୍ୱାରା ସେମାନଙ୍କ ବିଚାରଧାରା ବିକଶିତ ହେବ ଏବଂ ସେମାନେ ମାନସିକ ଭାବରେ ସୁସ୍ଥ ରହିବେ।

**ଅନୁପମ ଜେନା, ମୟୂରଭଞ୍ଜ**

### ନିର୍ବାଚନ ସଚେତନତା ସ୍ୱାଗତଯୋଗ୍ୟ

ଏବେ ଚାଲିଛି ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ। ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ନିର୍ବାଚନ କମିଶନ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଯେପରିକି ୱାକାଥନ, ମାରାଥନ, ପଥପ୍ରାନ୍ତ ନାଟକ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା, ନୂତନ ଭୋଟରଙ୍କୁ ସମ୍ବର୍ଦ୍ଧନା, ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତି, ଛାପା ଓ ସାମାଜିକ ଗଣମାଧ୍ୟମରେ ଅଧିକରୁ ଅଧିକ ସୂଚନା ପ୍ରଦାନ, ଘରୁ ଭୋଟ ଦେବା, ଦିବ୍ୟାଙ୍ଗଙ୍କ ଲାଗି ହ୍ୱିଲ ଚେୟାର ଆଦି। ସମାଜର ସାମଗ୍ରିକ ବିକାଶ ପାଇଁ ଉପଯୁକ୍ତ ନେତା ନିର୍ବାଚିତ କରିବାକୁ ହେଲେ ସବୁ ଭୋଟର ମତଦାନ କରିବା ନିହାତି ଦରକାର। ଏହାଦ୍ୱାରା ଗଣତନ୍ତ୍ର ସୁଦୃଢ଼, ଦେଶ ସଶକ୍ତ ହେବା ସହ ରାଷ୍ଟ୍ରର ବିକାଶ ତ୍ୱରାନ୍ୱିତ ହୁଏ। ଓଡ଼ିଶାର ସାମଗ୍ରିକ ମତଦାନ ହାର ଜାତୀୟ ସ୍ତରଠୁଁ ଅଧିକ ହୋଇଥିଲେ ହେଁ ଭୁବନେଶ୍ୱରରେ ଏହା ରାଜ୍ୟ ହାରାହାରି ମତଦାନଠାରୁ କମ୍। ପୂର୍ବ ନିର୍ବାଚନଗୁଡ଼ିକରେ ଏଠାରେ ଭୋଟଦାନ ୫୦%ରୁ ଅଧିକ ହୋଇ ନାହିଁ। ଚକିତ କଲାଭଳି କଥା ହେଉଛି ଆମ ରାଜ୍ୟର ଗ୍ରାମାଞ୍ଚଳର ଭୋଟଦାନ ହାର ସହରାଞ୍ଚଳଠୁ ଅଧିକ। ସଚେତନ ଓ ବୁଦ୍ଧିଜୀବୀ ନାଗରିକଙ୍କ ବାସଭୂମି ରୂପେ ପରିଚିତ ରାଜଧାନୀ ଭୁବନେଶ୍ୱରରେ ଭୋଟଦାନ ହାରରେ ବୃଦ୍ଧି ଲାଗି ଓମଫେଡ୍ କ୍ଷୀର ପ୍ୟାକେଟରେ ଭାରତୀୟ ନିର୍ବାଚନ କମିଶନଙ୍କ ଲୋଗୋ ସହ ‘୨୫ ମଇ ୨୦୨୪ରେ ଭୋଟ ଦେବାକୁ ଭୁଲନ୍ତୁ ନାହିଁ’ ଇଂରାଜୀରେ ଲେଖା ଅତ୍ୟନ୍ତ ପ୍ରଶଂସନୀୟ। ଏବେ ଏହି ବିଶେଷଧରଣର କ୍ଷୀର ପ୍ୟାକେଟ କେବଳ ଗୋଲାପୀ ରଙ୍ଗ ଥିବା ‘ପ୍ରିମିୟମ୍’ ଶ୍ରେଣୀରେ ଉପଲବ୍ଧ। ତେବେ ଓମଫେଡ୍ ଦ୍ୱାରା ପ୍ରସ୍ତୁତ ସମସ୍ତ ପ୍ରକାରର ସାମଗ୍ରୀ ଯେପରିକି କ୍ଷୀର, ଦହି, ଲସି, ଘୋଳଦହି ଆଦି ସବୁ ପ୍ୟାକେଟରେ ଏବଂ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଛାପା ହେଲେ ଏହା ଅଧିକ ଗ୍ରହଣୀୟ ହୁଅନ୍ତା।

**ପ୍ରତାପ ନାୟକ**
**ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯**

### ଗ୍ରାମାଞ୍ଚଳରେ ହେଉ ଅଳିଆ ସଂଗ୍ରହ

କଥାରେ ଅଛି ‘ଗାଁ ପରିମଳ ଧୋବା ତୁଠରୁ।’ ବର୍ତ୍ତମାନର ଚଳଣିରେ ଆମେ ସୁବିଧାବାଦୀ ହୋଇଯାଇଛୁ। ସବୁକିଛି ଆମ ସୁବିଧା ଅନୁସାରେ ବ୍ୟବହାର କରିଚାଲିଛେ। କିନ୍ତୁ ଏହି ସୁବିଧା ଆମ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ଭୁଲିଯାଉଛୁ। ନିତ୍ୟ ବ୍ୟବହାରରେ ବହୁଳ ପ୍ଲାଷ୍ଟିକ, ପଲିଥିନ ଆଦି ବ୍ୟବହାର ହିଁ ଏହାର ମୁଖ୍ୟ କାରଣ। ମ୍ୟୁନିସିପାଲିଟି ବା ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କରେ ଅଳିଆ ସଂଗ୍ରହ ଗାଡ଼ି ବୁଲିବୁଲି ପ୍ରତ୍ୟହ ତାହାକୁ ସଂଗ୍ରହ କରିଥାଏ, କିନ୍ତୁ ଆମ ଗ୍ରାମାଞ୍ଚଳରେ ସେପରି ସୁବିଧା ନଥିବାରୁ କୁଢ଼କୁଢ଼ ଆବର୍ଜନା ଏଣେତେଣେ ଦେଖିବାକୁ ମିଳୁଛି। ଏହା ଗ୍ରାମାଞ୍ଚଳର ସ୍ୱଚ୍ଛ ଓ ସୁସ୍ଥ ପରିବେଶ ପାଇଁ ବାଧକ ସାଜୁଛି। ତେଣୁ ଗାଁ ପରିବେଶକୁ ସରସ ସୁନ୍ଦର କରିବା ପାଇଁ ସପ୍ତାହରେ ଅନ୍ତତଃ ଥରୁଟେ ଅଳିଆ ସଂଗ୍ରହ ଗାଡ଼ି ପରିକ୍ରମାର ବ୍ୟବସ୍ଥା କରାଯିବା ଦରକାର।

**ନିରଞ୍ଜନ ମହାରଣା, ମାହାଙ୍ଗା, କଟକ**

# ଭୁବନେଶ୍ୱର ସିଟି



### ଉତ୍ତର ଭୁବନେଶ୍ୱରରେ ଅଖିମୁଠି ଉତ୍ସବ

# ଲଙ୍ଗଳକଣ୍ଟି ଧରିଲେ ବିଧାୟକ-କ୍ୟାପ୍‌ଟେନ୍

ନନ୍ଦନକାନନ,୧୦।୫(ସମିସ): ଉତ୍ତର ଭୁବନେଶ୍ୱର ପାଞ୍ଚ ପଞ୍ଚାୟତର ଚାଷୀଭାଇ ଭଉଣୀମାନଙ୍କୁ ନେଇ ଇଞ୍ଜଣା ଗ୍ରାମସ୍ଥିତ ତାରିଣୀ ମନ୍ଦିର ନିକଟରେ ଥିବା ଚାଷ ଖେତରେ ପବିତ୍ର ଅକ୍ଷୟତୃତୀୟା ପର୍ବରେ ଅନୁକୂଳ ଅଖିମୁଠି ବୁହା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରତି ଓଡ଼ିଆର ଅସ୍ମିତାର ପୁଣ୍ୟ ପରମ୍ପରାର ପରିଚୟ ଦେଇ ଏଠାରେ ବିଧାୟକ ସୁଶାନ୍ତ କୁମାର ରାଉତ ଓ ସାଂସଦ ପାର୍ଥୀ କ୍ୟାପଟେନ୍ ମନ୍ମଥ ରାଉତରାୟ ନଙ୍ଗଳ କଣ୍ଟି ଧରି ବିଲକୁ ଚାଷ କରିବା ସହ ଅକ୍ଷୟ ଧାନ ବୀଜ ଖେତରେ ବପନ କରିଛନ୍ତି । ଖିମୁଠା ଭୁବନେଶ୍ୱରଉତ୍ତର ନିର୍ବାଚନମଣ୍ଡଳୀ ତରଫରୁ ଜାକଜମକରେ ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟରେ ଆଖିମୁଠି ଅନୁକୂଳ କରିଛନ୍ତି ଉତ୍ତର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ଓ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ। ପ୍ରଥମେ ଶହ ଶହ ଚାଷୀଭାଇ ଭଉଣୀଙ୍କ ସହିତ ଉଭୟ ନେତା ମା' ତାରିଣୀ ପୀଠରେ ପୂଜାର୍ଚ୍ଚନା କରି ମା'ଙ୍କ ଆଶୀର୍ବାଦରେ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ଟୋକେଇ ଥିବା ଧାନ ଗଉଣି, ପୂଜା ସାମଗ୍ରୀ ସବୁକୁ ମୁଣ୍ଡେଇ ଆସି ବିଲ ମୁଣ୍ଡରେ ପହଞ୍ଚିଥିଲେ। ଆୟୋଜିତ ସଭା କାର୍ଯ୍ୟରେ ଓଡ଼ିଆ ଓ ଓଡ଼ିଶାର ଜନସାଧାରଣଙ୍କ ପାଇଁ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖିଥିବା ସ୍ୱପ୍ନକୁ ସାକାର କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ପୂର୍ବରୁ ହୋଇଥିବା ସବୁ ଜନକଲ୍ୟାଣକାରୀ ଯୋଜନା କିପରି ମୁଖ୍ୟମନ୍ତ୍ରୀ ପ୍ରତ୍ୟେକଙ୍କ ପାଖର ପାହାଚଇଛନ୍ତି ତାହା ପ୍ରକାଶ କରିଥିବା ବେଳେ ଚଳିତ ନିର୍ବାଚନରେ ଓଡ଼ିଶାକୁ ୧ନମ୍ବର କରିବାକୁ ତିଆରି କରିଥିବା ଯୋଜନାର ଇସ୍ତାହାରକୁ ଲୋକଙ୍କୁ କହିଥିଲେ। ଆଗାମୀ ଦିନରେ କିପରି କୃଷି ଯନ୍ତ୍ରାଂଶ ସହିତ ସାର ବିହନ ମିଳିପାରିବ ସେଥିପାଇଁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ମଧ୍ୟରେ ମତ୍ସ୍ୟନିଗମ ଅଧକ୍ଷ ସୁବାସ ଚନ୍ଦ୍ର ପାତ୍ର, ଅଞ୍ଚଳର ବରିଷ୍ଠ ମୁରବୀ ଭଗବାନ ଜେନା, ଇଞ୍ଜଣା ସରପଞ୍ଚ ହେମନ୍ତ ପରିଡା, କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ସମିତି ସଭ୍ୟ ଭୁବନ ମୋହନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ପବିତ୍ର ମୋହନ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଅକ୍ଷୟ ମିଶ୍ର, କର୍ପୋରେଟର ମିହିର ରାଉତ, ବରିଷ୍ଠ ସାମ୍ବାଦିକ ଲିଙ୍ଗରାଜ ରାଉତ, ସନ୍ତୋଷ ନାଥ, ଶ୍ରୀଧର ବରାଳ, ବୀରେନ୍ଦ୍ର ଜେନା, ପ୍ରଦୀପ ଦାସ, ସୁବ୍ରତ ଦାସ, ଜୁଜ୍ଝାସୁ ପଣ୍ଡା ପ୍ରମୁଖଙ୍କ ସହ ଗାନ୍ଧିବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତ ଉପସ୍ଥିତ ଥିଲାବେଳେ ଏହି କାର୍ଯ୍ୟକ୍ରମକୁ ଇଞ୍ଜଣା ଗ୍ରାମ୍ୟମଙ୍ଗଳ କମିଟି ସଭାପତି ପ୍ରଦୀପ କୁମାର ଦାସ ପରିଚାଳନା କରିଥିଲେ।



# ବିଜେଡିରେ ମିଶିଲେ ୪୦୦ ବିଜେପି କର୍ମୀ



ଭୁବନେଶ୍ୱର, ୧୦।୫(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ କାର୍ଯ୍ୟଶୈଳୀ ଏବଂ ଦ୍ରୁତ ବିକାଶରେ ଅନୁପ୍ରାଣିତ ହୋଇ ୪୧ ନମ୍ବର ଓ ୩୮ ନମ୍ବର ୱାର୍ଡର ୪୦୦ରୁ ଅଧିକ ଶୁକ୍ରବାର ବିଜେପି କାର୍ଯ୍ୟକର୍ତ୍ତା ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା, କର୍ପୋରେଟର କବିତା ସ୍ୱାଇଁ ଓ ପଦ୍ମଜା ପ୍ରିୟଦର୍ଶିନୀ ଜେନା, ବିଜୁ ଜନତା ଦଳ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସାଧାରଣ ସମ୍ପାଦକ ସମରେନ୍ଦ୍ର ଜେନାଙ୍କ ଉପସ୍ଥିତିରେ ସେମାନେ ଦଳରେ ସାମିଲ ହୋଇଥିଲେ। ୪୧ ନମ୍ବର ୱାର୍ଡରେ କେଦାରପଲ୍ଲୀ ଅଞ୍ଚଳବାସୀ ଉଷା ନାୟକ, ସସ୍ମିତା ନାୟକ, ବୋଇତ, ନୟନା, ମାନି, ଜୟନ୍ତୀଙ୍କ ନେତୃତ୍ୱରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ବିଜେଡିରେ ମିଶିଥିଲେ। ସେହିପରି ୩୮ ନମ୍ବର ୱାର୍ଡର ନୂଆପଲ୍ଲୀ ଗଡ଼ସାହିରୁ ଅନ୍ନପୂର୍ଣ୍ଣା ଜେନା ଓ ରୀନା ଜେନାଙ୍କ ନେତୃତ୍ୱରେ, ଭୋଇ ସାହିରୁ ସୁଦର୍ଶନ ବେହେରାଙ୍କ ନେତୃତ୍ୱରେ, ନାୟକ ସାହିରୁ କାର୍ତ୍ତିକ ନାୟକଙ୍କ ନେତୃତ୍ୱରେ ଏବଂ ବ୍ରିଟ୍ କାଲୋନୀରୁ ମିଲିଙ୍କ ନେତୃତ୍ୱରେ ୩୦୦ରୁ ଅଧିକ ବିଜେପି କାର୍ଯ୍ୟକର୍ତ୍ତା ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲେ। ଶେଷରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପ ନେଲେ।

### ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଅକ୍ଷୟ ତୃତୀୟା ମହୋତ୍ସବ

# 'ଜଣଦେବତାରୁ ବିଶ୍ୱଦେବତା ଶ୍ରୀଜଗନ୍ନାଥ'

ଭୁବନେଶ୍ୱର, ୧୦।୫(ସମିସ): ଶ୍ରୀଜଗନ୍ନାଥ ଦିନେ କେବଳ ବିଶ୍ୱାବସୁ ଦ୍ୱାରା ନୀଳମାଧବ ରୂପେ ପୂଜିତ ହେଉଥିଲେ। ମାତ୍ର ଆଜି ଶ୍ରୀଜଗନ୍ନାଥ ଜଣରୁ ଗଣ ଦେବତା ତା'ପରେ ରାଷ୍ଟ୍ରଦେବତା ଭାବେ ପୂଜିତ ହେବା ସହ ଇଷ୍ଟଦେବତା ସ୍ଥାନ ମଣ୍ଡନ କରି ବିଶ୍ୱଦେବତା ଭାବେ ଗଣା ହେଉଛନ୍ତି। 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ପକ୍ଷରୁ ଅକ୍ଷୟ ତୃତୀୟା ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଅତିଥିମାନେ ଏହା କହିଛନ୍ତି।ଭାରତୀୟ ବିଦ୍ୟାଭବନରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଡ. ସୁବାସ ପାଣି, ମୁଖ୍ୟବକ୍ତା ଡ. ସୁରେନ୍ଦ୍ର ନାଥ ଦାଶ ଓ ସମ୍ମାନିତ ବକ୍ତା ଡ. ଅର୍ଚ୍ଚନା ନାୟକ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଅକ୍ଷୟ ତୃତୀୟା ଉପଲକ୍ଷେ ଚଳିତ ବର୍ଷ ପାଇଁ ପ୍ରକାଶ ପାଇବାକୁ ଯାଉଥିବା ପୁସ୍ତକ 'ଅପରୂପ ଶ୍ରୀଜଗନ୍ନାଥ' ପାଇଁ ଚିତ୍ରଶିଳ୍ପୀ ବଳଦେବ ମହାରଥାଙ୍କ ଅଙ୍କିତ ପ୍ରଚ୍ଛଦ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପୁସ୍ତକରେ ପ୍ରକାଶ ପାଇବାକୁ ଯାଉଥିବା ତିନୋଟି ଆକର୍ଷଣୀୟ ରଚନା ସମ୍ପର୍କରେ ଅସିତ ମହାନ୍ତି, ଭାସ୍କର ମିଶ୍ର ଓ ସୁଷମା ମିଶ୍ର ଆଲୋକପାତ କରିଥିଲେ। ଏହି ଅବସରରେ ଡକ୍ଟର ଭାସ୍କର ମିଶ୍ରଙ୍କ ଦ୍ୱାରା ରଚିତ ବଡ଼ ଦେଉଳରେ ବିରାଜିତ ବିରଳ ବିଜେ ପ୍ରତିମା ପୁସ୍ତକ ଅତିଥିଗଣଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।



ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ବିଶେଷ ଅବଦାନ ପାଇଁ ଚଳିତ ବର୍ଷ ଡାକ୍ତର ଶୈଳେଶ୍ୱର ନନ୍ଦଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ', ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ 'ଦେବୀ ସୁଭଦ୍ରା ସମ୍ମାନ', ଉମେଶ ଚିହ୍ନରାଙ୍କୁ 'ଶ୍ରୀବଳଭଦ୍ର ସମ୍ମାନ', ପଣ୍ଡିତ ଦାଶରଥି ସାମନ୍ତରାୟଙ୍କୁ 'ଶ୍ରୀସୁଦର୍ଶନ ସମ୍ମାନ' ଓ ଧର୍ମଗ୍ରନ୍ଥ ଷ୍ଟୋରକୁ ଶ୍ରୀନନ୍ଦିଘୋଷ ସମ୍ମାନ ପ୍ରଦାନ କରାଯାଇଥିଲା। ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭା ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ମଧୁସ୍ମିତା ବିଶ୍ୱାଳ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଡକ୍ଟର ଭାସ୍କର ମିଶ୍ରଙ୍କ ଦ୍ୱାରା ରଚିତ 'ବଡ଼ ଦେଉଳରେ ବିରାଜିତ ବିରଳ ବିଜେ ପ୍ରତିମା' ପୁସ୍ତକ ଅତିଥିଗଣଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ



ବାଲିପାଟଣା,୧୦।୫(ସମିସ)

ବିଜୁ ଜନତା ଦଳର ୨୦ ଓ ୨୧ ନମ୍ବର ଜୋନକୁ ନେଇ ସଂଗଠନର ମୁଖ କମଲ କୁମାର ପାତ୍ରଙ୍କ ନେତୃତ୍ୱ ବନମାଳୀପୁର କଲେଜ ଖେଳ ପଡ଼ିଆରେ ହଜାର ହଜାର କର୍ମୀଙ୍କୁ ଶୁକ୍ରବାର ନେଇ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ବନମାଳୀପୁର ନୂଆସାହି କେନାଲ ବ୍ରିଜ ଠାରୁ ବାଜା, ବାଣ ଫୁଟାଇ ସଭା ମଣ୍ଡପ ଅଭିମୁଖେ ବାହାରିଥିଲା । ସଭା ମଣ୍ଡପ ନିକଟରେ ପ୍ରଜ୍ଞା ଖଟୁଆ ଓ ସାଥୀ କଳାକାରମାନଙ୍କ ଦ୍ୱାରା ବିଜୁ ଜନତା ଦଳର ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସୁନ୍ଦର ଅଭିନୟ ମାଧ୍ୟମରେ ପରି ପ୍ରକାଶ କରିଥିଲେ। ଏଥିରେ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଧାୟକ ପ୍ରାର୍ଥୀ ନବ କିଶୋର ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ଗଙ୍ଗାଧର ମଲ୍ଲିକ, ସୁକନ୍ୟା ସେଠୀ, ମହେଶ୍ୱର ଦାସ, ମଙ୍ଗରାଜ ବେହେରା, କୁନ ମୁନ ଲେଙ୍କା, ଦୁଇ ବ୍ଲକର ଅଧକ୍ଷା ହରପ୍ରିୟା ଦାସ, ସୁଚିତ୍ରା ଜେନାମଣି, ଦୁଇ ବ୍ଲକର ବିଜୁ ଜନତା ଦଳର ସଭାପତି, କିଶୋର କୁମାର ଜେନା, ପ୍ରଦୀପ୍ତ ଜେନାମଣି, ପ୍ରତାପ କେଶରୀ ନାୟକ, କାହ୍ନୁ ଚରଣ ପାତ୍ର, ଦୀପ୍ତିମାନ ପୃଷ୍ଟି, ପଦ୍ମିନୀ ଦାଶ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସରପଞ୍ଚ, ସମିତି ସଭ୍ୟ, ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ। ଅନ୍ୟପକ୍ଷେ ପର୍ଯ୍ୟବ୍ୟକ୍ୟକ ସୁଧାଂଶୁ ମିଶ୍ର ସଭା କାର୍ଯ୍ୟ ତୁଲାଇଥିଲେ।

# ଅଙ୍ଗନବାଡ଼ିରେ ଅକ୍ଷୟ ତୃତୀୟା

ଯାଁଳା,୧୦।୫(ସମିସ): ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ଉତ୍ତର ମୁଣ୍ଡମୁହାଣ ଅଙ୍ଗନବାଡ଼ି କେନ୍ଦ୍ରରେ ଅକ୍ଷୟ ତୃତୀୟା ଦିବସ ପାଳିତ ହୋଇଯାଇଛି। ଏଥିରେ ୫୦ ଜଣ କିଶୋରୀ, ୧୦ ଜଣ ଅଙ୍ଗନବାଡ଼ି କର୍ମୀ, ଆଶା ଓ ସହାୟିକାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସିଡିପିଓ ସଞ୍ଜୁଲତା ନାଏକ ଯୋଗଦେଇ ଅକ୍ଷୟ ତୃତୀୟା ବିଷୟରେ କିଶୋରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ପ୍ରୋଗ୍ରାମ ଅଫିସର ଗୁରୁବାରି ସିଂ, ସୁପରଭାଇଜର ମନୋରମା




ମିଶ୍ର କିଶୋରୀମାନଙ୍କୁ ଉକ୍ତ କାର୍ଯ୍ୟକ୍ରମ ଉପରେ ମନ୍ତବ୍ୟ ରଖିଥିଲେ। ବାଲ୍ୟ ବିବାହ ଉପରେ କିଶୋରୀମାନେ ନାଚ ଗୀତ ଆୟୋଜନ କରିବା ସହିତ ସପଥ ପାଠ କରିଥିଲେ।

# କାକରୁଦ୍ରପୁର ପତିତପାବନ ଦେବଙ୍କ ରଥକାଠ ଅନୁକୂଳ

ବାଲିଅନ୍ତା,୧୦।୫(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁକ୍ରବାର ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ସ୍ଥିତ ପତିତପାବନ ଦେବଙ୍କ ରଥଯାତ୍ରା ନେଇ କାଠ ଅନୁକୂଳ ପରମ୍ପରା ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟା ୩୦ ମିନିଟ ସମୟରେ ବନଯାଗ ନୀତି ସରିବା ପରେ ନୃସିଂହ ନାଥଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ରଥର ପ୍ରମୁଖ ଅଂଶ ତୁମ୍ବ ନିର୍ମାଣ ନେଇ ଆମ୍ବ କାଠ ଅନୁକୂଳ ହୋଇଥିଲା। ମୁଖ୍ୟ କାରିଗର ସୁରେନ୍ଦ୍ର ମହାରଣା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଟ୍ରଷ୍ଟି ନିରଞ୍ଜନ ମଙ୍ଗରାଜ, ପୂର୍ବତନ ସରପଞ୍ଚ ବିଜୟ ଚାନ୍ଦ, ପ୍ରସନ୍ନ ବରାଳ, କାଳନ୍ଦୀ ପରିଡ଼ା, ମାଗୁଣି ପ୍ରଧାନ, ପ୍ରଫୁଲ୍ଲ ସାହୁ, ପ୍ରଫୁଲ୍ଲ ବରାଳ, ଶରତ ସାହୁ ଏବଂ ଭାସ୍କର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବିନୋଦ ମହାରଣାଙ୍କୁ 'ଦୀନନାଥ ପାଠୀ କଳା ସମ୍ମାନ'

- ପଦ୍ମଭୂଷଣ ସୀତାକାନ୍ତ ମହାପାତ୍ରଙ୍କୁ ସ୍ମାରକୀ ବକ୍ତୃତା ସମ୍ମାନ

ଭୁବନେଶ୍ୱର, ୧୦।୫(ସମିସ): ଭାରତୀୟ ବିଦ୍ୟା ଭବନ ପରିସରରେ କେତକୀ ଫାଉଣ୍ଡେସନ୍ ପକ୍ଷରୁ ପୁରୀର ବିନୋଦ ମହାରଣାଙ୍କୁ 'ଚତୁର୍ଥ ଦୀନନାଥ ପାଠୀ କଳା ସମ୍ମାନ' ଓ କବି ପଦ୍ମ ଭୂଷଣ ସୀତାକାନ୍ତ ମହାପାତ୍ର 'ଦ୍ୱିତୀୟ ଦୀନନାଥ ପାଠୀ ସ୍ମାରକୀ ବକ୍ତୃତା' ପ୍ରଦାନ କରାଯାଇଛି। ଦୀନନାଥ ପାଠୀଙ୍କ ଉଦ୍ୟମରେ ଭୁବନେଶ୍ୱରରେ ସ୍ଥାପିତ ପ୍ରମୁଖ କଳା ଶିକ୍ଷାନୁଷ୍ଠାନ ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ସେ ଥିଲେ ପ୍ରତିଷ୍ଠାତା ଅଧକ୍ଷ। ଏହି ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡାଙ୍କର ନୃତ୍ୟବାର୍ତ୍ତା ମାଧ୍ୟମରେ 'ସଖୀନାଟ ଓ ଓଡ଼ିଶୀ' ନୃତ୍ୟର ଉତ୍କର୍ଷ ଏବଂ ଦୀନନାଥଙ୍କ ଅବଦାନ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଓ ବକ୍ତା ଭାବେ କବି ସୀତାକାନ୍ତ ମହାପାତ୍ର ଓ ସମ୍ମାନିତ ଅତିଥି ବିଶିଷ୍ଟ ନୃତ୍ୟଗୁରୁ ଅରୁଣା ମହାନ୍ତି ଯୋଗ ଦେଇଥିଲେ। ଚିତ୍ରଶିଳ୍ପୀ ଓ ଟ୍ରଷ୍ଟି ରାମହରି ଜେନା ସଭାର ପୌରୋହିତ୍ୟ କରିଥିଲେ।




# ନିକୁଞ୍ଜବିହାରୀ ମଣ୍ଡପରେ ବିଜେଡି କର୍ମୀ ସମ୍ମିଳନୀ



ହଂସପାଳ,୧୦।୫(ସମିସ)

ଜୟଦେବ ନିର୍ବାଚନ ମଣ୍ଡଳୀ ସଂଗଠକ କମଳ କୁମାର ପାତ୍ର ଚନ୍ଦନଙ୍କ ଆହ୍ୱାନକ୍ରମେ ବାଲିଅନ୍ତା ପଞ୍ଚାୟତର ସାଙ୍ଗଠନିକ ସମୀକ୍ଷା ବୈଠକ ଶୁକ୍ରବାର ନିକୁଞ୍ଜବିହାରୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ପଞ୍ଚାୟତ ସଭାପତି ରବୀନ୍ଦ୍ର ରାଉତରାୟ ସଭାରେ ସଭାପତିତ୍ୱ କରିଥିଲେ ଏବଂ ସରପଞ୍ଚ କୃଷ୍ଣ କେଶବ ଆପଟ, ପୂର୍ବତନ ସରପଞ୍ଚ ରାଜକିଶୋର ରାଉତରାୟ ଏବଂ ପୂର୍ବତନ ସମିତି ସଭ୍ୟ ଦିଲୀପ କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବୈଠକରେ ଆଗାମୀ ସାଧାରଣ ନିର୍ବାଚନ ନେଇ ବିଭିନ୍ନ ରଣନୀତି ପ୍ରସ୍ତୁତ ହୋଇଥିଲା । ଦଳର ସବୁ ବର୍ଗର କର୍ମୀ ସମର୍ଥକମାନେ ସମନ୍ୱୟ ରଖି କାର୍ଯ୍ୟ ପ୍ରକ୍ରିୟା ପରିଚାଳନା ନେଇ କୁହା ଯାଇଥିଲା । ସେଠାରେ କିଭଳି ଭାବେ ସଂଗଠନକୁ ମଜଭୁତ୍ କରାଯିବ ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ବିଜୟୀ କରାଇବା ନେଇ ଅଧିକ ଜନସମର୍ଥକ ହାସଲ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଆଲୋଚନାରେ ବରିଷ୍ଠ ନେତୃବୃନ୍ଦଙ୍କ ସହ ଶତାଧିକ ବିଜୁପ୍ରେମୀ ଯୋଗଦେଇଥିଲେ।

# ବାଞ୍ଛାମଣିଙ୍କ ପୀଠରେ ବାଦୀପାଲା

ନନ୍ଦନକାନନ,୧୦।୫(ସମିସ): ଉତ୍ତର ଭୁବନେଶ୍ୱର ଟାଙ୍ଗିବନ୍ତ ଗ୍ରାମର ପ୍ରତିଷ୍ଠିତ ବାବା ବାଞ୍ଛାମଣି ଦେବଙ୍କ ପୀଠରେ ପବିତ୍ର ଅକ୍ଷୟ ତୃତୀୟାଠାରୁ ବାଦୀପାଲା ଆରମ୍ଭ ହୋଇଯାଇଛି। ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ପାଲା ପରିବେଷଣ ହେବ। ପାଲା ଗାୟକ ଜଗତସିଂହପୁର ସଭାମୂଳ ଆଞ୍ଚଳର ଗାୟକ ଶିରୋମଣି ସୁବାସ ଚନ୍ଦ୍ର ସେନାପତିଙ୍କ ସହ କଟକ ଛତିଆ ଛେଦା କଇଥ ଅଞ୍ଚଳର ଗାୟକ ତତ୍ତ୍ୱଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ ତାଙ୍କ ଦଳସହ ସନ୍ଧ୍ୟା ୭ଟାରୁ ଟାଙ୍ଗିବନ୍ତ ପାଲା ମଣ୍ଡପରେ ପାଲା ପରିବେଷଣ କରିବେ ବୋଲି ଟାଙ୍ଗିବନ୍ତ ଗ୍ରାମ୍ୟ କମିଟିର ବରିଷ୍ଠ ମୁରବୀ ରାଜକିଶୋର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ପବିତ୍ର ମୋହନ ସ୍ୱାଇଁ ପ୍ରକାଶ କରିଛନ୍ତି।

### ନିର୍ବାଚନ ଋତୁରେ ସାଇବର ଅପରାଧୀ ସକ୍ରିୟ

# ଅନ୍‌ଲାଇନ୍ ପ୍ରଚାରପତ୍ର ନାଁରେ ଠକେଇ

କଟକ/ଭୁବନେଶ୍ୱର, ୧୦।୫(ସମିସ)

ସାଇବର ଅପରାଧ ରାଜ୍ୟରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୈଷୟିକ ଜ୍ଞାନକୌଶଳର ବିକାଶ ଘଟୁଥିବା ବେଳେ ସାଇବର ଅପରାଧର ତରିକା ମଧ୍ୟ ବଦଳିବାରେ ଲାଗିଛି। ଏହି ଅପରାଧୀ ମାନେ ନୂଆ ନୂଆ ତରିକାରେ ଅପରାଧ ଘଟାଇ ଚାଲିଛନ୍ତି। ସାଇବର ଅପରାଧୀଙ୍କ ପ୍ରଲୋଭନର ଜାଲରେ ପଡ଼ି ବହୁ ଲୋକେ ପ୍ରତିଦିନ ଠକାମିର ଶିକାର ହୋଇ ଅର୍ଥ ହରାଉଛନ୍ତି। ଫେକ୍ ବା ନକଲି ମୋବାଇଲ ଆପ୍ଲିକେସନ(ଆପ୍) ଓ ନକଲି ତଥା ଅଜଣା ଲିଙ୍କ୍ ଆଦି ଜାଲ ବିଛାଇଛନ୍ତି ସାଇବର ଅପରାଧି। ବିଶେଷକରି ଏବେ ସାରା ଦେଶରେ ନିର୍ବାଚନ ଋତୁ ଚାଲିଥିବା ବେଳେ ଏହି ସାଇବର ଅପରାଧି ମାନେ ଲୁଟ ତରିକା ବଦଳାଉଥିବା ଦେଖିବାକୁ ମିଳୁଛି। ଏପରିକି ରାଜ୍ୟ ବାହାରେ ଏଭଳି ଅପରାଧ ଦୃଷ୍ଟିକୁ ଆସିବା ପରେ ଓଡ଼ିଶା ପୁଲିସ ମଧ୍ୟ ଏ ନେଇ ସାଧାରଣ ଜନତାଙ୍କୁ ସତର୍କ କରାଇଛି। ନିର୍ବାଚନ ଅବ୍ୟବହିତ ପୂର୍ବରୁ ଭୋଟର ପରିଚୟପତ୍ର ସଂଶୋଧନ ତଥା ଭୋଟର ତାଲିକାରେ ନାମ ଦରଜ ପାଇଁ ସାଇବର ଅପରାଧି ମାନେ ବିଭିନ୍ନ ପ୍ଲାଟଫର୍ମରେ ପ୍ରଚାର ପ୍ରସାର କରୁଛନ୍ତି। ଏଥିପାଇଁ ଅଜଣା ତଥା ଜାଲ୍ ଲିଙ୍କ ପଠାଉଛନ୍ତି। ଏହି ଲିଙ୍କରେ କ୍ଲିକ କରିଲେ ବିଭିନ୍ନ ତଥ୍ୟ ଦେବାକୁ କୁହାଯାଉଛି। ଏହା ଜରିଆରେ ସାଇବର ଅପରାଧି ମାନେ ବ୍ୟକ୍ତିବିଶେଷଙ୍କ ଗୋପନୀୟ ତଥ୍ୟ ହାସଲ କରି ଲୁଟ କରିବାରେ ସକ୍ଷମ ହେଉଛନ୍ତି। ସେହିପରି ବିଭିନ୍ନ ଅନଲାଇନ ପ୍ରଚାରପତ୍ର ଡିଜାଇନ କରିବା ନାଁରେ ମଧ୍ୟ ବିଭିନ୍ନ ମୋବାଇଲ ଆପ୍ଲିକେସନ ଇନଷ୍ଟଲ କରି କେତେକ ଠକେଇର ଶିକାର ହେଉଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚ ପାଇଁ ଫେକ୍ ୱେବସାଇଟ ଓ ଲିଙ୍କ୍ କିମ୍ବା ମୋବାଇଲ ଆପ୍ଲିକେସନ ଦ୍ୱାରା ଠକେଇ ଏକ ଆହ୍ୱାନ ହୋଇଛି। ପୂର୍ବରୁ ଏହି କ୍ଷେତ୍ରରେ ସରକାରୀ ସଂସ୍ଥା ଗୁଡିକର ୱେବସାଇଟର ନକଲ କରି ଲୋକଙ୍କୁ ବିଭିନ୍ନ ଉପାୟରେ ଠକେଇ କରାଯାଇଥିବାର ନଜିର ରହିଛି। ପ୍ରାୟ ୧୦ରୁ ଅଧିକ ୱେବସାଇଟକୁ ନକଲ ବା କ୍ଲୋନିଂ କରାଯାଇ ଠକେଇ ଘଟଣା ମଧ୍ୟ ଅତୀତରେ ପଦାକୁ ଆସିଛି। ହେଲେ ଏହାର ମୂଳ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ପହଞ୍ଚିବାକୁ ସକ୍ଷମ ହେଉନାହିଁ। ଅପରାଧି ମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ସେମାନଙ୍କ ଜାଲ ବିଛାଉଛନ୍ତି। ବିଭିନ୍ନ ଉଦ୍ଦେଶ୍ୟରେ ତିଆରି ହୋଇଥିବା ଏହି ନକଲି ୱେବସାଇଟ ଲିଙ୍କକୁ ନପରଖି ଲୋକେ ଅସଲି ଭାବି କ୍ଲିକ କରୁଥିବା ଦେଖାଯାଉଛି। ଓଡ଼ିଶା ସରକାର ହୁଅନ୍ତୁ ଅବା କେନ୍ଦ୍ର ସରକାରଙ୍କ ପ୍ରାୟତଃ ବିଭିନ୍ନ ବିଭାଗର ୱେବସାଇଟ ଡୋମେନ ଏନଆଇସି ଡଟ୍ ଇନ୍ କିମ୍ବା ଗଭ୍ ଇନ୍ ଥାଏ। ହେଲେ ନକଲି ୱେବସାଇଟ କ୍ଷେତ୍ରରେ ଏଥିରେ ତାଳମେଳ ରହିନଥାଏ। ନକଲି ୱେବସାଇଟ ପ୍ରସ୍ତୁତକର୍ତ୍ତା ମେସେଜ ପଠାଇ ରେଜିଷ୍ଟ୍ରେସନ ପାଇଁ ଦେଉଥିବା ଲିଙ୍କରେ କ୍ଲିକ କରିବାକୁ କହୁଛନ୍ତି।

**ଭୋଟର ପରିଚୟପତ୍ର ସଂଶୋଧନ ପାଇଁ ଆସୁଛି ଅଜଣା ଲିଙ୍କ୍**

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ତମାଣ୍ଡୋ, ୧୦।୫(ସମିସ): ଭୁବନେଶ୍ୱର ତମାଣ୍ଡୋସ୍ଥିତ ଜଗନ୍ନାଥ ମନ୍ଦିରରେ ଆରମ୍ଭ ହୋଇଥିବା ପଞ୍ଚରାତ୍ର ବିଶ୍ୱଶାନ୍ତି ମହାଯଜ୍ଞ ସମାପ୍ତ ହୋଇଛି। ତମାଣ୍ଡୋ ଜଗନ୍ନାଥ ମନ୍ଦିରରେ ପ୍ରତ୍ୟକ ଦିନ ସକାଳ ୬ ଘଟିକାରୁ ଜଗନ୍ନାଥ କୀର୍ତ୍ତନ, ସ୍କନ୍ଧ ପୁରାଣ ଓ ଗାଁ ପରିକ୍ରମା ଯାତ୍ରା ଅନୁଷ୍ଠିତ ହେଉଥିଲା। ଏବଂ ସନ୍ଧ୍ୟା ସମୟରେ ଭାଗବତ ପାଠ ଓ ପୁରାଣ ବାଖ୍ୟା ହେଉଥିଲା। ଶ୍ରୀ ଶ୍ରୀ ଜଗନ୍ନାଥ ପରିଚାଳନା କମିଟି, ତମାଣ୍ଡୋ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମ ୨୦୧୩ ମସିହାରୁ ହେଇଆସୁଛି।

# ଜାତୀୟ ଧାନ ଗବେଷଣା କେନ୍ଦ୍ରରେ ଅକ୍ଷୟ ତୃତୀୟା

କଟକ, ୧୦।୫(ସମିସ): କଟକ ସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନରେ ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ କ୍ଷେତ୍ରର ମାଟିରେ ପବିତ୍ର ଧାନ ବିହନ ବୁଣି ମୁଠି ଅନୁକୂଳ କଲେ। ରୀତିନୀତି ପାଳନ କରାଯାଉଥିବା ଦେଖିବା ଏକ ହୃଦୟସ୍ପର୍ଶୀ କଥା। ଅନୁଷ୍ଠାନର ବିଭିନ୍ନ ବିଭାଗର ମୁଖ୍ୟ, ଅନ୍ୟ କର୍ମଚାରୀ ବୃନ୍ଦ ସମସ୍ତେ ଏହି ଶୁଭ କୃଷି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସକାଳ THE SAKALA



www.sakalaepaper.com

# ଆଉ ୫ ଦିନ କାଳବୈଶାଖୀ

ଭୁବନେଶ୍ୱର, ୧୦।୫(ସମିସ): ପ୍ରଚଣ୍ଡ ତାତିରେ ଲାଗିଛି ବିରାମ। ୫ ଦିନ ଯାଏ କାଳବୈଶାଖୀ ପ୍ରଭାବରେ ସପ୍ତାହେ ପର୍ଯ୍ୟନ୍ତ ତାତିରେ ଲଗାମ ଲାଗିବ। ମାତ୍ର ୧୭ ତାରିଖରୁ ରାଜ୍ୟକୁ ପୁଣି ଫେରିବ ତାତି। ଗ୍ରୀଷ୍ମ ଲହରୀରେ ପୁଣି ଅସ୍ତବ୍ୟସ୍ତ ହେବ ଅଧା ଓଡ଼ିଶା। ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆସନ୍ତା ମେ' ୧୭ ତାରିଖରୁ ରାଜ୍ୟରେ ପୁଣିଥରେ ତାପମାତ୍ରା ବୃଦ୍ଧି ହେବ ଏବଂ ଏହି ପ୍ରକୋପ ୨୩ ତାରିଖ ପର୍ଯ୍ୟନ୍ତ ରହିବ। ଏପରିକି ଏହି ସମୟରେ ଦିନର ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇବ। ଏହାଦ୍ୱାରା ପୁଣିଥରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ସ୍ଥିତି ଉପୁଜିବ। ବର୍ତ୍ତମାନ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ଜାରି ରହିବା କାରଣରୁ ତାପମାତ୍ରା ହ୍ରାସ ପାଇଛି। ବିଶେଷକରି ଉପକୂଳ ଓଡ଼ିଶାରେ ଲଗାତାର କାଳବୈଶାଖୀ ଜନିତ ବର୍ଷା ଓ ପବନ ଲୋକଙ୍କୁ ଗରମରୁ ଆଶ୍ୱସ୍ତି ଦେଇଛି। ଅନ୍ୟପଟେ ଏହି ସ୍ଥିତି ପ୍ରାୟ ୫ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ଉପକୂଳ ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଆଭ୍ୟନ୍ତରୀଣ ଜିଲ୍ଲାର କେତେକ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**
*Name of Election : **GENERAL ELECTIONS TO THE STATE LAGISLATIVE ASSEMBLY OF ODISHA -2024**
Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 109-SATYABADI Assembly Constituency | SHRI SANJAY KUMAR DAS BURMA | ASJ-cum-Special Court Bhubaneswar; GR 312/2001 | U/s-143/149/341 of IPC & 174 of Rly Act. Unlawful assembly/unlawful assembly-committed in persecution of common object/wrongful restraint & obstruction of running train. | NA | NA | NA |

*In the case of election of Council of States or election to legislative Council by MLAs, mention the election concerned in place of constituency.

Sd/-
**(Dr. SASMIT PATRA)**
**General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.



**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**
*Name of Election : **GENERAL ELECTIONS TO THE STATE LEGISLATIVE ASSEMBLY OF ODISHA -2024**
Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Descriptionn of offence(s) & Punishment imposed | Maximum Punishment Imposed. |
| 1 | 117-Khurda Assembly Constituency | SHRI RAJENDRA KUMAR SAHOO | (i) JMFC (MP & MLAs) Special Court, BBSR, GR No. 321/2005 For trial | (I) U/s 341/353/294 of IPC; For Wrongful restrain/For Assault or criminal force on public servant/For Obscene Act or Song. | NA | NA | NA |

*In the case of election of Council of States or election to legislative Council by MLAs, mention the election concerned in place of constituency.

Sd/-
**(Dr. SASMIT PATRA)**
**General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.



**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**
*Name of Election : **GENERAL ELECTIONS TO THE STATE LAGISLATIVE ASSEMBLY OF ODISHA -2024**
Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 17-SAMBALPUR Assembly Constituency | SHRI ROHIT PUJARI | i. JMFC-1(CT), Sambalpur; GR No. 1025/2013; For Appearance<br>ii. JMFC-1(CT), Sambalpur; GR No. 2333/2013; For Appearance<br>iii. SDJM, Sambalpur, CT No-1013/2010; For Appearance<br>iv. SDJM, Sambalpur, GR No. 1944/2013; For Appearance<br>v. SDJM, Sambalpur; GR No. 771/2013; For Trail | i.U/s 341/283 of IPC; whoever wrongfully restrains any person, Causing danger, obstruction, or injury in any public way on line of navigation.<br>ii. U/s-147,447/427/149 of IPC; committing rioting, commits criminal trespass, commits mischief thereby causing loss or damage to amount of fifty rupees.<br>iii.U/s-143/341/149 of IPC; Unlawful Assembly, wrongfully restrains any person, every member of unlawful assembly guilty of offence committed in provocation of common object.<br>iv. U/s-143/341/283/149/147 Rly Act. 174; Unlawful Assembly, wrongfully restrains any person, causing danger, obstruction or injury in any public way on line of navigation, every member of unlawful assembly guilty of offence committed in provocation of common object, If any person enter upon any part of Rly without lawful Authority, Obstructed any train.<br>v. U/s-143/341/283/149/147 Rly Act. 174; Unlawful Assembly, wrongfully restrains any person, causing danger, obstruction or injury in any public way on line of navigation, every member of unlawful assembly guilty of offence committed in provocation of common object, If any person enter upon any part of Rly without lawful Authority, Obstructed any train. | NA | NA | NA |

*In the case of election of Council of States or election to legislative Council by MLAs, mention the election concerned in place of constituency.

Sd/-
**(Dr. SASMIT PATRA)**
**General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.



**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

| 1 | 108- BRAHMAGIRI Assembly Constituency | SHRI UMAKANTA SAMANTRAY | **(i) SDJM Court, Puri GR No. 1163/2012 For trial (ii) SDJM Court, BBSR GR No. 230/2003 for trial (iii) SDJM Court, Puri GR No.269/2020 For trial (iv) SDJM Court, Puri GR No.90/2019 For trial** | **(i) U/s 143/341/294/ 431/ 149 of IPC; For being member of an unlawful assembly/wrongful restraining any person/mischief by injury to public road, bridge, navigable river, or navigable channel, and rendering it impassable or less safe for travelling or conveying property/ unlawful assembly committed in prosecution of common object. (ii) U/s- 147/452/323/294/506/ 149 IPC: An unlawful assembly/ unlawful assembly committed in prosecution of common object/ Criminal intimidation/ Voluntary causing hurt. (iii) U/s- 3 EPIDEMIC DISEASES ACT – 1897. Committing an act of violence against a health care service personnel. (iv) U/s – 143/452/294/506/323/ 353/427/186/149 IPC: An unlawful assembly/ unlawful assembly committed in prosecution of common object/ Criminal intimidation/ Assault or huge of criminal force to deter a public servant from discharge of his duty/ Voluntary causing hurt.** | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Dr. SASMIT PATRA)**
**General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

## ବିଜେପି ପ୍ରାର୍ଥୀଙ୍କ ରାଲିରେ ସରକାରୀ କର୍ମଚାରୀ / କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି



ଭୁବନେଶ୍ୱର, ୧୦।୫ (ସମିସ): କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ବୋକୋଡ଼ା ପଞ୍ଚାୟତର କୃଷି ମିତ୍ର ହେମନ୍ତ କୁମାର ବେହେରାଙ୍କ ବିରୋଧରେ ଆସିଛି ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗ। ଜଣେ ସରକାରୀ କର୍ମଚାରୀ ହୋଇ ସୁଦ୍ଧା ଶ୍ରୀ ବେହେରା ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଦାବି କରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛି ବିଜେଡି। ଦଳ ପକ୍ଷରୁ କୁହାଯାଇଛି ଯେ ବଡ଼ମ୍ବା ବିଜେପି ବିଧାନସଭା ପ୍ରାର୍ଥୀ ସମ୍ବିତ ତ୍ରିପାଠୀ ନାମାଙ୍କନ ଦାଖଲ ପାଇଁ ଯାଇଥିଲେ। ବିଜେପି ପ୍ରାର୍ଥୀଙ୍କ ରାଲିରେ ଶ୍ରୀ ବେହେରା ସାମିଲ ହୋଇଥିଲେ। ନିର୍ବାଚନୀ ସଭା ସମିତି, ରାଲିରେ ସାମିଲ ନ ହେବା ପାଇଁ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। କିନ୍ତୁ ଶ୍ରୀ ବେହେରା ଏହି ନିର୍ଦ୍ଦେଶର ଖୋଲାଖୋଲି ଉଲ୍ଲଙ୍ଘନ କରିଛନ୍ତି। ରାଜ୍ୟରେ ସ୍ୱଚ୍ଛ ଏବଂ ଅବାଧ ନିର୍ବାଚନ ପରିଚାଳନାରେ ତାଙ୍କର ଏତାଦୃଶ୍ୟ କାର୍ଯ୍ୟ ବିପରୀତ ପ୍ରଭାବ ପକାଇବ। ତେଣୁ ଶ୍ରୀ ବେହେରାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ସ୍ୱୟମ୍ ପ୍ରକାଶ ମହାପାତ୍ର, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ଡ. ପ୍ରିୟବ୍ରତ ମାଝୀ, ଓମ୍ ପ୍ରକାଶ ସାହୁ, ସୋଫିଆ ଆଲାମ, ଅପୂର୍ବା ଅପରୂପା ପ୍ରମୁଖ ସାମିଲ ହୋଇଥିଲେ।

## ସଶକ୍ତ ହେଉଛି ସୂଚନା ଅଧିକାର ଆଇନ / ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସରେ ଓଡ଼ିଶା ଦେଶରେ ପ୍ରଥମ

ଭୁବନେଶ୍ୱର, ୧୦।୫ (ସମିସ): ସୂଚନା ଅଧିକାର ଆଇନ କାର୍ଯ୍ୟାନ୍ୱୟନରେ ବଡ଼ ସଫଳତା ପାଇଛି ଓଡ଼ିଶା। ଦାୟିତ୍ୱରେ ଅବହେଳା କରୁଥିବା ସୂଚନା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିସ କରିବାରେ ଓଡ଼ିଶା ସୂଚନା ଆୟୋଗ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କ୍ଷତିପୂରଣ ପ୍ରଦାନ କରିବାରେ ଦ୍ୱିତୀୟ ଏବଂ ଜରିମାନା ଲାଗୁ କରିବାରେ ୪ର୍ଥ ସ୍ଥାନରେ ରହିଛନ୍ତି ଓଡ଼ିଶା ସୂଚନା ଆୟୋଗ। ନୂଆଦିଲ୍ଲୀରେ ସତର୍କ ନାଗରିକ ସଂଗଠନ ପକ୍ଷରୁ ଜାରି ହୋଇଥିବା ସୂଚନା ଆୟୋଗ ରିପୋର୍ଟ କାର୍ଡରେ ଏହା ଦର୍ଶାଯାଇଛି। ଜୁଲାଇ ୨୦୨୨ରୁ ଜୁନ୍ ୨୦୨୩ ମଧ୍ୟରେ ଦେଶରେ ଥିବା ୨୯ଟି ସୂଚନା ଆୟୋଗର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

ରିପୋର୍ଟ ଅନୁସାରେ, ୨୦୨୨ ଜୁଲାଇ ୧ରୁ ଜୁନ୍ ୩୦, ୨୦୨୩ ମଧ୍ୟରେ ଓଡ଼ିଶା ସୂଚନା ଆୟୋଗ ସମୁଦାୟ ୫୬୯୭ଟି ଅପିଲ, ଅଭିଯୋଗ ପାଇଥିଲେ। ସେଥିମଧ୍ୟରୁ ଏବଂ ପୁରୁଣା ମାମଲା ମିଶାଇ ସମୁଦାୟ ୬୩୭୯ର ସମାଧାନ ହୋଇଛି। ମାମଲା ସମାଧାନ କରିବାରେ ଓଡ଼ିଶା ସୂଚନା ଆୟୋଗ ଦେଶରେ ତ୍ରୟୋଦଶ ସ୍ଥାନରେ ଅଛନ୍ତି। ପ୍ରତି ଆୟୋଗ ବର୍ଷକୁ ହାରାହାରି ୧୧୯୬ଟି ମାମଲାର ଫଇସଲା କରୁଛନ୍ତି। ବର୍ଷକ ମଧ୍ୟରେ ରାଜ୍ୟ ସୂଚନା ଆୟୋଗ ୪୧୯ଟି ମାମଲାର ବିଚାର କରି ମୋଟ ୫୨,୦୧,୦୦୦ ଟଙ୍କା ଜରିମାନା ଲାଗୁ କରିଛନ୍ତି। ଜରିମାନା ଲାଗୁ କରିବାରେ ଓଡ଼ିଶା ୪ର୍ଥ ସ୍ଥାନରେ ଥିବା ବେଳେ ଏହା ପଛକୁ ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼ ଅଛନ୍ତି। ଉପରୋକ୍ତ ଅବଧି ମଧ୍ୟରେ ରାଜ୍ୟ ସୂଚନା ଆୟୋଗ ୫୮୧ଟି ମାମଲାର ବିଚାର କରି ଦୋଷୀ ଅଧିକାରୀଙ୍କ ବିରୋଧରେ ସର୍ବାଧିକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛନ୍ତି। ସେହିପରି ଆୟୋଗ ୩୮ଟି ମାମଲାରେ ୬, ୭୫, ୦୦୦ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇ ଦେଶରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଉପରୋକ୍ତ ଅବଧି ମଧ୍ୟରେ ଓଡ଼ିଶା ସୂଚନା ଆୟୋଗଙ୍କ ନିକଟରେ ୧୯,୮୩୨ ମାମଲା ବିଚାରାଧୀନ ଥିବା ବେଳେ ମାମଲା ବିଚାରରେ ଉଲ୍ଲେଖନୀୟ ପ୍ରଦର୍ଶନସ୍ୱରୂପ ବର୍ଷକ ମଧ୍ୟରେ ତାହା ୧୬,୭୦୩କୁ ଖସି ଆସିଥିଲା।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : BIJU JANATA DAL
*Name of Election : GENERAL ELECTIONS TO THE STATE LAGISLATIVE ASSEMBLY OF ODISHA -2024
Name of State : ODISHA

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 60-TALCHER Assembly Constituency | SHRI BRAJA KISHORE PRADHAN | i. JMFC, LR & LTV, Angul; GR No-664/2006; Trail<br>ii. JMFC, LR & LTV, Angul; GR No-151/2006; Trail<br>iii. JMFC, LR & LTV, Angul; GR No-578/2007; Trail<br>iv. JMFC, LR & LTV, Angul; GR No-867/2007; Trail<br>v. JMFC, LR & LTV, Angul; GR No-579/2007; Trail<br>vi. JMFC, LR & LTV, Angul; GR No-454/2007; Trail<br>vii. JMFC, LR & LTV, Angul; GR No-1001/2007; Trail<br>viii. JMFC, LR & LTV, Angul; GR No-971/2011; Trail<br>ix. JMFC, LR & LTV, AnguL; GR No. 1001/2012; Appearance<br>x. JMFC, LR & LTV, Angul; GR No. 945/2012; Trail<br>xi. JMFC, LR & LTV, Angul; GR No. 1161/2012; Appearance<br>xii. JMFC (Cog.Taking) Talcher; GR No-2030/2022;<br>xiii. JMFC (Cog.Taking) Talcher; GR No-2526/2022;<br>xiv. JMFC (Cog.Taking) Talcher; GR No-2527/2022;<br>xv. SDJM Talcher; GR No-2045/2022;<br>xvi. SDJM Talcher; GR | i. U/s-448/294 of IPC; House trespass/obscene act & songs<br>ii. U/s-143/341/283/354/506/149 of IPC; Unlawful assembly/ wrongful restraint/ danger or obstruction in public way or line of navigation/assault or criminal force to women with intent to outrage her modesty/criminal intimidation/unlawful assembly-committed in prosecution of common object.<br>iii. U/s-147/447/283/341/294/506/149 of IPC; Rioting/criminal trespass/danger or obstruction in public way or line of navigation/ wrongful restrain/obscene act & songs/criminal intimidation/ unlawful assembly-committed in prosecution of common object.<br>iv. U/s-341/148/283/149 of IPC; wrongful restraint/rioting armed with deadly weapon/danger or obstruction in public way or line of navigation/unlawful assembly-committed in prosecution of common object.<br>v. U/s-147/148/353/426/148 of IPC; Rioting/rioting armed with deadly weapon/deterring public servant from his duty/mischief<br>vi. U/s-147/341/283/294/506/149 of IPC & 7 CRL Act; Rioting/ wrongful restraint/danger or obstruction in public way or line of navigation/obscene act & songs/criminal intimidation/ unlawful assembly -offence committed in prosecution of common object & molesting a person to prejudice of employment or business.<br>vii. U/s-147/341/283/149 of IPC; Rioting/ wrongful restraint/ danger or obstruction in public way or line of navigation/ unlawful assembly -offence committed in prosecution of common object.<br>viii. U/s-147/294/448/506/149 of IPC; Rioting/obscene act & songs/ house trespass/criminal intimidation/unlawful assembly -offence committed in prosecution of common object.<br>ix. U/s- 143/294/506/183/149 of IPC; unlawful assembly/obscene act & songs/criminal intimidation /resistance to the taking of property by the lawful authority of a public servant/unlawful assembly -offence committed in prosecution of common object.<br>x. U/s-147/294/448/506/149 of IPC; Rioting/obscene act & songs/ house trespass/criminal intimidation/unlawful assembly -offence committed in prosecution of common object.<br>xi. U/s-143/283/506/149 of IPC 7 Criminal Law Amendment Act.; Unlawful assembly/danger or obstruction in public way or line of navigation/ criminal intimidation/ unlawful assembly -offence committed in prosecution of common object. | NA | NA | NA |
| | | | No-1457/2019<br>xvii. JMFC, LR & LTV, Angul; GR No-1165/2013; Appearance<br>xviii. JMFC, LR & LTV, Angul; GR No-209/2014; Trail<br>xix. JMFC, LR & LTV, Angul; GR No-1391/2019; Trail<br>xx. JMFC, LR & LTV, Angul; GR No-1392/2019; Trail<br>xxi. JMFC, LR & LTV, Angul; GR No-207/2014; Trail<br>xxii. 3rd A.D.J.-cum-Special Court (MP & MLA) Bhubaneswar; CT (S) 99/ 2015; Trail | xii. U/s-341/294/323/387/427/109/506/34 of IPC; wrongful restraint/obscene act & songs/causing voluntarily hurt/grievous hurt in order to commit extortion/commit to mischief thereby causing loss or damage to amount of 50 rupees/abetment of any offence/criminal intimidation/ common intention.<br>xiii. U/s-120(B)/341/294/447/506 of IPC; Criminal conspiracy/ wrongful restraint/obscene act & songs/commit to criminal trespass/criminal intimidation.<br>xiv. U/s120(B)/447/294/336/506 of IPC; Criminal conspiracy/ commit to trespass/obscene act & songs/doing any act which endangers human life or the personal safety of others/ criminal intimidation.<br>xv. U/s-341/294/186/353/355/506/34 of IPC; wrongful restrain/ obscene act & songs/ obstruction public servant in discharge of public functions/assault or criminal force to deter public servant from his duty/intent to dishonour/criminal intimidation/ common intention.<br>xvi. U/s-143/147/447/294/341/186/506/149 of IPC; Unlawful assembly/rioting/criminal trespass/ obscene act & songs/ wrongful restraint/assault or criminal force to deter public servant from his duty/criminal intimidation/unlawful assembly-committed in prosecution of common object.<br>xvii. U/s-143/147/183/506/149 of IPC; Unlawful assembly/rioting/ resistance to the taking of property by the lawful authority of a public servant/criminal intimidation/unlawful assembly-committed in prosecution of common object.<br>xviii. U/s-341/447/427/34 of IPC; Wrongful restraint/ criminal trespass/mischief causing damage to the amount rupees fifty/common intention.<br>xix. U/s-120(B)/143/147/341/294 of IPC; Criminal conspiracy/ unlawful assembly/rioting/ wrongful restraint/obscene act & songs.<br>xx. U/s-120(B)/143/147/341/294/427/168/283/506/149 of IPC; Criminal conspiracy/ unlawful assembly/rioting/ wrongful restraint/obscene act & songs/ mischief causing damage to amount of rupees fifty/public servant unlawfully engaging in trade/danger or obstruction in public way or line of navigation/ criminal intimidation/ unlawful assembly-committed in persecution of common object.<br>xxi. U/s-447/427/341/34 of IPC; Criminal trespass/mischief causing damage to amount of rupees fifty/wrongful restrain/common intention.<br>xxii. U/s-147/148/323/307/447/149 of IPC; Rioting/rioting armed with deadly weapon/voluntarily causing hurt/attempt to murder/ criminal trespass/unlawful assembly-committed in persecution of common object. | | | |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Dr. SASMIT PATRA)**
**General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୨ ● ପାଉଣ୍ଡ ୧୦୪.୦୮
- ୟୁରୋ ୯୦.୦୨ ● ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୦୦୦ (ଭୁବନେଶ୍ୱର)
- ରୁପା : ୮୬,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୬୬୪.୦୦
- ନିଫ୍ଟି ୨୨,୦୫୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ଅକ୍ଷୟ ତୃତୀୟା

# ୧୧୦ କୋଟିର ସୁନା କାରବାର





ଭୁବନେଶ୍ୱର,୧୦ା୫(ସମିସ)

ଆଜି ଦିନ ଥିଲା ସୁଖ ଆଉ ସମୃଦ୍ଧିର ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନରେ କୌଣସି ଧାତବ ଜିନିଷ କିଣିବାକୁ ଓଡ଼ିଆ ଘରେ ମଙ୍ଗଳମୟ ବିବେଚନା କରାଯାଏ। ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି ବୋଲି ସମସ୍ତଙ୍କର ଏକ ଧାରଣା ରହିଛି। ଏଥିପାଇଁ ରାଜଧାନୀ ସମେତ ରାଜ୍ୟର ସମସ୍ତ ପ୍ରମୁଖ ସହରର ସୁନା ଗହଣା ଦୋକାନରେ ଆଜି ଦେଖିବାକୁ ମିଳିଥିଲା ପ୍ରବଳ ଭିଡ଼। ସୁନା ଓ ରୁପାର ଉଚ୍ଚ ଦର ସତ୍ତ୍ୱେ ଅକ୍ଷୟ ତୃତୀୟା ଭଳି ଶୁଭ ଦିନରେ ସୁନା କିଣିବାକୁ ଗ୍ରାହକଙ୍କ ମଧ୍ୟରେ ବେଶ ଆଗ୍ରହ ଦେଖିବାକୁ ମିଳିଛି। ଏହାଛଡା ରାଜଧାନୀରେ ଚାଲିଥିବା ପ୍ରଧାନମନ୍ତ୍ରୀଙ୍କର ନିର୍ବାଚନୀ ରୋଡ୍ ଶୋ' ଜନିତ କଟକଣା ଦିନବେଳା ଗ୍ରାହକଙ୍କ ସୁନା କିଣା ଆବେଗକୁ ଅଟକାଇପାରି ନ ଥିଲା। ଯାହାଫଳରେ ସକାଳଠାରୁ ଦିନ ଦ୍ୱିପ୍ରହର ଯାଏ ଗହଣା ଶୋ' ରୁମ୍‌ଗୁଡିକରେ ଗ୍ରାହକଙ୍କ ଖଚାଖଚ୍ ଭିଡ଼ ପରିଲକ୍ଷିତ ହୋଇଥିଲା। ତଥାପି ଏଥର ଅକ୍ଷୟ ତୃତୀୟାରେ ରାଜଧାନୀରେ ପାଖାପାଖି ୧୧୦ କୋଟି ଟଙ୍କାର ସୁନା ବିକ୍ରି ହୋଇଛି। ରୁପା ମୂଲ୍ୟ ମଧ ଗତବର୍ଷ ତୁଳନାରେ ଢ଼େର ଉପରେ ରହିଛି। ଅପରପକ୍ଷେ ଅକ୍ଷୟ ତୃତୀୟାରେ ଦେଶରେ ୨୫,୦୦୦ କୋଟିରୁ ଅଧିକ ଟଙ୍କାର ସୁନା କାରବାର ହୋଇଥିବା ଜଣାଯାଇଛି।

ଚଳିତବର୍ଷ ଅକ୍ଷୟ ତୃତୀୟାରେ ରେକର୍ଡ ସ୍ତରରେ ରହିଛି ସୁନା ଦର। ଏଥର ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ମୂଲ୍ୟ ୬୭,୦୦୦ ଟଙ୍କା ରହିଥିବାବେଳେ ୨୪ କ୍ୟାରେଟ୍ ୭୪,୧୦୦ ଟଙ୍କା ରହିଛି। ସେହିପରି ରୁପା କିଲୋ ଗ୍ରାମ ପିଛା ୮୬,୦୦୦ ଟଙ୍କାରେ ବିକ୍ରି ହେଉଛି। ଚଳିତଥର ସୁନା ଦର ଗତ ବର୍ଷର ଅକ୍ଷୟ ତୃତୀୟା ତୁଳନାରେ ପ୍ରାୟ ୧୦ ହଜାର ଟଙ୍କାରୁ ଅଧିକ ରହିଛି। ସେହିପରି ରୁପା ମୂଲ୍ୟ କିଲୋ ପିଛା ପୂର୍ବବର୍ଷର ଏହି ସମୟ ତୁଳନାରେ ପ୍ରାୟ ୨୦,୦୦୦ ଟଙ୍କାରୁ ଅଧିକ ରହିଛି। ତଥାପି ଏହି ଦୁଇ ଧାତୁ ଉପରୁ ଲୋକଙ୍କ ମୋହ ତୁଟିନି। କାରଣ ଲୋକେ ଜାଣିଛନ୍ତି ଯେ, ସୁନା ସେମାନଙ୍କୁ ଭଲ ରିଟର୍ଣ୍ଣ ଦେବ। ବର୍ଷକୁ ବର୍ଷ ଏହି ଧାତୁ ନିବେଶକଙ୍କୁ ୨୦%ରୁ ଅଧିକ ରିଟର୍ଣ୍ଣ ଦେଇଚାଲିଥିବାବେଳେ ଦରକୁ ଖାତିର ନ କରି ଅକ୍ଷୟ ତୃତୀୟା ଅଫରର ଭରପୁର ଲାଭ ଉଠାଉଛନ୍ତି ଗ୍ରାହକ। ଲୋକଙ୍କ ଚାହିଦାକୁ ଦେଖି ଶୋ ରୁମ୍‌ଗୁଡିକ ମଧ ଚଳଚଞ୍ଚଳ ହୋଇପଡ଼ିଛନ୍ତି। ଜନପଥରେ କଟକଣାକୁ ନଜରରେ ରଖି ଆଜି ଗହଣା ଶୋ' ରୁମ୍‌ଗୁଡିକ ସକାଳ ୮ଟାଠାରୁ ଖୋଲିଥିଲା। ଏହାଛଡା ଶୋ' ରୁମ୍‌ଗୁଡିକ ଗ୍ରାହକଙ୍କୁ ଟାଣିବା ଲାଗି ବିଭିନ୍ନ ପ୍ରକାର ମନଲୋଭା ଅଫର ଦେଉଛନ୍ତି। ସୁନା, ରୁପାର ଗଢ଼ା ମୂଲ୍ୟ ଏବଂ ହୀରା ମୂଲ୍ୟ ଉପରେ ସ୍ୱତନ୍ତ୍ର ଅଫର ରହିଛି। ଉଚ୍ଚ ଦର ଯୋଗୁ ଗ୍ରାହକମାନେ ହାଲୁକା ଗହଣା ସମ୍ଭାର ପ୍ରତି ବେଶୀ ଆକୃଷ୍ଟ ହୋଇଛନ୍ତି। ଏଥର ଆଗୁଆ ବୁକ୍ କରିଥିବା ଗ୍ରାହକଙ୍କୁ ନଜରରେ ରଖି ସ୍ୱତନ୍ତ୍ର କାଉଣ୍ଟର ଯୋଡ଼ାଯାଇଥିଲା। ଜନପଥ ବ୍ୟତୀତ ରାଜଧାନୀର ଚନ୍ଦ୍ରଶେଖରପୁର ,ଜାଗମରା ଏବଂ ଅନ୍ୟ ଅଞ୍ଚଳଗୁଡିକରେ ସୁନା କାରବାର ବେଶ ଜମିଥିଲା। କାରଣ ଜନପଥରେ ସନ୍ଧ୍ୟାରେ ଦୋକାନ ବନ୍ଦ ଥିବାରୁ ଗ୍ରାହକମାନେ ଏସବୁ ଅଞ୍ଚଳରେ ଅଧିକ ଭିଡ଼ ଜମାଇଥିଲେ। କେବଳ ରାଜଧାନୀ ଭୁବନେଶ୍ୱର କାହିଁକି ରାଜ୍ୟର କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଅନୁଗୋଳ ଏବଂ ବାଲେଶ୍ୱର ଆଦି ସହରରେ ସୁନା କାରବାର ବେଶ ଜମିଥିଲା।

ଅପରପକ୍ଷେ କ୍ଷେତ୍ର ସହ ଜଡିତ ବିଶେଷଜ୍ଞଙ୍କ ମତରେ ଏଥର ଅକ୍ଷୟ ତୃତୀୟାରେ ଦେଢ଼ କୁଇଣ୍ଟାଲରୁ ଅଧିକ ଅର୍ଥାତ୍ ୧୧୦ କୋଟି ଟଙ୍କା ମୂଲ୍ୟର ସୁନା ଗହଣା ବିକ୍ରି ହୋଇଥିବା ଜଣାଯାଇଛି। ଏସବୁବ୍ୟତୀତ ଆଜିର ଦିନରେ ଅନେକ ଲୋକ ଶୋ' ରୁମ୍‌ରେ ସୁନା କଏନ୍, ରୁପାର ଉପହାର ସହ ଫ୍ୟାଶନ୍ ଜୁଏଲେରୀ କିଣୁଥିବାର ଦେଖିବାକୁ ମିଳିଛି। ଏ ସମ୍ପର୍କରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କର ରୋଡ୍ ଶୋ' କଟକଣା ପାଇଁ ଚଳିତଥର ଅକ୍ଷୟ ତୃତୀୟାରେ ଆମେ ସକାଳ ୮ଟାରୁ କାବରାର ଆରମ୍ଭ କରିଥିଲ ।।ଭଲ କାରବାର ଆଶା ରହିଛି। ସୁନା ଦର ବୃଦ୍ଧି ସତ୍ତ୍ୱେ ଚାରି ଦିନ କାରବାର ଭଲ ହୋଇଛି। ଗୁରୁବାର ବି ସୋ'ରୁମରେ ଭିଡ଼ ରହିଥିଲା। ଅକ୍ଷୟ ତୃତୀୟାରେ ସୋ'ରୁମ ସକାଳ ୮ରୁ ଖୋଲିଥିଲା। ଏ ସମ୍ପର୍କରେ ଚନ୍ଦ୍ରଶେଖରପୁର ଅଞ୍ଚଳର ଗ୍ରାହକ ସୁଷମା ଦାସ କୁହନ୍ତି, ଅକ୍ଷୟ ତୃତୀୟା ଦିନଟି ଶୁଭ ହୋଇଥିବାରୁ ଆମେ ସବୁ ବର୍ଷ ଭଳି ଚଳିତବର୍ଷ ସୁନା କିଣାକିଣି କରିଛୁ।

> ଚଳିତ ବର୍ଷର ଅକ୍ଷୟ ତୃତୀୟା ନିମନ୍ତେ ଆମର ବିକ୍ରି ମେ ପହିଲାଠାରୁ ଆରମ୍ଭ ହୋଇଛି। ଏହା ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ। ଗତ କିଛିଦିନ ମଧ୍ୟରେ ଓଡ଼ିଶାରେ ଥିବା ଆମର ୮ ଟି ଷ୍ଟୋରରେ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ସୁନା ଦର ବୃଦ୍ଧି ସତ୍ତ୍ୱେ, ଗ୍ରାହକମାନେ ସୁନା, ରୁପା ଓ ହୀରା ଗହଣା ଅଧିକ ମାତ୍ରାରେ କ୍ରୟ କରୁଛନ୍ତି। ବିଶେଷ ଭାବରେ ଚଳିତବର୍ଷ ହୀରା ଗହଣା ପାଇଁ ଅଧିକ ଆଗ୍ରହ ପରିଲକ୍ଷିତ ହେଉଛି। ଗ୍ରାହକମାନେ ଅଧିକ ଓଜନ ବିଶିଷ୍ଟ ସୁନା ଗହଣକୁ ପସନ୍ଦ କରୁଛନ୍ତି। ଯାହାକୁ ସେମାନେ ନିବେଶ ଉପରେ ଆକର୍ଷଣୀୟ ରିଟର୍ଣ୍ଣ ଭାବେ ଗ୍ରହଣ କରୁଛନ୍ତି। ଗତବର୍ଷ ଯେଉଁମାନେ ସୁନାରେ ନିବେଶ କରିଥିଲେ ସେମାନେ ୨୦-୨୫% ରିଟର୍ଣ୍ଣ ପାଇଛନ୍ତି। ସବୁବେଳେ ସୁନା ଏକ ଦମଦାର ନିବେଶ ଭାବେ ପ୍ରମାଣିତ ହୋଇଛି। ଆଜି ସକାଳୁ ଆମର ସମସ୍ତ ଷ୍ଟୋରରେ ଗ୍ରାହକଙ୍କ ଆସିବା ନିରନ୍ତର ଲାଗି ରହିଛି। ଚଳିତ ବର୍ଷ ଅକ୍ଷୟ ତୃତୀୟା ରେ ଆମେ ଗତ ବର୍ଷ ତୁଳନାରେ ୧୦-୧୪% ଅଧିକ ବିକ୍ରି ଆଶା କରୁଛୁ।
>
> –ମିତେଶ ଖେମ୍‌ଜୀ , ନିର୍ଦ୍ଦେଶକ ଖେମ୍‌ଜୀ ଜୁଏଲର୍ସ



### ଦ୍ୱିପ୍ରହର ଯାଏ ଶୋ' ରୁମ୍‌ରେ ଖଚାଖଚ୍ ଭିଡ଼
### ସକାଳୁ ୮ଟାରୁ ଖୋଲିଲା ଶୋ' ରୁମ୍: ବିକ୍ରି ୧୫% ବଢ଼ିଲା
### ଏଥର ଟ୍ରେଣ୍ଡରେ ନୂଆ ନୂଆ କଲେକ୍ସନ


# ମେ' ୧୨ ପର୍ଯ୍ୟନ୍ତ ଲାଲ୍‌ଚାନ୍ଦ ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫର୍



ଭୁବନେଶ୍ୱର,୧୦ା୫(ସମିସ): ଲାଲ୍‌ଚାନ୍ଦ ଜୁଏଲର୍ସ ଏହାର ଗ୍ରାହକମାନଙ୍କ ଲାଗି ଆଣିଛି ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫର୍। ଏହି ଫେଷ୍ଟିଭାଲ୍‌ରେ ଲାଲ୍‌ଚାନ୍ଦ ଗ୍ରାହକମାନଙ୍କୁ ସୁନା, ହୀରା ଏବଂ ରୁପା ଗହଣା ଉପରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫର ମେ' ୧୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ଗ୍ରାହକ ସର୍ବାଧିକ ଅଫର ସହ ବିଭିନ୍ନ ଭେରାଇଟିର ଅଳଙ୍କାର କିଣି ସର୍ବାଧିକ ଅର୍ଥ ସଞ୍ଚୟ କରିପାରିବେ। ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫରରେ ଗ୍ରାହକ ସମସ୍ତ ଏଚ୍‌ୟୁଆଇଡି ସୁନା ଗହଣା କିଣା ଉପରେ ଗ୍ରାମ ପିଛା ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା ଏବଂ ରୁପା ଗହଣାର ଗଢ଼ା ମଜୁରୀ ଗ୍ରାମ ପିଛା ୧୩ ଟଙ୍କା ଦେଇ ନେଇପାରିବେ। ସେହିପରି ହୀରା ଗହଣା କିଣା ଉପରେ ଗ୍ରାହକ ଶୂନ୍ୟ ଗଢ଼ା ମଜୁରୀ ସୁବିଧା ରହିଛି। ଅକ୍ଷୟ ତୃତୀୟା ଫେଷ୍ଟିଭାଲ୍ ଅଫର ଲାଲ୍‌ଚାନ୍ଦର ଭୁବନେଶ୍ୱରସ୍ଥିତ ରଘୁନାଥପୁର, ମାଷ୍ଟର୍‌କ୍ୟାଣ୍ଟିନ୍, ବ୍ରହ୍ମପୁର, କଟକ ଏବଂ ନୂଆଦିଲ୍ଲୀର ଲଜ୍‌ପତ୍ ନଗର ସ୍ଥିତ ଶୋ' ରୁମ୍‌ରେ ଉପଲବ୍ଧ। ଲାଲ୍‌ଚାନ୍ଦର ସମସ୍ତ ଷ୍ଟୋରରେ ଏସ୍‌ବିଆଇ କାର୍ଡ ଉପଭୋକ୍ତାଙ୍କ ପାଇଁ ବିଶେଷ ଅଫର ରଖାଯାଇଛି। ସର୍ବନିମ୍ନ ୩୦ ହଜାର ଟଙ୍କାର ନେଣଦେଣ ଉପରେ ସର୍ବାଧିକ ୨,୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ଅଫର୍ ରଖାଯାଇଛି। ଏହି ଅଫର୍ ୫ ମେ'ରୁ ୧୨ ମେ' ୨୦୨୪ ପର୍ଯ୍ୟନ୍ତ ବୈଧ। ମିଛ ଅଫରଠାରୁ ଦୂରେଇ ରହିବା ସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରୀକୁ ଚୟନ କରିବା ଉପରେ ଲାଲ୍‌ଚାନ୍ଦ ଗୁରୁତ୍ୱ ଦେଇଆସୁଛି। ଏ ସମ୍ପର୍କରେ ଲାଲ୍‌ଚାନ୍ଦ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ସଞ୍ଜୟ ହଂସ କହିଛନ୍ତି ଯେ, ସୁନାର ମୂଲ୍ୟ ବୃଦ୍ଧିକୁ କେହି ନିୟନ୍ତ୍ରଣ କରିପାରିବେନାହିଁ।ଲାଲ୍‌ଚାନ୍ଦ ଜୁଏଲର୍ସ ଏହାର ନୀତି, ଅଫର ଏବଂ ସେବା ଜରିଆରେ ଗ୍ରାହକମାନଙ୍କୁ ଶ୍ରେଷ୍ଠ ଶପିଂର ଅଭିଜ୍ଞତା ପ୍ରଦାନ କରୁଛି। ଲାଲ୍‌ଚାନ୍ଦ ଗ୍ରାହକଙ୍କ କଷ୍ଟ ଉପାର୍ଜିତ ଅର୍ଥର ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରୁଛି। ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ବିଭିନ୍ନ ସମୟରେ ସଚେତନତା ଅଭିଯାନ ଚଳାଇ ଆସୁଅଛି। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକଙ୍କୁ 'ଅଫ୍ ଟୁ' ଅଥବା 'ପର୍ଯ୍ୟନ୍ତ' ସ୍କାମ୍ ଏବଂ ସର୍ତ୍ତମୂଳକ ଅଫରରୁ ବିରତ ରହିବା ନେଇ ସଚେତନ କରିଆସୁଛି। ଲାଲ୍‌ଚାନ୍ଦର ଗୋଲ୍ଡ ଲକିଂ ସ୍କିମ୍‌ରେ ଗ୍ରାହକମାନେ ୬୬,୪୦୦ କିମ୍ବା ୬୬୪୦୦ ଟଙ୍କାରେ ଅଗ୍ରୀମ ଭାବେ ସୁନା ବୁକିଂ କରିଥିଲେ। ଏବେ ସୁନା ମୂଲ୍ୟ ୧୦ ଗ୍ରମା ପିଛା ୬୭ ,୦୦୦ ଟଙ୍କାରେ ପହଞ୍ଚିଲାଣି। ସେହି ଗ୍ରାହକମାନେ ଏବେ ପୁରୁଣା ମୂଲ୍ୟରେ ସୁନା କିଣିଲେ। ମୂଲ୍ୟ ବଢ଼ିଲେ ବି ସେମାନଙ୍କୁ ବର୍ଦ୍ଧିତ ମୂଲ୍ୟ ଦେବାକୁ ପଡିଲା ନାହିଁ। ବିଶେଷ କରି ଅକ୍ଷୟ ତୃତୀୟା ସମୟରେ ଗ୍ରାହକଙ୍କୁ ଯେଉଁ ମୂଲ୍ୟରେ ସୁନା ଏବଂ ଗଢ଼ା ମଜୁରୀରେ ରିଆତି ମିଳୁଛି ସାଧାରଣ ବିବାହ ଋତୁରେ ସେହି ମୂଲ୍ୟରେ ସୁନା ମିଳି ନ ଥାଏ। ଏହାଛଡା ଅକ୍ଷୟ ତୃତୀୟାରେ ସର୍ବାଧିକ ଡିଜାଇନ୍‌ର ସୁନା ମହଣା ଉପଲବ୍ଧ ହୋଇଥାଏ।

LALCHND Trusted Brand Since 1948


### ଚୀନ୍‌କୁ ମାଳଦ୍ୱୀପ ଦେଲା ବଡ଼ ଝଟ୍‌କା

## ଡ୍ରାଗନ୍ ଜାହାଜକୁ ଅନୁମତି ଦେଲେନାହିଁ ରାଷ୍ଟ୍ରପତି ମୁଇଜ୍ଜୁ

ନୂଆଦିଲ୍ଲୀ,୧୦ା୫(ଏଜେନ୍ସି): ଚୀନ ସହ ଭଲ ସମ୍ପର୍କ ରଖୁଥିବା ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜ୍ଜୁ ବର୍ତ୍ତମାନ ଚୀନକୁ ହିଁ ଝଟ୍‌କା ଦେଇଛନ୍ତି। ମାଳଦ୍ୱୀପ ଚୀନର ଗୁପ୍ତଚର ଜାହଜକୁ ଅଟକାଇବା ସହ ତାକୁ ଅନୁମତି ଦେଇନାହିଁ। ଏହାକୁ ହିନ୍ଦ ମହାସାଗରର ସୁରକ୍ଷା ହିସାବରେ ମହତ୍ତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଏ। ମାଳଦ୍ୱୀପର ବୈଦେଶିକ ମନ୍ତ୍ରୀ ମୁସା ଜମୀର କହିଛନ୍ତି ଯେ, ତାଙ୍କ ସରକାର ମାଳଦ୍ୱୀପ ଜଳ କ୍ଷେତ୍ରରେ ଚୀନର ଗୁପ୍ତଚର ଜାହଜ ଜିୟାଙ୍ଗ ୟାଙ୍ଗ ହୋଙ୍ଗ-୩ ପ୍ରବେଶକୁ ଅନୁମତି ଦେଇନାହାନ୍ତି। ଏହି ବିଷୟ ଗତ ଦୁଇ ମାସ ମଧ୍ୟରେ ପୁଣି ଘଟିଛି। ସେହିପରି ଏହା ପୂର୍ବରୁ ମାଳଦ୍ୱୀପ ଭାରତୀୟ ଲୋକଙ୍କୁ ପର୍ଯ୍ୟଟନ ପାଇଁ ମାଳଦ୍ୱୀପ ଆସିବାକୁ ନିବେଦନ କରିଛନ୍ତି।

ଭାରତ ଗସ୍ତରେ ଆସିଥିବା ମାଳଦ୍ୱୀପର ବୈଦେଶିକ ମନ୍ତ୍ରୀ ମୁସା ଜମୀର କହିଛନ୍ତି ଯେ, ହିନ୍ଦ ମହାସାଗରର ଶାନ୍ତି ଏବଂ ସୁରକ୍ଷା ଭାରତ, ମାଳଦ୍ୱୀପ, ଶ୍ରୀଲଙ୍କା ଏବଂ ଆମ ପଡୋଶୀର ଅନ୍ୟ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଆମେ ସାଙ୍ଗ ହୋଇ କାମ କରିବା ଜାରି ରଖିବା, ଆମେ ଏକ ଶାନ୍ତିପୂର୍ଣ୍ଣ ଦେଶ ଭାବେ ସେହି ଜାହଜର ସ୍ୱାଗତ କରୁଛୁ, ଯାହା ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ଆସୁଛି, ହେଲେ ମାଳଦ୍ୱୀପର ଜଳ କ୍ଷେତ୍ରରେ ଅନୁସନ୍ଧାନ ପାଇଁ ଆସନ୍ତୁ ନାହିଁ। ଆମେ ମାଳଦ୍ୱୀପର ଜଳ କ୍ଷେତ୍ରରେ ଅନୁସନ୍ଧାନ ପାଇଁ ଚୀନ ଜାହଜକୁ ଅନୁମତି ଦିଆଯାଇନାହିଁ। ମୂସା ଜମୀର କହିଛନ୍ତି ଯେ, ମାଳଦ୍ୱୀପର ଜଳ କ୍ଷେତ୍ରରେ ରିସର୍ଚ୍ଚ କରୁଥିବା ଜାହଜମାନଙ୍କୁ ସ୍ୱାଗତ କରିନାହାନ୍ତି।

## ଭାରତରେ ହେବ ପିସି, ସର୍ଭର ଉତ୍ପାଦନ

ନୂଆଦିଲ୍ଲୀ,୧୦ା୫(ଏଜେନ୍ସି): ଚଳିତ ବର୍ଷରୁ ଦେଶରେ ପିସି ଏବଂ ସର୍ଭର ଉତ୍ପାଦନ ଆରମ୍ଭ କରିବେ୧୭ କମ୍ପାନୀ।ଏନେଇସୂଚନାଦେଇଛନ୍ତିଇଲେକ୍ଟ୍ରୋନିକ୍ସ ଏବଂ ସୂଚନାପ୍ରଯୁକ୍ତିସଚିବ ଏସ କ୍ରିଷ୍ଣନ୍। ଶୁକ୍ରବାର ସେ କହିଛନ୍ତି ଆଇଟି ହାର୍ଡୱେର ଉତ୍ପାଦନ-ଆଧାରିତ ପ୍ରୋତ୍ସାହନ (ପିଏଲଆଇ) ଯୋଜନା ଅନୁଯାୟୀ ଚୟନ ହୋଇଥିବା ପିସି ଏବଂ ସର୍ଭର ନିର୍ମାତାଙ୍କ ମଧ୍ୟରୁ ଅଧିକାଂଶ ଚଳିତବର୍ଷ ଉତ୍ପାଦନ ଆରମ୍ଭ କରିବା ନେଇ ଅନୁମାନ କରାଯାଉଛି। ଶ୍ରୀ କ୍ରିଷ୍ଣନ କହିଛନ୍ତି ୨୭ ପିଏଲଆଇ କମ୍ପାନି ମଧ୍ୟରୁ ପ୍ରାୟ ୧୭ କମ୍ପାନି ଚଳିତ ବର୍ଷ ଉତ୍ପାଦନ ଆରମ୍ଭ କରିବେ। ଏଥି ମଧ୍ୟରୁ ପ୍ରାୟ ୬-୭ ଗତ ବର୍ଷ ଉତ୍ପାଦନ ଆରମ୍ଭ କରିଥିଲେ। ଆଉ ଦୁଇ କମ୍ପାନି ଆସନ୍ତା ବର୍ଷରୁ ଉତ୍ପାଦନ ଆରମ୍ଭ କରିବା ନେଇ ଯୋଜନା ରହିଛି।

## ଷ୍ଟକ୍ ବଜାରକୁ ଫେରିଲା ଉତ୍ସାହ; ସେନ୍‌ସେକ୍ସରେ ୨୬୦ ପଏଣ୍ଟ ବୃଦ୍ଧି

ମୁମ୍ବଇ,୧୦ା୫(ଏଜେନ୍ସି): କ୍ରମାଗତ ଭାବେ ୩ ଦିନ ଧରି ହ୍ରାସ ପରେ ଶେଷରେ ଘରୋଇ ଷ୍ଟକ ବଜାରରେ ଉତ୍ସାହ ଫେରିଛି। ସପ୍ତାହର ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଭାରତୀୟ ଷ୍ଟକ ବଜାରରେ ବୃଦ୍ଧି ଦେଖିବାକୁ ମିଳିଥିଲା। ଆଜିର କାରବାର ଶେଷ ସୁଦ୍ଧା ୩୦ ସେୟାର ବିଶିଷ୍ଟ ବିଏସଇ ସେନ୍‌ସେକ୍ସ ୨୬୦.୩୦ ପଏଣ୍ଟ ବା ୦.୩୬ ପ୍ରତିଶତ ବୃଦ୍ଧି ହୋଇ ୭୨,୬୬୪.୪୭ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ୫୦ ସେୟାର ବିଶିଷ୍ଟ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୯୭.୭୦ ପଏଣ୍ଟ ବା ୦.୪୪ ପ୍ରତିଶତ ବୃଦ୍ଧି ପାଇ ୨୨,୦୫୫.୨୦ରେ ବନ୍ଦ ହୋଇଛି। ମେ' ୯ ରେ ବିଏସଇ ସେନ୍‌ସେକ୍ସ ୧,୦୬୨.୨୨ ପଏଣ୍ଟ ବା ୧.୪୫% ହ୍ରାସ ପାଇ ୭୨,୪୦୪.୧୭ରେ ବନ୍ଦ ହୋଇଥିଲା। ସେହିପରି ଏନଏସଇ ନିଫ୍ଟି ମଧ ୩୪୫ ପଏଣ୍ଟ ବା ୧.୫୫ ପ୍ରତିଶତ ହ୍ରାସ ପାଇ ୨୧,୯୫୭.୫୦ ପଏଣ୍ଟରେ ବନ୍ଦ ହୋଇଛି।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଅକ୍ଷିମୁଠି ଅନୁକୂଳ



ଭୁବନେଶ୍ୱର,୧୦ା୫(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ ବିଦ୍ୟାଧରପୁର ଓ ବୟାଳିଶ ମଉଜା ଶାଖା ଦ୍ୱାରା ମିଳିତ ଆନୁକୁଲ୍ୟରେ କଦମପଡା ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱରର ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗନ ଓ ପ୍ରଶାସନିକ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ ଶ୍ରୀ ମୁଗୁଗନ ଚାଷୀ ମାନଙ୍କୁ ଉତ୍ସାହିତ କରି ଅକ୍ଷିମୁଠି ଅନୁକୂଳ କରିଥିଲେ ଓ କୃଷି କାର୍ଯ୍ୟକୁ ଆଗେଇନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୃଷକମାନଙ୍କୁ ପ୍ରୋତ୍ସାହନ ପୂର୍ବକ କୃଷିଋଣ ପ୍ରଦାନ କରାଯାଇଥିଲା। ଷ୍ଟେଟ ବ୍ୟାଙ୍କ କଟକ ଆଞ୍ଚଳିକ ପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କେନ୍ଦ୍ର ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ୨୮ ହଜାରରୁ ଅଧିକ ମୋବାଇଲ୍ ବ୍ଲକ୍ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୦ା୫(ଏଜେନ୍ସି)

ଦେଶରେ ବଢ଼ିଚାଲିଥିବା ସାଇବର ଅପରାଧ ରୋକିବାକୁ କେନ୍ଦ୍ର ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଅନୁଯାୟୀ, ୨୮,୨୦୦ ମୋବାଇଲ୍ ଫୋନ୍‌କୁ ବ୍ଲକ୍ କରିବାକୁ କେନ୍ଦ୍ର ସରକାର ଟେଲିକମ୍ ଅପରେଟରଙ୍କୁ ନିର୍ଦ୍ଦେଶ ନିର୍ଦ୍ଦେଶ ଦେଇଛନ୍ତି। ଏହି ମୋବାଇଲ୍ ଫୋନ୍ ବ୍ୟବହାରକାରୀମାନେ ବିଭିନ୍ନ ସାଇବର ଅପରାଧରେ ଲିପ୍ତ ଥିବା ଜଣାପଡ଼ିବା ପରେ କେନ୍ଦ୍ର ସରକାର ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

କେବଳ ସେତିକି ନୁହେଁ ଏହିସବୁ ମୋବାଇଲ୍‌ଗୁଡିକ ସହ ସମ୍ପୃକ୍ତ ୨୦ ଲକ୍ଷ ମୋବାଇଲ୍ ନମ୍ବରକୁ ରି-ଭେରିଫିକେସନ(ପୁନଃ ପ୍ରମାଣନ) କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହିସବୁ ସିମ୍ ଭେରିଫିକେସନ ବିଫଳ ହୁଏ ତେବେ ଏଗୁଡ଼ିକୁ ବାତିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଓ ରାଜ୍ୟ ପୁଲିସ ଦ୍ୱାରା ଯାଞ୍ଚ କରିବା ପରେ ୨୮,୨୦୦ ମୋବାଇଲ୍ ସାଇବର କ୍ରାଇମ୍‌ରେ ବ୍ୟବହାର ହେଉଥିବା ଜଣାପଡ଼ିଥିଲା। ଏହାପରେ ଟେଲିକମ୍ୟୁନିକେଶନ (ଡଟ୍) ଦ୍ୱାରା ମଧ ଏକ ଯାଞ୍ଚ କରାଯାଇଥିଲା। ଯେଉଁଥିରେ ଜଣାପଡ଼ିଥିଲା ଯେ ଏହି ମୋବାଇଲ୍ ଗୁଡ଼ିକରେ ୨୦ ଲକ୍ଷ ନମ୍ବର ବ୍ୟବହାର କରାଯାଇଛି। ତେଣୁ ଏଗୁଡ଼ିକର ରି-ଭେରିଫିକେସନ୍ ପାଇଁ ଡଟ୍ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜାରି ହୋଇଥିବା ସରକାର ବିବୃତ୍ତିରେ କୁହାଯାଇଛି ଡଟ୍ ଟେଲିକମ ସେବା ଯୋଗାଉଥିବା କମ୍ପାନୀଗୁଡିକ ପାଇଁ ନର୍ଦ୍ଦେଶନାମା ଜାରି କରି ୨୮,୨୦୦ ମୋବାଇଲ୍ ଫୋନ୍‌ରେ ବ୍ୟବହାର ହେଉଥିବା ୨୦ ଲକ୍ଷ ମୋବାଇଲ ସଂଯୋର ରି-ଭେରିଫିକେସନ୍ ପାଇଁ ନିର୍ଦ୍ଦେଶ ଦେଇଛି। ତେବେ ଭେରିଫିକେସନ ଫେଲ୍ ମାରିଲେ ଏଗୁଡ଼ିକର ସଂଯୋଗ ବିଚ୍ଛିନ୍ନ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ସାଇବର ଅପରାଧ ଦ୍ୱାରା ହେଉଥିବା ଆର୍ଥିକ ଠକେଇ ରୋକିବାକୁ ଡଟ୍, ଗୃହ ମନ୍ତ୍ରଣାଳୟ ଓ ରାଜ୍ୟ ପୁଲିସ ପକ୍ଷରୁ ମିଳିତ ଉଦ୍ୟମରେ ଏଭଳି ପ୍ରୟାସ ହୋଇଛି। ଠକେଇ କରୁଥିବା ନେଟୱର୍କକୁ ନଷ୍ଟ କରିବା ସହ ଜନସାଧାରଣଙ୍କୁ ଡିଜିଟାଲ୍ ବିପଦରୁ ରକ୍ଷା କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଏହାର ମୂଳ ଉଦେଶ୍ୟ। ସାଇବର ଅପରାଧ ଓ ଆର୍ଥିକ ଠକେଇରେ ଅପବ୍ୟବହାର ହେଉଥିବା ଟେଲିକମ ଉତ୍ସକୁ ରୋକିବାକୁ ଅଂଶୀଦାରଙ୍କ ସହ ସହଯୋଗ ରଖିବାକୁ ନିକଟରେ ସରକାର ଡିଜିଟାଲ୍ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ(ଡିଆଇପି) ଶୁଭାରମ୍ଭ କରାଯାଇଥିଲା। ରିଅଲ ଟାଇମ୍ ଇଣ୍ଟେଲିଜେନ୍ସ ଶେୟାରିଂ, ସୂଚନା ବିନିମୟ ଏବଂ ବିଭିନ୍ନ ଅଂଶୀଦାରମାନଙ୍କ ସହ ସହଯୋଗ ରକ୍ଷା କରିବା ପାଇଁ ଡଟ୍ ଦ୍ୱାରା ଡିଆଇପି ସର୍ଭର ବିକଶିତ କରାଯାଇଥିଲା। ଅଂଶୀଦାରମାନଙ୍କ ମଧ୍ୟରେ ଟେଲିକମ୍ କମ୍ପାନୀ,ଆଇନ ପ୍ରବର୍ତ୍ତନ ସଂସ୍ଥା(ଏଲ୍‌ଇଏ), ବ୍ୟାଙ୍କ୍, ଏବଂ ଆର୍ଥିକ ସଂସ୍ଥାନ, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏବଂ ପରିଚୟପତ୍ର ଜାରି କରୁଥିବା ଅଧିକାରୀ ଆଦି ରହିଛନ୍ତି। ସୁରକ୍ଷିତ ସଂଯୋଗ ଦ୍ୱାରା(ସିକ୍ୟୁର କନେକ୍ଟିଭିଟି) ଡିଆଇପି ନିଜର ଭୂମିକା ଅନୁସାରେ, ଆବଶ୍ୟକୀୟ ସୂଚନା ଶେୟାର କରିଥାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ଲାଟ୍‌ଫର୍ମଟି ସାଧାରଣ ନାଗରିକଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ।



> ବାତିଲ୍ ହୋଇପାରେ ୨୦ ଲକ୍ଷ ମୋବାଇଲ୍ ନମ୍ବର







# ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

କୌଣସି ଦେଶ ଶକ୍ତିଶାଳୀ ହେବା ପଛରେ ଟେକ୍ନୋଲୋଜିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ୧୯୯୯ ମସିହାରୁ ପ୍ରତିବର୍ଷ ମେ' ୧୧ ତାରିଖରେ ପାଳନ କରାଯାଉଛି ନେସନ୍ୟାଲ ଟେକ୍ନୋଲଜି ଡେ' ବା 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ'। ଇତିହାସରେ ଏହି ଦିନ ଭାରତ ସ୍ୱଦେଶୀ ଜ୍ଞାନ କୌଶଳରେ ବ୍ୟାପକ ଅଗ୍ରଗତି କରିଥିଲା। ନିଜର ଦକ୍ଷତାକୁ ମନେ ପକାଇବାକୁ ଯାଇ ଭାରତ ପ୍ରତିବର୍ଷ ଏହି ଦିବସ ପାଳନ କରୁଛି। ଏହି ଦିନ ପ୍ରଥମେ ସ୍ୱଦେଶୀ ଏୟାରକ୍ରାଫ୍ଟ 'ହଂସ-୩'ର ବେଙ୍ଗାଲୁରୁଠାରେ ସଫଳ ପରୀକ୍ଷଣ କରାଯାଇଥିଲା। ତ୍ରିଶୂଳ କ୍ଷେପଣାସ୍ତ୍ରର ପରୀକ୍ଷଣ ମଧ୍ୟ ଭାରତ ସେହିଦିନ କରିଥିଲା।

୧୯୯୮ ମସିହା ମେ' ୧୧ ତାରିଖରେ ପୋଖରାନରେ ଦ୍ୱିତୀୟ ସଫଳ ପରମାଣୁ ପରୀକ୍ଷଣ କରିଥିଲା। ଏହି ପରୀକ୍ଷଣ ସଫଳ ହେବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ଦିନକୁ 'ନ୍ୟାସନାଲ ଟେକ୍ନୋଲୋଜି ଡେ' ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଏହି ପରୀକ୍ଷା ପରେ ଭାରତ 'ପରମାଣୁ କ୍ଲବ୍'ରେ ଷଷ୍ଠ ଦେଶ ଭାବେ ସାମିଲ ହୋଇଥିଲା। ଏହାପରେ ଭାରତ ଏକ ଅଣୁଶକ୍ତି ସମ୍ପନ୍ନ ରାଷ୍ଟ୍ର ଓ ଅଣୁ ଶକ୍ତିରୁ ଇନ୍ଧନ ସୃଷ୍ଟିକାରୀ ରାଷ୍ଟ୍ରଭାବେ ଭାବେ ବିଶ୍ୱଦରବାରରେ ପରିଚିତ ହେଲା। ଶିକ୍ଷାନୁଷ୍ଠାନ ତଥା ବିଜ୍ଞାନ ଏବଂ ବୈଷୟିକ ଶିକ୍ଷା ସହିତ ସଂପୃକ୍ତ ଅନୁଷ୍ଠାନଗୁଡ଼ିକ ଏହି ଦିବସକୁ ଭାରତର ବୈଷୟିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପାଳନ କରିଥାନ୍ତି। ଏହି ଦିନ 'ପ୍ରାଦ୍ୟୋଗିକ ବିକାଶ ବୋର୍ଡ' ବୈଜ୍ଞାନିକ, ଇଞ୍ଜିନିୟର ତଥା ଟେକ୍ନୋଲୋଜିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବିଶେଷଜ୍ଞଙ୍କୁ ସମ୍ମାନିତ କରିଥାଏ।

## ଇତିହାସରେ ଆଜି

- ୧୯୫୧- ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ନବନିର୍ମିତ ସୋମନାଥ ମନ୍ଦିରର ଉଦ୍‌ଘାଟନ କଲେ।
- ୧୯୫୫- ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ କଲା।
- ୧୯୬୦-ପ୍ରଥମ ଗର୍ଭନିରୋଧ ଔଷଧ ବଜାରକୁ ଆସିଲା।
- ୧୯୬୫-ବାଂଲାଦେଶରେ ଆସିଥିବା ତୋଫାନ୍ ଯୋଗୁଁ ୧୭ ହଜାର ଲୋକଙ୍କ ମୃତ୍ୟୁ।
- ୧୯୮୮- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୧୯୯୮- ରାଜସ୍ଥାନର ପୋଖରାନ୍‌ରେ ତିନୋଟି ପରମାଣୁ ପରୀକ୍ଷା କରାଗଲା।
- ୨୦୦୨-ବାଂଲାଦେଶରେ ଏକ ନୌକା ବୁଡ଼ି ୩୭୮ ଲୋକଙ୍କ ମୃତ୍ୟୁ।

## ଆଜି ବାହୁଡ଼ିଥିଲେ

# ସମାଜ ସଂସ୍କାରକ ଶ୍ରୀବସ୍ତ ପଣ୍ଡା



ଓଡ଼ିଶାରେ ଆର୍ଯ୍ୟ ସମାଜର ପ୍ରାଣ ପ୍ରତିଷ୍ଠାତା ତଥା ଗଞ୍ଜାମ ଜିଲ୍ଲାର ପ୍ରଥମ ଗ୍ରାଜୁଏଟ ଏବଂ ସମାଜ ସଂସ୍କାରକ ଶ୍ରୀବସ୍ତ ପଣ୍ଡାଙ୍କର ଆଜି ପୁଣ୍ୟତିଥି। ତାଙ୍କୁ ଓଡ଼ିଶାର ବିଦ୍ୟାସାଗର କୁହାଯାଏ। ଜାତିପ୍ରଥା, ଅସ୍ପୃଶ୍ୟତା ନିବାରଣ, ନାରୀଶିକ୍ଷା, ଗୋରକ୍ଷା ଆଦି ଦିଗରେ ତାଙ୍କର ଯୋଗଦାନ ଅତୁଳନୀୟ। ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିକଟବର୍ତ୍ତୀ ମନ୍ଦାର ଗ୍ରାମରେ ୧୮୭୦ ମସିହା ଅକ୍ଟୋବର ୧ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ଶ୍ରୀବସ୍ତଙ୍କ ପରିବାର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାର ଥିଲା। ମାଟ୍ରିକ୍ ପଢୁଥିବା ସମୟରେ ତାଙ୍କର ପ୍ରଥମ ପ୍ରବନ୍ଧ 'ସମ୍ବଲପୁର ହିତୈଷିଣୀ'ରେ ପ୍ରକାଶ ପାଇଥିଲା। ଏହାପରେ ତାଙ୍କର ଲେଖା 'ପ୍ରଜାବନ୍ଧୁ', 'ଉତ୍କଳବାସୀ', 'ଉତ୍କଳ ଦର୍ପଣ', 'ଉତ୍କଳ ସେବକ', 'ଉତ୍କଳ ବାର୍ତ୍ତା', 'ଉତ୍କଳ ଦୀପିକା' ଆଦିରେ ପ୍ରକାଶିତ ହୋଇ ଓଡ଼ିଶାରେ ଆଲୋଡ଼ନ ସୃଷ୍ଟି କରିଥିଲା। ଆନ୍ଧ୍ରର ରାଜମହେନ୍ଦ୍ରୀ କଲେଜରେ ଦର୍ଶନ ଶାସ୍ତ୍ରରେ ବି.ଏ କରିବା ସମୟରେ ସେ ରାଜ୍ୟର ବିଖ୍ୟାତ ସଂସ୍କାରକ ବୀରେଶଲିଙ୍ଗମ୍ ପାନ୍ତୁଲୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ। ଏହାପରେ ମାତ୍ର ୨୦ ବର୍ଷ ବୟସରେ ସେ ସବ୍ ରେଜିଷ୍ଟ୍ରାର୍ ପଦବିରେ ଯୋଗ ଦେଲେ। ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ସବ୍ ରେଜିଷ୍ଟ୍ରାର୍ ଭାବେ କାର୍ଯ୍ୟ କରିବା ପରେ ସେ ୧୯୨୦ରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ସରକାରୀ ଚାକିରିରେ ସେ ଯେଉଁସ୍ଥାନରେ ରହୁଥିଲେ ସେଠାକାର ସ୍ଥାନୀୟ ଲୋକଙ୍କୁ ବୁଝାଇ ସେଠାରେ ବାଳିକାଙ୍କ ପାଇଁ ବିଦ୍ୟାଳୟ ସ୍ଥାପନା କରିବା, ପରଦା ପ୍ରଥାର ବିଲୋପ, ଅସ୍ପୃଶ୍ୟତା ଦୂରୀକରଣ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ସ୍ୱରାଜ ପ୍ରାପ୍ତି ନିମନ୍ତେ ସେ ଉଦ୍ୟମ ଅବ୍ୟାହତ ରଖିଥିଲେ। ଭଞ୍ଜନଗର ନିକଟବର୍ତ୍ତୀ ତନରଡ଼ାଠାରେ ସେ ଗୋରକ୍ଷାଶ୍ରମ, ବେଦଭବନ ଓ ଆର୍ଯ୍ୟକନ୍ୟା ଗୁରୁକୁଳ ଆଦି ପ୍ରତିଷ୍ଠା କରିଥିଲେ। ଅସୁସ୍ଥତା ସତ୍ତ୍ୱେ ତାଙ୍କୁ ଦୁଇଥର ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ ମନୋନୀତ କରାଯାଇଥିଲା। ଓଡ଼ିଆ ସାହିତ୍ୟର ପ୍ରସାର ପାଇଁ ସେ ନିଜସ୍ୱ ବ୍ୟୟରେ ଗଞ୍ଜାମର ରସୁଲକୋଣ୍ଡା (ବର୍ତ୍ତମାନର ଭଞ୍ଜନଗର) ଠାରେ ସେ 'ସ୍ୱଦେଶୀ ପ୍ରେସ୍' ନାମକ ଏକ ଛାପାଖାନା ପ୍ରତିଷ୍ଠା କରିଥିଲେ। ତାଙ୍କ ସମ୍ପାଦନାରେ ବ୍ରହ୍ମପୁରରୁ 'ସଂସ୍କାର' ଏବଂ ବେଲଗୁଣ୍ଠା ପଲ୍ଲୀବାସୀ ପ୍ରେସ୍‌ରୁ 'ଆର୍ଯ୍ୟ' ନାମକ ମାସିକ ପତ୍ରିକା ପ୍ରକାଶ ପାଉଥିଲା। ଦୟାନନ୍ଦ ସରସ୍ୱତୀଙ୍କ 'ସତ୍ୟାର୍ଥ ପ୍ରକାଶ'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ। ସେ ନିଜର ଅଧିକାଂଶ ସମ୍ପତ୍ତି ଶିକ୍ଷାର ପ୍ରସାର, ସମାଜ ସଂସ୍କାର ଓ ବେଦର ପ୍ରଚାର ପାଇଁ ଦାନ କରିଥିଲେ। ୧୯୪୩ ମସିହା ଆଜିର ଦିନରେ ଏହି ସମାଜ ସଂସ୍କାରକଙ୍କ ଦେହାବସାନ ଘଟିଥିଲା।

# ବିବାହକୁ ନେଇ ମୁହଁ ଖୋଲିଲେ ଜାହ୍ନବୀ



ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ଅନେକ ଦିନରୁ ଶିଖର ପହାଡ଼ିଆଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଅନେକ ସମୟରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳେ। 'ମୈଦାନ' ଫିଲ୍ମର ସ୍କ୍ରିନିଂ ସମୟରେ ସେ 'ଶିଖୁ' ନାମରେ ଏକ ପେଣ୍ଡାଣ୍ଟ ପିନ୍ଧିଥିବାର ଦେଖାଯାଇଥିଲା। ଏହା ଶିଖରଙ୍କ ଡାକନାମ। ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ଭାଇରାଲ୍ ହୋଇଥିଲା। ଏହି ପୋଷ୍ଟରେ ଜାହ୍ନବୀ ଶିଖରଙ୍କୁ ତିରୁପତି ବାଲାଜି ମନ୍ଦିରରେ ବିବାହ କରିବେ ବୋଲି କୁହାଯାଇଥିଲା। ବିବାହ ସମୟରେ ସେ ସୁନେଲି ରଙ୍ଗର ଏକ ଶାଢ଼ି ପିନ୍ଧିବେ ବୋଲି ମଧ୍ୟ କୁହାଯାଇଥିଲା। ଏହି ପୋଷ୍ଟ ଉପରେ ଜାହ୍ନବୀଙ୍କର ନଜର ପଡ଼ିବା ମାତ୍ରେ 'କିଛି ବି' ବୋଲି ସେ ଉଲ୍ଲେଖ କରିଥିଲେ। ଜାହ୍ନବୀ ଏଥିରେ ପ୍ରତିକ୍ରିୟା ରଖି ଶିଖରଙ୍କ ସହିତ ତାଙ୍କ ବିବାହ ଖବର ଗୁଜବ ବୋଲି ପ୍ରମାଣ କରି ଦେଇଥିଲେ। କିଛିଦିନ ପୂର୍ବରୁ କରନ୍ ଜୋହର୍ ତାଙ୍କ ଚାଟ୍ ଶୋ'ରେ ଜାହ୍ନବୀଙ୍କୁ ଯେତେବେଳେ ପଚାରିଥିଲେ- ସ୍ପିଡ୍ ଡାଏଲ୍ ତାଲିକାରେ ତିନି ଜଣକ ନାମ କୁହନ୍ତୁ। ଏହାର ଜବାବରେ ଜାହ୍ନବୀ କହିଥିଲେ ପାପା(ବୋନି କପୁର, ଖୁସୁ (ଜାହ୍ନବୀଙ୍କ ସାନ ଭଉଣୀ ଖୁସି କପୁର) ଓ ଶିଖୁ(ଶିଖର ପହାଡ଼ିଆ)। ଶିଖର ଓ ଜାହ୍ନବୀ ସମ୍ପର୍କ ବହୁତ ପୁରୁଣା। ମଝିରେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା। ପରେ ପୁଣି ପ୍ୟାଚଅପ୍ ହୋଇ ଯାଇଥିଲା। ଜାହ୍ନବୀଙ୍କ କାମ କଥା କହିବାକୁ ଗଲେ, ସେ ବହୁତ ଜଲ୍‌ଦି ରାଜକୁମାର ରାଓଙ୍କ ସହ 'ମିଷ୍ଟର ଆଣ୍ଡ ମିସେସ୍ ମାହି'ରେ ଦେଖାଯିବେ। ଏହାବାଦ୍ ସାଉଥ୍ ଫିଲ୍ମ 'ଦେବରା' ଓ 'ଆର୍‌ସି ୧୬'ରେ ମଧ୍ୟ ଦେଖାଯିବେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ମନ ପ୍ରସନ୍ନ ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିପାରନ୍ତି। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**ବିଛା:** ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ। ପରିବାର ଲୋକଙ୍କ ସମୟଅଧିକ ସମୟ ବିତାଇ ପାରନ୍ତି। ଭଜନ, କୀର୍ତ୍ତନରେ ସାମିଲ ହେବେ।



# ସୁମନ

## ଅକ୍ଷୟ ତୃତୀୟା



ଜଗଦୀଶ ସାହୁ

ଖରା ଖାଇ ମାଟି ଫାଳ ଫାଳ ଫାଟି
ପାଟି ଆଁ କରି ରହିଲା
ଆସି ମେଘଭାଇ ଦେ'ତୁ ଭିଜେଇ
ଚାଷୀ ହାତ ଯୋଡ଼ି କହିଲା !
ଭିଜିଲେ ଧରଣୀ ଅକ୍ଷିମୁଠି ବୁଣି
ଅକ୍ଷୟ ତୃତୀୟା ଦିନରେ
ଚାଷ ଆରମ୍ଭିବୁ ପରବ ପାଳିବୁ
ଆନନ୍ଦ ଉଲ୍ଲାସ ମନରେ !
ସଠିକ ବେଳରେ ବସୁଧା କୋଳରେ
ସୁନାର ଫସଲ ଫଳିବ
କୃପା କଲେ ହରି ପେଟକୁ ସବୁରି
ଆହାର ମୁଠାଏ ମିଳିବ !■

ସଂଜପଡ଼ା, ହିନ୍ଦୋଳ
ଢେଙ୍କାନାଳ
ମୋ-୯୦୭୮୧୮୫୬୧୬

## ପହେଲି

- ନୂଆ ଗଉଣୀକୁ ସଜେଇ ସିଏ
ବିହନ ଭରିକି ମୁଣ୍ଡରେ ଥୁଏ
ସାଥିରେ ନେଇ ସେ ହଳ ଲଙ୍ଗଳ
କ୍ଷେତକୁ ତାହାର ଯାଏ ସଅଳ
ଚାଷ ଅନୁକୂଳ କରିବା ପାଇଁ
ଖୁସିରେ ବିଭୋର ହୁଅଇ ସେହି
ବୈଶାଖ ଶୁକ୍ଳ ତୃତୀୟା ଦିନ
ଖୁସିରେ ନାଚଇ କୃଷକ ମନ
ଏ ଅଟେ କୃଷକ ଦିବସଟିଏ
ନାମଟି ତାହାର କହିବ କିଏ ?
ଉ- ଅକ୍ଷୟ ତୃତୀୟା



- ସେହି ଦରବରେ ଝୋଟି ପକେଇ
ଚନ୍ଦନ ସିନ୍ଦୂରରେ ତାକୁ ସଜେଇ
ଅକ୍ଷିମୁଠି ଧାନ ସେଥିରେ ଥୋଇ
କ୍ଷେତକୁ ନିଅଇ କୃଷକ ଭାଇ
ଚାଷୀ ଭାଇ ଘରେ ଥିବ ତ ସେହି
ନାମ ତା'ର କିଏ ପାରିବ କହି ?
ଉ-ଟୋକେଇ

- ବରଷା ଖରାକୁ ଖାତିରି ନାହିଁ
ଯାଉଥାଏ ସଦା ବିଲକୁ ଧାଇଁ
ରହିଥାଉ ଯେତେ ଜଞ୍ଜାଳେ ସିଏ
ନିଜର କର୍ତ୍ତବ୍ୟ ଭୁଲି ନଯାଏ
ଅନ୍ୟର ପେଟକୁ ଦାନା ସେ ଦିଏ
ନାମଟି ତାହାର କହିବ କିଏ ?
ଉ-କୃଷକ ଭାଇ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର, ମୋ-୮୩୧୦୩୨୮୩୪୫

# ବିଲୁଆ ବଡ଼ ଚତୁର





ସୁଧାଂଶୁ ଶେଖର ଦ୍ୱିବେଦୀ

ଜଙ୍ଗଲର ଗୋଟେ ଗୁମ୍ଫାରେ ବୁଢ଼ା ବିଲୁଆଟିଏ ରହୁଥାଏ। କିଛିଦିନ ଧରି ତାକୁ ଖାଇବାକୁ ନ ମିଳିବାରୁ ଭୋକରେ ବ୍ୟାକୁଳ ହୋଇ ନିକଟସ୍ଥ ଗାଁରେ ପଶିଲା। ଜଣେ ଚାଷୀର ଭାଡ଼ିରୁ କୁକୁଡାଟେ ଉଠେଇଆଣି ଜଙ୍ଗଲର ଗୋଟେ ଗଛ ତଳେ ବସି ଆରାମରେ ଖାଇବାକୁ ଲାଗିଲା। ସେହି ଗଛର ଡାଳରେ ଡାମରା କୁଆଟିଏ ବସିଥାଏ। ବିଲୁଆର କୁକୁଡ଼ାଖିଆ ଦେଖି ତା' ପାଟିରୁ ବି ଲାଳ ବହିଲା। କିନ୍ତୁ ଭୟରେ ବିଲୁଆ ନିକଟକୁ ଆସିପାରୁ ନ ଥାଏ। ତୁରନ୍ତ ସେ ବଡ଼ ଜୋରରେ କାଆ..କାଆ.. ରାବିଲା। ତା' ରାବ ଶୁଣି ସାଥୀ କୁଆମାନେ ଠୁଳ ହୋଇ ତାହାରି ଭଳି ରାବିବାକୁ ଲାଗିଲେ। ଜଙ୍ଗଲ ରାସ୍ତାରେ ଯାଉଥିବା ଜଣେ ଚାଷୀ କୁଆଙ୍କ ରାବ ଶୁଣି କିଛି ଅଘଟଣ ଘଟିଛି ଭାବି ଗଛ ନିକଟକୁ ଆସି ଦେଖେତ ବୁଢ଼ା ବିଲୁଆ କୁକୁଡ଼ା ଖାଉଛି। ଚାଷୀ ଜାଣିପାରିଲା, ବିଲୁଆ ଗାଁରୁ କୁକୁଡ଼ା ଧରି ଆଣିଛି। ସହସା ସେ ପାଟି କରି ଅନ୍ୟ ଗ୍ରାମବାସୀଙ୍କୁ ଡାକ ମାରିଲା। ତା' ଡାକରା ଶୁଣି କେତେକ ଗ୍ରାମବାସୀ ହାତରେ ଠେଙ୍ଗା, ବାଡ଼ି ଧରି ପହଞ୍ଚି ବିଲୁଆକୁ ଘଉଡ଼େଇଲେ। ଏତେଗୁଡ଼ିଏ ଲୋକଙ୍କ ଆକ୍ରମଣରେ ବିଚରା ବିଲୁଆ କୁକୁଡ଼ାକୁ ଅଧାଖିଆରେ ଛାଡ଼ି ଜଙ୍ଗଲ ଭିତରକୁ ଦଉଡ଼ି ପଳାଇଲା। ବିଲୁଆ ଯିବା ପରେ ଡାମରାକାଉ ଓ ତା' ସାଥୀମାନେ କୁକୁଡ଼ା ମାଂସ ଭୋଜିରେ ମାତିଗଲେ। ବିଲୁଆ ମନେମନେ ଭାରି ରାଗିଗଲା। କୁଆଙ୍କ ପାଇଁ କୁକୁଡ଼ା ମାଂସ ପୂରା ଖାଇପାରିଲା ନାହିଁ। ମନରେ ଗଣ୍ଠି ବାନ୍ଧିଲା, ଯେମିତିହେଉ କୁଆମାନଙ୍କଠାରୁ ପ୍ରତିଶୋଧ ନେବ। ଥରେ କିଛି ଦିନଯାଏ ସେ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଲା। କୁଆମାନଙ୍କର ବସା ବର୍ଷାମାଡ଼ରେ ଛିଡ଼ିପଡ଼ିଲା। ଡାମରା କୁଆ ଓ ତା' ସାଥୀ କୁଆମାନେ ବର୍ଷାମାଡ଼ ଖାଇ ଶୀତରେ ଥରିବାକୁ ଲାଗିଲେ। ବିଲୁଆ ଡାମରା କୁଆକୁ ଦେଖି କହିଲା-ଡାମରା ଭାଇ! ତୁମେମାନେ ଯଦି ଚାହିଁବ, ଏ ଝଡ଼ ବର୍ଷାରୁ ରକ୍ଷା ପାଇବା ଲାଗି ମୋ ଗୁମ୍ଫାରେ ରହିପାରିବ। କୁଆମାନେ ଶୀତରେ ଥରୁଥାନ୍ତି। ବିଲୁଆ କଥାକୁ ମାନି ଗୁମ୍ଫାରେ ରହିବାକୁ ୩୦ଟି କୁଆ ରାଜି ହୋଇଗଲେ। ହଠାତ୍ ଦିନେ ରାତିରେ ୧୦ଟି କୁଆ କମିଗଲେ। ଡାମରା କୁଆ ବିଲୁଆକୁ ପଚାରିଲା-ବିଲୁଆ ଭାଇ! କାଲି ରାତିରୁ ୧୦ଟି କୁଆ ଗୁମ୍ଫାରେ ନାହାନ୍ତି। ସେମାନେ ଗଲେ କୁଆଡ଼େ? ଚତୁର ବିଲୁଆ ଉପାୟ ଖଞ୍ଜି କହିଲା- ସେମାନେ ରାତିରେ ଗୁମ୍ଫା ଛାଡ଼ି ଅନ୍ୟଆଡ଼େ ଚାଲିଗଲେ। କାହିଁ ମୋତେ ତ କିଛି ଜଣାଇ ନାହାନ୍ତି? ଡାମରା ଆଶ୍ଚର୍ଯ୍ୟ ହୋଇ ପଚାରିଲା। ସେମାନେ ତୋ' ଉପରେ ବୋଝ ହୋଇ ରହିବାକୁ ଇଚ୍ଛା ନ କରି ନିଜ କାମ ନିଜେ କରିପାରିବେ ବୋଲି କହି ଉଡ଼ିଗଲେ। ଡାମରା ବିଲୁଆ କଥାକୁ ସତ ଭାବି ଚୁପ୍ ରହିଲା। ପୁଣି କିଛିଦିନ ପରେ ଆଉ ୧୦ଟି କୁଆ ଗୁମ୍ଫାରୁ କମିଗଲେ। ଡାମରା ପୁଣିଥରେ ପଚାରିବାରୁ ବିଲୁଆ ବଡ଼ ସରଳତା ଦେଖାଇ କହିଲା-କାଲି ରାତିରେ ୧୦ଟି କୁଆ ମୋ ପାଖକୁ ଆସି କହିଲେ-୧୦ଜଣ ସାଥୀ ଆମଠାରୁ ଚାଲି ଯିବାରୁ ମନ ଗୋଡ଼େଇ ହେଉଛି। ଆମେମାନେ ଯାଉଛୁ ସେମାନଙ୍କୁ ଖୋଜି ଆଣିବୁ। ରାତି ଭିତରେ ସେମାନେ ତାଙ୍କ ସାଥୀଙ୍କୁ ଖୋଜିବା ପାଇଁ ଗୁମ୍ଫା ଛାଡ଼ି ଚାଲିଗଲେ। ବିଲୁଆର ଚତୁର ପଣିଆକୁ ଡାମରା ଆଦୌ ବୁଝିପାରୁ ନ ଥାଏ। ସତକଥା ହେଉଛି, ବିଲୁଆ ରାତିରେ ୧୦-୧୦ କରି ଦୁଇଥର ୨୦ଟି କୁଆ ଖାଇ ସାରିଥାଏ। ଅବଶିଷ୍ଟ ୧୦ଟି କୁଆ କେମିତି ଖାଇବ, ସେଇ ଯୋଜନାରେ ଥାଏ। ତା'ପର ରାତିରେ ସବୁ କୁଆ ଚୁପ୍‌ଚାପ ଶୋଇଥାନ୍ତି। ବିଲୁଆ ଅବଶିଷ୍ଟ ୯ଟି କୁଆ ସହିତ ଡାମରାକୁ ମଧ୍ୟ ମାରି ଖାଇଦେଲା। ନିଜ ଅପମାନର ପ୍ରତିଶୋଧ ନେବାପାଇଁ ଚତୁରତା ସହକାରେ ବିଲୁଆ ୩୦ଟି କୁଆକୁ ଖାଇବା ପରେ ଶାନ୍ତ ହେଲା।■



ସଲ୍ଟ ଲେକ୍, କଲକତା
ମୋ-୯୬୮୧୩୭୩୫୧୨



ତପନ କୁମାର ସ୍ୱାଇଁ

ଦିନୁ ଦିନ ଖରା ବଢୁଛି ଏମିତି
ପଦାକୁ ହେଉନି ବାହାରି,
ଗଛଟିଏ ନାହିଁ ବାଡ଼ି ବଗିଚାରେ
ଦେଖିବ ଆସୁନ କାହାରି ।
କଂକ୍ରିଟ୍‌ରେ ଗଢ଼ା ରାସ୍ତାଘାଟ ଘର
ଉତ୍ତାପରେ ରହି ହେଉନି,
ପାଣି ମୁନ୍ଦେ କିଏ ମାଗିଲେ ଦାଣ୍ଡରେ
ପଦାକୁ ବାହାରି ଦେଉନି ।
ବୁଲା ଗୋରୁ ଗାଈ, କୁକୁର, ବିଲୁଆ
ଡହଳ ବିକଳ ହୁଅନ୍ତି,
ଗଛ ଥିଲା ବେଳେ ଖରା ଦିନେ ସବୁ
ଗଛ ଛାଇ ଦେଖି ଶୁଅନ୍ତି ।
ବନ୍ୟା, ବାତ୍ୟାଠାରୁ ରକ୍ଷା ପାଇବାକୁ
କୋଠାଘର ସିନା ଗଢ଼ିଲେ,
ଗଛ କାଟିବାକୁ କୋଉ ବହିଠାରୁ
ଏଇ କଥା କ'ଣ ପଢ଼ିଲେ !
ସୁଖରେ ଦୁଃଖରେ ମାଆ ପରି ସିଏ
ଆମ କଥା ନିତି ବୁଝଇ,
ନିଜ ଜୀବନକୁ ଦାନ କରି ଦେଇ
ଆମ ଋଣ ସିଏ ଶୁଝଇ ।
ଦୁନିଆରେ ଯେତେ ଉପକାରୀ ବନ୍ଧୁ
ଗଛଠାରୁ ସବୁ ପଛରେ,
ତା' ଠାରୁ ଅଧିକ ଉପକାରୀ ଆଉ
କିଏ କୁହ ଜଣେ ଅଛରେ ।■

ମହାନଦୀ ବିହାର, କଟକ
ମୋ - ୯୦୪୦୦୩୩୩୯୦

## ସକାଳ ଶିଶୁ କୁଇଜ୍-୧୧୭

(୧) 'ଲାବଣି' କେଉଁ ରାଜ୍ୟର ଲୋକନୃତ୍ୟ?
ଉତ୍ତର : ______

(୨) ବଦ୍ରିନାଥ ମନ୍ଦିର ଭାରତ କେଉଁ ରାଜ୍ୟରେ ଅଛି?
ଉତ୍ତର : ______

(୩) ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ କିଏ ଥିଲେ?
ଉତ୍ତର : ______

(୪) ଭାରତର ପ୍ରଥମ ସବାକ୍ ଚଳଚ୍ଚିତ୍ରର ନାମ କ'ଣ?
ଉତ୍ତର : ______

(୫) 'ଦେଶବନ୍ଧୁ' ଉପାଧି କେଉଁ ମହାପୁରୁଷଙ୍କୁ ଦିଆଯାଇଛି?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଓମ୍ ପ୍ରକାଶ ରଣା, ଚକେଇସିହାଣି, ଭୁବନେଶ୍ୱର
- ପ୍ରତୀକ୍ଷା ପ୍ରିୟଦର୍ଶିନୀ ସାମଲ, ପାରାଦୀପ

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯











**ଶାନ୍ତନୁ ଶାନ୍ତିସ୍ୱରୂପ**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



**ଉପାଲି ବେହେରା**
ଷଷ୍ଠ ଶ୍ରେଣୀ
ଅମ୍ରିତା ବିଦ୍ୟାଳୟମ୍
ଯାଁଳା, ଭୁବନେଶ୍ୱର



**ବିଘ୍ନେଶ ନନ୍ଦନ ମେଣ୍ଡାଲି**
ପ୍ରଥମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮
ଭୁବନେଶ୍ୱର



**ପ୍ରିୟମ୍ବଦା ହୋତା**
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର

# କ୍ରୀଡ଼ା



## ଗିଲ୍ ଓ ସୁଦର୍ଶନଙ୍କ ଚମତ୍କାର ଶତକ; ଚେନ୍ନାଇ ପରାସ୍ତ

# ଗୁଜରାଟର ପ୍ଲେ ଅଫ୍ ଆଶା ଉଜ୍ଜୀବିତ

**ଅହମ୍ମଦାବାଦ୍, ୧୦।୫(ଏଜେନ୍ସି):** ଓପନର ଶୁବମାନ ଗିଲ୍ (୧୦୪) ଓ ସାଇ ସୁଦର୍ଶନ (୧୦୩)ଙ୍କ ଚମତ୍କାର ଶତକ ଏବଂ ମୋହିତ ଶର୍ମା (୩/୩୧)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍‌ର ୫୯ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୩୫ ରନ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ଗୁଜରାଟ ୧୦ ପଏଣ୍ଟ ପାଇ ସାରଣୀର ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦ୍ୱାଦଶ ମୁକାବିଲାରୁ ଷଷ୍ଠ ପରାଜୟ ସହ ଚେନ୍ନାଇ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିବା ଆଶଙ୍କା ମଧ୍ୟକୁ ଚାଲିଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ୩ ୱିକେଟରେ ୨୩୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଦର୍ଶନ ୫୧ ବଲ୍‌ରେ ୧୦୩ ଓ ଗିଲ୍ ୫୫ ବଲ୍‌ରେ ୧୦୪ ରନ୍ କରିଥିଲେ। ଜବାବରେ ଚେନ୍ନାଇ ସମାନ ସଂଖ୍ୟକ ୨୦ ଓଭରରୁ ୮ ୱିକେଟ ହରାଇ ୧୯୬ ରନ୍ କରିପାରିଥିଲା। ଦଳ ପକ୍ଷରୁ ଡାରିଲ ମିଚେଲ ୬୩ ଓ ମୋଇନ୍ ଅଲି ୫୬ ରନ୍ କରିଥିଲେ। ଏମାନେ ୫୭ ବଲ୍‌ରେ ୧୦୯ ରନ୍ ଉଠାଇଥିଲାବେଳେ ମୋହିତ ଶର୍ମା ଦମ୍‌ରେ ଖେଳୁଥିବା ମିଚେଲଙ୍କୁ ଆଉଟ କରି ଏହି ଯୋଡି ଭାଙ୍ଗିଦେଇଥିଲେ। ଏହାପରେ ମୋଇନ୍ ଓ ଶିବମ ଦୁବେ (୨୧)ଙ୍କୁ ଆଉଟ କରି ମୋହିତ ଚେନ୍ନାଇର ବିଜୟ ଆଶାକୁ ଧୂଳିସାତ କରିଦେଇଥିଲେ। ରବୀନ୍ଦ୍ର ଜାଡେଜା ୧୦ ବଲ୍‌ରୁ ୧୮ ଓ ଏମ୍‌ଏସ୍ ଧୋନି ୧୧ ବଲ୍‌ରୁ ଅପରାଜିତ ୨୬ ରନ୍ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଗୁଜରାଟ ପକ୍ଷରୁ ମୋହିତ ସର୍ବାଧିକ ୩ଟି ଓ ରଶିଦ୍ ଖାନ ୨ଟି ୱିକେଟ ପାଇଥିଲେ। ପୂର୍ବରୁ ଗୁଜରାଟ ପକ୍ଷରୁ ପ୍ରଥମ ୱିକେଟରେ ଗିଲ୍ ଓ ସୁଦର୍ଶନ ୨୧୦ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ପକ୍ଷରୁ ସର୍ବାଧିକ ଓପନିଂ ପାର୍ଟନରସିପ୍ କରିବାରେ ରେକର୍ଡ କରିଥିଲେ।




### ଗିଲ ବନାମ ସୁଦର୍ଶନ ଲଢ଼େଇ

ଗୁଜରାଟ ପକ୍ଷରୁ ଅଧିନାୟକ ଗିଲ ଓ ସାଇ ସୁଦର୍ଶନ ବ୍ୟାଟିଂ ଆରମ୍ଭ କରି ନିଜ ମଧ୍ୟରେ ରନ୍ ସଂଗ୍ରହ ଓ ସଟ୍ ମାରିବାରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଯାହା ଫଳରେ ଚେନ୍ନାଇର ଦୁର୍ବଳ ବୋଲିଂ ଆଗରେ ଗୁଜରାଟ ମନଇଛା ରନ୍ ସଂଗ୍ରହ କରିଥିଲେ। ସମସ୍ତ ବୋଲରଙ୍କୁ ପଡ଼ିଆର ଚାରିଆଡ଼କୁ ସଟ୍‌ମାନ ମାରି ଏମାନେ ପ୍ରଥମ ୱିକେଟରେ ୧୦୪ ବଲ ବା ୧୭.୨ ଓଭରରେ ୨୧୦ ରନ୍ ଉଠାଇ ଦଳ ଲାଗି ଏକ ବିଶାଳ ସ୍କୋର ଛିଡ଼ା କରାଇଥିଲେ। ଏମାନେ ନିଜ ଦଳ ଲାଗି ପ୍ରଥମ ୱିକେଟରେ ସର୍ବାଧିକ ଓ ସମସ୍ତ ଆଇପିଏଲ୍ ପାର୍ଟନରସିପ୍‌ରେ ତୃତୀୟ ଯୁଗ୍ମ ସର୍ବାଧିକ ରନ୍ କରିଥିଲେ। ପ୍ରଥମେ ଆଉଟ ହୋଇଥିବା ସୁଦର୍ଶନ ୩୨ବଲ୍‌ରେ ଅର୍ଦ୍ଧଶତକ ଓ ୫୦ ବଲ୍‌ରେ ଛକା ମାରି ଶତକ ହାସଲ କରିଥିଲେ। ସେହିପରି ୨୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଗିଲ୍ ମଧ୍ୟ ୫୦ତମ ବଲ୍‌ରେ ଛକା ମାରି ଆଇପିଏଲ୍‌ରେ ଷଷ୍ଠ ଶତକ ପୂରଣ କରିଥିଲେ। ସେ ୫୫ ବଲ୍ ଖେଳି ୯ ଚୌକା ଓ ୬ ଛକା ସହାୟତାରେ ୧୦୪ ଓ ସୁଦର୍ଶନ ୫୧ବଲ୍‌ରୁ ୫ ଚୌକା ଓ ୭ଛକା ସହ ୧୦୩ ରନ୍ କରି ଆଉଟ ହୋଇଥିଲେ। ଏହି ଶତକ ସହ ଏହି ଭେନ୍ୟୁରେ ୪ଟି ଶତକ ସହ ହଜାରେ ରନ୍ ପୂରଣ କରିଛନ୍ତି। କିନ୍ତୁ ଶେଷ ଭାଗରେ ଚେନ୍ନାଇର ବୋଲରମାନେ ସୁନ୍ଦର ବୋଲିଂ କରି ୫ ଓଭରରେ ମାତ୍ର ୪୧ ରନ୍ ଦେଇଥିଲେ। ଯାହା ଫଳରେ ଗୁଜରାଟ ଦଳଗତ ବିଭାଗରେ କିଛି ରେକର୍ଡ କରି ପାରି ନଥିଲା। ଏହି ସମୟରେ ଦୁଇ ପେସ୍ ବୋଲର ତୁଷାର ଦେଶପାଣ୍ଡେ ଓ ଶାର୍ଦ୍ଦୁଳ ଠାକୁର ସୁନ୍ଦର ନିୟନ୍ତ୍ରଣ ରଖି ବୋଲିଂ କରିଥିଲେ। ଗୁଜରାଟ ହରାଇଥିବା ୩ଟି ୱିକେଟ ମଧ୍ୟରୁ ତୁଷାରଙ୍କୁ ୨ଟି ୱିକେଟ ମିଳିଥିଲା। ଗୁଜରାଟ ଅଧିନାୟକ ଗିଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଛନ୍ତି।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**କୋଲକାତା- ମୁମ୍ବାଇ**
**ସ୍ଥାନ**- କୋଲକାତା, **ସମୟ**- ରାତି ୭.୩୦
**- ପ୍ରସାରଣ -**
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ | ୧୧ | ୮ | ୩ | ୧୬ | +୦.୪୭୬ |
| ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ | ୧୨ | ୬ | ୬ | ୧୨ | +୦.୪୯୧ |
| ଦିଲ୍ଲୀ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ | ୧୨ | ୬ | ୬ | ୧୨ | -୦.୭୬୯ |
| ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ଗୁଜରାଟ | ୧୨ | ୫ | ୭ | ୧୦ | -୧.୦୬୩ |
| ମୁମ୍ବାଇ | ୧୨ | ୪ | ୮ | ୮ | -୦.୨୧୨ |
| ପଞ୍ଜାବ | ୧୨ | ୪ | ୮ | ୮ | -୦.୪୨୩ |

## ଦୋହା ଡାଇମଣ୍ଡ ଲିଗ୍

# ନୀରଜ ଦ୍ୱିତୀୟ, କିଶୋର ୯ମ

**ଦୋହା, ୧୦।୫(ଏଜେନ୍ସି):** ଦୋହା ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିଥିବା ଓଡ଼ିଆ ଜାଭେଲିନ ପିଙ୍ଗାଳି କିଶୋର ଜେନା ଆଶାନୁରୂପ ପ୍ରଦର୍ଶନ କରି ନପାରି ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।



ତେବେ ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ତଥା ଆଥଲେଟିକ ସୁପରଷ୍ଟାର ନୀରଜ ଚୋପ୍ରା ତାଙ୍କ ଷଷ୍ଠ ତଥା ଅନ୍ତିମ ପ୍ରୟାସରେ ୮୮. ୩୬ ମିଟର ଜାଭେଲିନ ପିଙ୍ଗି ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି ଓ ଟାଇଟଲ ବଜାୟ ରଖିବାରେ ସଫଳ ହୋଇ ନାହାଁନ୍ତି। ଚେକ ଗଣରାଜ୍ୟର ଜାକୁବ ଭାଲଡେଚ୍ ୮୮. ୩୮ ମିଟର ପିଙ୍ଗି ପ୍ରଥମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ସେହିପରି ଗ୍ରେନେଡାର ଆଣ୍ଡରସନ ପିଟର୍ସ ଅନ୍ତିମ ପ୍ରୟାସରେ ୮୬.୬୨ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଥିଲେ। ପ୍ରଥମ ପ୍ରୟାସରେ କିଶୋର ୭୫. ୭୨ ମିଟର ଜାଭେଲିନ୍ ଫିଙ୍ଗିଥିଲେ। ତାଙ୍କର ଦ୍ୱିତୀୟ ପ୍ରୟାସ ଫାଉଲ ଥିଲା। ତୃତୀୟ ପ୍ରୟାସରେ ସେ ୭୬.୩୧ ମିଟର ଥ୍ରୋ କରି ୯ମ ସ୍ଥାନରେ ରହିଥିଲେ। ଅନ୍ତିମ ଦୁଇଟି ସ୍ଥାନରେ ରହିବା କାରଣରୁ ସେ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲେ ଓ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

### ଅନ୍ତିମ ପ୍ରୟାସରେ ନୀରଜଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ନୀରଜଙ୍କ ପ୍ରଥମ ପ୍ରୟାସ ଫାଉଲ ଥିଲା। ସେହିପରି ସେ ଦ୍ୱିତୀୟ ପ୍ରୟାସରେ ୮୪.୯୪ ମିଟର ପିଙ୍ଗିଥିଲେ। ତୃତୀୟ ପ୍ରୟାସରେ ସେ ୮୬.୨୪ ମିଟର ପିଙ୍ଗି ଦ୍ୱିତୀୟ ସ୍ଥାନକୁ ଫେରିଥିଲେ। ଶ୍ରେଷ୍ଠ ୮ଜଣ ପ୍ରତିଯୋଗୀ ଅନ୍ତିମ ୩ ରାଉଣ୍ଡରେ ପରସ୍ପରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଚତୁର୍ଥ ପ୍ରୟାସରେ ନୀରଜ ୮୬.୧୮ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଥିଲେ। ୫ମ ପ୍ରୟାସରେ ନୀରଜଙ୍କ ପ୍ରଦର୍ଶନ ନିମ୍ନଗାମୀ ହୋଇଥିଲା ଓ ସେ ୮୨.୨୮ ମି. ଫିଙ୍ଗିଥିଲେ ମଧ୍ୟ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିଲେ। ୫ ପ୍ରୟାସ ପରେ ଶ୍ରେଷ୍ଠ ୩ ପ୍ରତିଯୋଗୀ ଆଉ ଗୋଟିଏ ରାଉଣ୍ଡ ବା ପ୍ରୟାସର ସୁଯୋଗ ପାଇଥିଲେ। ଏହିକ୍ରମରେ ନୀରଜ ତାଙ୍କ ଷଷ୍ଠ ତଥା ଅନ୍ତିମ ପ୍ରୟାସରେ ଶ୍ରେଷ୍ଠ ପ୍ରଦର୍ଶନ କରି ୮୮.୩୬ ମିଟର ଜାଭେଲିନ୍ ଫିଙ୍ଗିଥିଲେ ମଧ୍ୟ ଶୀର୍ଷ ସ୍ଥାନ ଅକ୍ତିଆର କରିବାରେ ସଫଳ ହୋଇ ନଥିଲେ ଓ ସେ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେ ଅଧିକ ୦.୦୨ ମିଟର ଥ୍ରୋ କରିଥିଲେ ଶୀର୍ଷ ସ୍ଥାନରେ ରହିବା ସହ ଟାଇଟଲ ବଜାୟ ରଖିଥାନ୍ତେ।

### ଆୟର୍ଲାଣ୍ଡ ନିକଟରୁ ହାରିଲା ପାକିସ୍ତାନ

**ଡବ୍‌ଲିନ୍, ୧୦।୫(ଏଜେନ୍ସି):** ଆଣ୍ଡ୍ରୁ ବଲବିର୍ଣ୍ଣିଙ୍କ ୫୫ ବଲ୍‌ରେ ୭୭ ରନ୍ ସହାୟତାରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଟି-୨୦ରେ ଆୟର୍ଲାଣ୍ଡ ୫ ୱିକେଟରେ ପାକିସ୍ତାନକୁ ହରାଇଛି। ବାବର ଆଜମଙ୍କ ୫୭ ଓ ସଇମ୍ ଆୟୁବଙ୍କ ୪୫ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୮୨ ରନ୍ କରିଥିଲା। ଆୟର୍ଲାଣ୍ଡ ୧୯.୫ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ହ୍ୟାରୀ ଟେକ୍ଟର ୩୬, ଜର୍ଜ ଡକ୍‌ରେଲ ୧୨ ବଲ୍‌ରେ ୨୪ ଓ କର୍ଟିସ କାମ୍ଫର ୭ ବଲ୍‌ରେ ୧୫* ରନ୍ କରି ଦଳକୁ ଜିତାଇଥିଲେ।

# ଜାତୀୟ କରାଟେ: ଶୁଭକାନ୍ତ ବିଶ୍ୱାଳଙ୍କୁ ସ୍ୱର୍ଣ୍ଣ




**ଭୁବନେଶ୍ୱର, ୧୦।୫ (ସମିସ):** ଓଡ଼ିଶାର ଶୁଭକାନ୍ତ ବିଶ୍ୱାଳ ଡେରାଡୁନ୍‌ରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ୨୧ ବର୍ଷରୁ କମ୍ ପୁରୁଷ ୮୪ କିଲୋରୁ ଊର୍ଦ୍ଧ୍ୱ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଗତକାଲି ପ୍ରଥମ ଦିନରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କରାଟେକା ଭାଲେନା ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଦ୍ୱିତୀୟ ଦିନରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ମିଳିଛି। ପ୍ରଥମ ଦିନରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ କାଂସ୍ୟ ସହ ୪ଟି ପଦକ ମିଳିଥିଲା। ଶୁକ୍ରବାର ଦ୍ୱିତୀୟ ଦିନ ମହିଳା ୫୦ କିଲୋଗ୍ରାମ୍‌ରେ ଲୋମା ସ୍ୱାଇଁ, ୨୧ ବର୍ଷରୁ କମ୍ ବିଭାଗ ବ୍ୟକ୍ତିଗତ କରାଟେରେ ରୌପ୍ୟ, ୨୧ ବର୍ଷରୁ କମ୍ ୫୫ କିଲୋଗ୍ରାମ୍ ମହିଳା ବିଭାଗରେ ପ୍ରିୟଦର୍ଶିନୀ ଦାସ, ଓ ପୁରୁଷ ବିଭାଗରେ ଦିବେଶ କୁମାର ବରଦା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ଦିନ ଶେଷ ସୂଚନା ମିଳିଲାବେଳକୁ ଓଡ଼ିଶା ୩ ସ୍ୱର୍ଣ୍ଣ, ୩ ରୌପ୍ୟ ୩ କାଂସ୍ୟ ସହ ୯ଟି ପଦକ ଜିତିବାରେ ସମର୍ଥ ହୋଇଛି।

# ସର୍ବାଧିକ ଛକା ଓ ଶତକରେ ଆଇପିଏଲ୍ ରେକର୍ଡ

**ନୂଆଦିଲ୍ଲୀ, ୧୦।୫(ଏଜେନ୍ସି):** ଗୁଜରାଟ ଟାଇଟାନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍‌ସ ମଧ୍ୟରେ ଏଠାରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ୨୫ଟି ଛକା ଦେଖିବାକୁ ମିଳିଥିଲା। ଆଇପିଏଲ୍‌ର ଚଳିତ ସଂସ୍କରଣରେ ଏହା ଗୋଟିଏ ମ୍ୟାଚ୍‌ରେ ଦ୍ୱିତୀୟ ସର୍ବାଧିକ ଛକା ମରାଯାଇଛି। ଏହା ଫଳରେ ଆଇପିଏଲ୍-୨୦୨୪ର ଛକା ସଂଖ୍ୟା ୧୦୬୩ରେ ପହଞ୍ଚିଛି। ଗୋଟିଏ ସଂସ୍କରଣରେ ସର୍ବାଧିକ ଛକା ମରାଯିବାରେ ରେକର୍ଡ ହୋଇଛି। ପୂର୍ବରୁ ୨୦୨୨ରେ ୧୦୬୨ ଓ ୨୦୨୩ରେ ୧୧୨୪ଟି ଛକା ମରାଯାଇଥିଲା। ଏହି ମ୍ୟାଚ୍‌ରେ ଗୁଜରାଟର ଦୁଇ ଖେଳାଳି ଶତକ ହାସଲ କରିଛନ୍ତି। ଏହା ଫଳରେ ଚଳିତ ଆଇପିଏଲ୍‌ରେ ସର୍ବାଧିକ ୧୩ଟି ଶତକ ସଂଗୃହୀତ ହୋଇ ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୩ ୱିକେଟରେ ୨୩୧ ରନ୍ କରିଥିଲା। ଚେନ୍ନାଇ ବିପକ୍ଷରେ ଏହା ସର୍ବାଧିକ ରନ୍‌ର ହେବାର ରେକର୍ଡ ସହ ସମକକ୍ଷ ହୋଇଛି। ପୂର୍ବରୁ ପଞ୍ଜାବ କିଙ୍ଗ୍‌ସ ୨୦୧୪ରେ ୪ ୱିକେଟ ହରାଇ ୨୩୧ ରନ୍ କରିଥିଲା।

ଗୁଜରାଟର ପ୍ରଥମ ପାଳିରେ ଶୁବମାନ ଗିଲ୍ ଓ ସାଇ ସୁଦର୍ଶନ ଶତକ ହାସଲ କରିବା ସହ ପ୍ରଥମ ୱିକେଟ୍‌ରୁ ୨୧୦ ରନ୍ ଉଠାଇଥିଲେ। ଆଇପିଏଲ୍‌ର ଯେ କୌଣସି ୱିକେଟରେ ଏହା ଯୁଗ୍ମ ତୃତୀୟ ସର୍ବାଧିକ ସ୍କୋର। ପୂର୍ବରୁ କେକେଆର ବିପକ୍ଷରେ ଲକ୍ଷ୍ନୌର ରାହୁଲ ଓ ଡି କକ୍ ପ୍ରଥମ ୱିକେଟରେ ୨୧୦ ରନ୍ କରିଥିଲେ। କିନ୍ତୁ ଆଇପିଏଲ୍‌ରେ ସର୍ବାଧିକ ୨୨୯ ରନ୍‌ର ପାର୍ଟନରସିପ୍‌ର ରେକର୍ଡ ଡିଭିଲିୟର୍ସ ଓ କୋହଲିଙ୍କ ନାମରେ ରହିଛି। ଗୁଜରାଟ ଲାୟନ୍ସ ବିପକ୍ଷ ମ୍ୟାଚ୍‌ରେ ଏହା ସଂଗୃହୀତ ହୋଇଥିଲା। ଗୋଟିଏ ପାଳିରେ ତୃତୀୟଥର ଲାଗି ଦୁଇଜଣ ଖେଳାଳି ଶତକ ହାସଲ କରିଛନ୍ତି। ପୂର୍ବରୁ ବେଙ୍ଗାଲୁରୁ ଓ ହାଇଦ୍ରାବାଦ୍‌ର ଦୁଇ ଖେଳାଳି ଏହି ସଫଳତା ପାଇଛନ୍ତି।

## ଏସୀୟ ମହିଳା ଭଲିବଲ୍ ଚାମ୍ପିଅନସିପ୍

# ଲୋତକବିନ୍ଦୁ ଭାରତର ପ୍ରଶିକ୍ଷକ

**ଭୁବନେଶ୍ୱର, ୧୦।୫(ସମିସ):** ଫିଲିପାଇନ୍ସରେ ଆସନ୍ତା ୨୫ରୁ ଜୁନ୍ ୧ ତାରିଖ ମଧ୍ୟରେ ଏସୀୟ ମହିଳା ଭଲିବଲ୍ ଚାମ୍ପିଅନସିପ୍ ଆୟୋଜନ ହେବ। ଏହି



ମେଗା ଇଭେଣ୍ଟ ପାଇଁ ଲୋତକବିନ୍ଦୁ ଦାଶ ଭାରତୀୟ ବିରଷ୍ଠ ମହିଳା ଦଳର କୋଚ୍ ଭାବେ ମନୋନୀତ ହୋଇଛନ୍ତି। ଏଫ୍‌ଆଇଭିବି ଲିଭେଲ-୨ କୋଚ୍ ଭାବେ ମାନ୍ୟତା ପାଇଥିବା ଲୋତକ ଓଡ଼ିଶା ପାଇଁ ସାଫ୍ କ୍ରୀଡ଼ାରେ ପ୍ରଥମ ଭଲିବଲ ଖେଳାଳିଭାବେ ପ୍ରତିନିଧିତ୍ୱ କରିଥିଲେ। ଏବେ ସେ ସ୍ପୋର୍ଟ୍ସ ଇନିସ୍‌ପେକ୍ଟର ଭାବେ କାର୍ଯ୍ୟ କରୁଥିବା ଲୋତକବିନ୍ଦୁ ପୂର୍ବତଟ ରେଳବାଇର ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱରେ ରହିଛନ୍ତି। ଅଧିନରେ ଓଡ଼ିଶା ଦଳ ୩୪ତମ ଫେଡେରେସନ କପ୍ ଭଲିବଲ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲା। ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାକୁ ଭୁବନେଶ୍ୱର ପୂର୍ବତଟ ରେଳବାଇର କେ ବୀଣା ମନୋନୀତ ହୋଇଛନ୍ତି। ବେଙ୍ଗାଲୁରୁ ସାଇ ସେଣ୍ଟରରେ ଗତ ୮ରୁ ଆରମ୍ଭ ହୋଇ ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୩ ତାରିଖରେ ଶେଷ ହେବ।

### ଏସିଆନ ମହିଳା ଭଲିବଲ: ଭାରତୀୟ ଦଳରେ ଲିପିକା

୧୮ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ ଚାମ୍ପିଅନସିପ୍ ପାଇଁ ଆଉ ଜଣେ ଓଡ଼ିଆ ଝିଅ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ଲିପିକା ଖେସ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଲିପିକା ଓ ଲୋତକଙ୍କୁ ଓଡ଼ିଶା ଭଲିବଲ ଆସୋସିଏସନ ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।

# ନୂଆ ପ୍ରଶିକ୍ଷକ ପାଇଁ ବିଜ୍ଞାପନ ଦେବ ବିସିସିଆଇ

**ନୂଆଦିଲ୍ଲୀ, ୧୦।୫(ଏଜେନ୍ସି):** ଖୁବଶୀଘ୍ର ଭାରତୀୟ କ୍ରିକେଟ ଦଳକୁ ଜଣେ ନୂଆ ପ୍ରଶିକ୍ଷକ ମିଳିବ। ଭାରତୀୟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଖୁବ୍‌ଶୀଘ୍ର ନୂଆ ପ୍ରଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ଜାରି କରିବ। ବିସିସିଆଇ ସମ୍ପାଦକ ଜୟ ଶାହା ଏ ନେଇ ସୂଚନା ଦେଇଛନ୍ତି। ଏବେକାର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ଆଗାମୀ ଜୁନ୍‌ରେ ପୂରା ହେବାକୁ ଯାଉଛି। ତେଣୁ ସେ ଯଦି ପୁଣି ଥରେ କୋଚ୍ ହେବାକୁ ଚାହାନ୍ତି, ତେବେ ସେ ଆବେଦନ କରିବାରେ କୌଣସି ସମସ୍ୟା ନାହିଁ ବୋଲି ଶାହା କହିଛନ୍ତି। ଦ୍ରାବିଡ଼ ୨୦୨୧ ନଭେମ୍ବରରୁ ଭାରତୀୟ ଦଳର ହେଡ୍ କୋଚ୍ ଦାୟିତ୍ୱରେ ରହିଆସିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଭାରତ ଏସିଆ କପ୍ ଚାମ୍ପିଅନ ହେବା ଏକମାତ୍ର ସଫଳତା। ଏହି ସମୟରେ ଭାରତ ଟି-୨୦ ବିଶ୍ୱକପ୍ ସେମିରେ ଖେଳିଥିଲାବେଳେ ଗତବର୍ଷ ଘରୋଇ ମାଟିରେ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ନିକଟରୁ ହାରି ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଟି-୨୦ ବିଶ୍ୱକପ୍ ଲାଗି ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା। ଏବେ ନୂଆ କୋଚ ନିଯୁକ୍ତ ପରେ ଅନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କୁ ଚୟନ କରାଯିବ।

## ଜେ୩୦ ଆଇଟିଏଫ୍ ବିଶ୍ୱ କନିଷ୍ଠ ଟେନିସ ଉଦ୍‌ଯାପିତ

# ଓଡ଼ିଶାର ଦେବାଶିଷ, ସୋହିନୀ ରନର୍ସଅପ୍

**ଭୁବନେଶ୍ୱର, ୧୦।୫(ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଜେ୩୦ ଆଇଟିଏଫ୍ ବିଶ୍ୱ ଟେନିସ ଟୁର କନିଷ୍ଠ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଓଡ଼ିଶା ଟେନିସ ସଂଘ (ଓଟିଏ), ସର୍ବ ଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଶେଷ ହୋଇଛି। ବାଳକ ବିଭାଗ ଫାଇନାଲରେ ଭାରତର ପ୍ରନୀଲ ଶର୍ମା ନିଜ ଦେଶର ତଥା ଓଡ଼ିଶାର ଦେବାଶିଷ ସାହୁଙ୍କୁ ୬-୪, ୭-୫ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ବାଳିକା ବିଭାଗ ଫାଇନାଲରେ ଆମେରିକାର ପ୍ରିୟଙ୍କା ରାଣା ୬-୩, ୬-୦ ସିଧାସଳଖ ସେଟ୍‌ରେ ଭାରତର ପ୍ରିଶା ନିଖିଲ ଶିନ୍ଦେଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଅନ୍ୟପଟେ ବାଳିକା ଯୁଗଳ ପ୍ରତିଯୋଗିତାରେ ଭାରତର ଲକ୍ଷ୍ମୀଶ୍ରୀ ଦଣ୍ଡୁ ଓ ଆମେରିକାର ପ୍ରିୟଙ୍କା ଫାଇନାଲରେ




୬-୭, ୬-୪ ସେଟ୍‌ରେ ଭାରତୀୟ ଯୋଡି ଆକ୍ରୁତି ସୋନକୁଶାରେ ଓ ସୋହିନି ସଞ୍ଜୟ ମହାନ୍ତିଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ବାଳକ ଯୁଗଳରେ ଭାରତର ଓଜସ ମେହଲାୱତ୍ ଓ ଅଧିରାଜ ଠାକୁର ଫାଇନାଲ ମୁକାବିଲାରେ ୬-୩, ୬-୨ ସେଟ୍‌ରେ ରୋହିତ ହରି ବାଲାଜୀ ଗୋବିନାଗାବିନାଥ ଓ ଥିରୁମୁରୁଗାନ ବିଶ୍ୱନାଥନଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ୍ ମହାନ୍ତି, ଯୁଗ୍ମ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ରାଜ୍ୟ କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଆଇଟିଏଫ୍ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ ଓ ସମ୍ବିତ ପଟ୍ଟନାୟକଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ସଫଳ ଭାବେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତ ସମେତ, କାନାଡା, ନେପାଳ, ବାଂଲାଦେଶ ଓ ଆମେରିକାର ମୋଟ୍ ୧୧୫ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA